୬ ଭାରତୀୟ ସିନେମାରେ ୱାର୍ଣ୍ଣରଙ୍କ ପ୍ରବେଶ : ଦିନକୁ ନେବେ କୋଟିଏ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୩୮ ● ୫ ମାର୍ଚ୍ଚ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-38 ● 5th March 2025, Wednesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଅର୍ଥନୈତିକ ଅଭିବୃଦ୍ଧିରେ ଏମ୍‌ଏସ୍‌ଏମଇ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ନୂଆଦିଲ୍ଲୀ, ୪।୩**

ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ଏମଏସଏମଇ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତର ଉତ୍ପାଦନ ଏବଂ ଶିଳ୍ପ ଅଭିବୃଦ୍ଧିର ମେରୁଦଣ୍ଡ ହେଉଛି ଆମର ଏମଏସଏମଇ କ୍ଷେତ୍ର। ମଙ୍ଗଳବାର ବଜେଟ ପରବର୍ତ୍ତୀ ୱେବିନାରରେ ଯୋଗ ଦେଇ ଶ୍ରୀ ମୋଦି କହିଛନ୍ତି, ସରକାର ଏମଏସଏମଇ କ୍ଷେତ୍ରର ବିକାଶ ଏବଂ ସୁଦୃଢ଼ୀକରଣ ପାଇଁ ପ୍ରତିଶ୍ରୁତିବଦ୍ଧ। ବିଗତ ୧୦ ବର୍ଷ ମଧ୍ୟରେ ଭାରତ ସଂସ୍କାର, ଆର୍ଥିକ ଶୃଙ୍ଖଳା, ସ୍ୱଚ୍ଛତା ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ନିଜର ପ୍ରତିବଦ୍ଧତାକୁ କ୍ରମାଗତ ଭାବରେ ପ୍ରଦର୍ଶନ କରିଛି ବୋଲି ସେ କହିଛନ୍ତି।



ପ୍ରଧାନମନ୍ତ୍ରୀ କହିଛନ୍ତି, ନିରନ୍ତରତା ଏବଂ ସଂସ୍କାରର ନିଶ୍ଚିତତା ହେଉଛି ଏକ ପରିବର୍ତ୍ତନ, ଯାହା ଆମ ଶିଳ୍ପ ମଧ୍ୟରେ ନୂତନ ଆତ୍ମବିଶ୍ୱାସ ଆଣିଛି । ଆଜି ବିଶ୍ୱର ପ୍ରତ୍ୟେକ ଦେଶ ଭାରତ ସହ ନିଜର ଅର୍ଥନୈତିକ ଭାଗିଦାରୀକୁ ସୁଦୃଢ଼ କରିବାକୁ ଚାହୁଁଛନ୍ତି। ଆମର ଉତ୍ପାଦନ କ୍ଷେତ୍ର ଏହି ଭାଗିଦାରୀର ସର୍ବାଧିକ ଫାଇଦା ଉଠାଇବା ପାଇଁ ଆଗେଇ ଆସିବା ଉଚିତ୍। ଆମେ ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ଆଗେଇ ନେଇଛୁ ଏବଂ ସଂସ୍କାରର ଗତିକୁ ତ୍ୱରାନ୍ୱିତ କରିଛୁ । ଶ୍ରୀ ମୋଦି କହିଛନ୍ତି, ଆମର ପ୍ରୟାସ ଯୋଗୁ ଅର୍ଥନୀତି ଉପରେ କୋଭିଡର ପ୍ରଭାବକୁ ହ୍ରାସ କରିଥିଲା। ଫଳରେ ଭାରତକୁ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ କରିବାରେ ସାହାଯ୍ୟ କରିଥିଲା। ଭାରତର ଉତ୍ପାଦନ ଯାତ୍ରାରେ ଗବେଷଣା ଓ ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ଏହାକୁ ଆହୁରି ଉନ୍ନତ ଏବଂ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଗବେଷଣା ଏବଂ ବିକାଶ ମାଧ୍ୟମରେ, ଆମେ ଅଭିନବ ଉତ୍ପାଦ ଉପରେ ଧ୍ୟାନ ଦେଇପାରିବା ଏବଂ ଉତ୍ପାଦଗୁଡିକରେ ମୂଲ୍ୟ ମଧ୍ୟ ଯୋଡିପାରିବା।

## ଅଷ୍ଟ୍ରେଲିଆକୁ ହରାଇ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ଭାରତ

**ଦୁବାଇ, ୪।୩**

ଚେଜ୍ ମାଷ୍ଟର ବିରାଟ କୋହଲିଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ବଳରେ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ପ୍ରଥମ ସେମି ଫାଇନାଲ୍‌ରେ ଅଷ୍ଟ୍ରେଲିଆକୁ ହରାଇଛି ଭାରତ। ବିଜୟ ସହ ଭାରତ ଫାଇନାଲ୍‌ରେ ପହଞ୍ଚିବା ସହ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ୍ ପରାଜୟର ମଧୁର ପ୍ରତିଶୋଧ ନେଇଛି। ୨୦୧୩ ଓ ୨୦୧୭ ପରେ ଭାରତ ଲଗାତାର ତୃତୀୟ ଥର ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ପ୍ରବେଶ କରିଛି। ମୋଟାମୋଟି ପଞ୍ଚମ ଥର ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ପ୍ରବେଶ କରିଛି ଭାରତ। ୨୦୧୧ ଦିନିକିଆ ବିଶ୍ୱକପ୍ ନକଆଉଟ୍ ପରେ ଭାରତ ଆଇସିସି ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆକୁ ହରାଇବାରେ ସଫଳ ହୋଇଛି।



ଅଷ୍ଟ୍ରେଲିଆ ଦ୍ୱାରା ଧାର୍ଯ୍ୟ ୨୬୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୪୮.୧ ଓଭରରେ ୬ ୱିକେଟ୍ ହରାଇ ଜିତି ନେଇଛି। ବିରାଟ କୋହଲି ୮୪ ରନର ଇନିଂସ ଖେଳି ଭାରତ ବିଜୟରେ ମୁଖ୍ୟ ବିନ୍ଧାଣୀ ସାଜିଛନ୍ତି। ତାଙ୍କ ବ୍ୟତୀତ ଶ୍ରେୟସ ଆୟର ୪୫ ରନ କରିଥିବା ବେଳେ କେଏଲ ରାହୁଲ ୪୨ ରନର ଅପରାଜିତ ଉପଯୋଗୀ ଇନିଂସ ଖେଳି ବିଜୟ ସୂଚକ ଛକା ମାରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୨୮ ରନ କରିଥିଲେ। ଏହା ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ସ୍ମିଥ୍‌ଙ୍କ ୭୩ ରନ ଓ ଆଲେକ୍ସ କେରିଙ୍କ ୬୧ ରନ ବଳରେ ୨୬୪ ରନ କରିଥିଲା। ଭାରତ ଏବେ ଦକ୍ଷିଣ ଆଫ୍ରିକା ବନାମ ନ୍ୟୁଜିଲାଣ୍ଡ ଦ୍ୱିତୀୟ ସେମି ଫାଇନାଲ୍‌ର ବିଜେତାକୁ ଫାଇନାଲ୍‌ରେ ଭେଟିବ।

୨୬୫ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତର ଦୁଇ ଓପନର ରୋହିତ ଶର୍ମା ଓ ଶୁଭମନ ଗିଲ୍ ପ୍ରଥମ ୱିକେଟ୍‌ରେ ୩୦ ରନ ଯୋଡ଼ିଥିଲେ। ଗିଲ୍(୮) ନିରାଶ କରିଥିଲେ। ଅଧିନାୟକ ରୋହିତ ଶର୍ମା ପୁଣି ଥରେ ମିଳିଥିବା ଭଲ ଆରମ୍ଭକୁ ବଡ଼ ସ୍କୋରରେ ପରିଣତ କରି ପାରି ନ ଥିଲେ। ସେ ୨୯ ବଲରୁ ୩ ଚୌକା ଓ ୧ ଛକା ସହ ୨୮ ରନ କରିଥିଲେ। ୪୩ ରନରେ ଦୁଇ ଓପନର ଆଉଟ୍ ହେବା ପରେ ବିରାଟ କୋହଲି ଓ ଶ୍ରେୟସ ଆୟର ଜବରଦସ୍ତ ବ୍ୟାଟିଂ କରିଥିଲେ। *(ପୃଷ୍ଠା ୭ରେ)*

## ଛୁଟି ତାଲିକାରୁ ପ୍ରତ୍ୟାହାର ହେଲା ମାର୍ଚ୍ଚ ୫



**ଭୁବନେଶ୍ୱର, ୪।୩**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ସୋମବାର ମାର୍ଚ୍ଚ ୫ ତାରିଖ ପରିବର୍ତ୍ତେ ଏପ୍ରିଲ ୨୪ ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବାକୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନେବା ପରେ ସରକାରୀ ସ୍ତରରେ ଆବଶକୀୟ ପରିବର୍ତ୍ତନ କରାଯାଇଛି। ମଙ୍ଗଳବାର ରାଜ୍ୟ ସରକାରଙ୍କ ଛୁଟି ତାଲିକାରୁ ପଞ୍ଚାୟତିରାଜ ଦିବସକୁ ପ୍ରତ୍ୟାହାର କରି ନିଆଯାଇଛି।

ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି, ପଞ୍ଚାୟତିରାଜ ଦିବସ ପାଳନରେ ଜାତୀୟ ଓ ରାଜ୍ୟ ସ୍ତରରେ ଅସଂହତି ଦୂର କରିବା ପାଇଁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ସଂଖ୍ୟା ୩୯୦୫୭, ୩୯୦୭୭, ତା ୧୨.୧୧.୨୪ ରିଖର କ୍ରମିକ ସଂଖ୍ୟା ୪ରେ ପ୍ରକାଶିତ ହୋଇଥିବା ପଞ୍ଚାୟତିରାଜ ଦିବସଟିକୁ ଉକ୍ତ ଛୁଟି ତାଲିକାରୁ ପ୍ରତ୍ୟାହାର କରାଗଲା।

## ଯୁବ ଛାତ୍ରମାନେ ଅଧିକ ପ୍ରଭାବଶାଳୀ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହେବେ

**ନୂଆଦିଲ୍ଲୀ, ୪।୩**

ଭାରତର ଉଚ୍ଚଶିକ୍ଷାନୁଷ୍ଠାନ ପ୍ରତି ଅନ୍ୟ ଦେଶମାନଙ୍କୁ ଆକୃଷ୍ଟ କରିବା ଏବଂ ଆମ ଦେଶର ଉଚ୍ଚଶିକ୍ଷା ବ୍ୟବସ୍ଥାର ଅନ୍ୟ ଦେଶର ଶିକ୍ଷାନୁଷ୍ଠାନ ସହ ସମ୍ପର୍କ ବୃଦ୍ଧି କରିବା ପାଇଁ ପ୍ରୟାସ ହେବା ଉଚିତ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ମଙ୍ଗଳବାର ନୂଆଦିଲ୍ଲୀରେ ୨୦୨୪-୨୫ ପରିଦର୍ଶକ ସମ୍ମିଳନୀର ସମାପନୀ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି ଏହା କହିଛନ୍ତି।



ରାଷ୍ଟ୍ରପତି କହିଛନ୍ତି, ଅନ୍ତର୍ଜାତୀୟକରଣ ପ୍ରୟାସ ଏବଂ ସହଯୋଗକୁ ସୁଦୃଢ଼ କରିବା ଦ୍ୱାରା ଆମର ଯୁବ ଛାତ୍ରମାନେ ଏକବିଂଶ ଶତାବ୍ଦୀର ବିଶ୍ୱରେ ଏକ ଅଧିକ ପ୍ରଭାବଶାଳୀ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହେବେ। ଆତ୍ମନିର୍ଭରଶୀଳ ହେବା ବାସ୍ତବରେ ଏକ ବିକଶିତ, ବୃହତ ଓ ସୁଦୃଢ଼ ଅର୍ଥନୀତିର ପରିଚୟ। ଗବେଷଣା ଓ ଉଦ୍ଭାବନ ଉପରେ ଆଧାରିତ ଆତ୍ମନିର୍ଭରଶୀଳତା ଆମ ଉଦ୍ୟୋଗ ଓ ଅର୍ଥନୀତିକୁ ସୁଦୃଢ଼ କରିବ। ଶିକ୍ଷା ବ୍ୟବସ୍ଥା ବ୍ୟବସ୍ଥା ଭିତ୍ତିକ ହେବା ସହ ଛାତ୍ରଛାତ୍ରୀଙ୍କ ବିଶେଷ ପ୍ରତିଭା ଓ ଆବଶ୍ୟକତା ଅନୁଯାୟୀ ନମନୀୟ ହେବା ଦରକାର ଏବଂ ଏହା ଉଭୟ ଏକ ଆବଶ୍ୟକତା ଓ ଆହ୍ୱାନ ବୋଲି ରାଷ୍ଟ୍ରପତି କହିଛନ୍ତି।

## ଶାରୀରିକ ପରୀକ୍ଷା ବେଳେ ଚାଲିଗଲା ୨ ଜୀବନ : ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର/ସୁନ୍ଦରଗଡ, ୪।୩ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ବିଭିନ୍ନ ସ୍ଥାନରେ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ଲାଇଭ ଷ୍ଟକ ଇନ୍‌ସ୍ପେକ୍ଟର ପଦବୀ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ଚାଲିଥିବା ସମୟରେ କେନ୍ଦୁଝରର ବ୍ୟୋମକେଶ ନାୟକ ଓ ସୁନ୍ଦରଗଡ଼ର ପ୍ରବୀଣ କୁମାର ପଣ୍ଡାଙ୍କ ଦେହାନ୍ତ ହୋଇଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏହା ସହିତ ମୁଖ୍ୟମନ୍ତ୍ରୀ ଏହି ଦୁଇ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଏହି ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବ।

ସୂଚନାଯୋଗ୍ୟ, ଫରେଷ୍ଟ ଗାର୍ଡ, ଫରେଷ୍ଟର ଏବଂ ପ୍ରାଣୀଧନ ନୀରିକ୍ଷକ ପଦବୀ ପାଇଁ ମଙ୍ଗଳବାର ଶାରୀରିକ *(ପୃଷ୍ଠା ୭ରେ)*

## ସୁଲଭ ଔଷଧ, ଚିକିତ୍ସା ଉପକରଣ ଯୋଗାଇବାରେ ରାଜ୍ୟଗୁଡ଼ିକ ବିଫଳ ହୋଇଛନ୍ତି:ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୪।୩**

ରାଜ୍ୟ ସରକାରଗୁଡ଼ିକ ସୁଲଭ ଚିକିତ୍ସା ସେବା ଏବଂ ଭିତ୍ତିଭୂମି ସୁନିଶ୍ଚିତ କରିବାରେ ବିଫଳ ହୋଇଛନ୍ତି । ସମାଜର ଗରିବ ବର୍ଗର ଲୋକଙ୍କ ପାଇଁ ସୁଲଭ ମୂଲ୍ୟର ଔଷଧ, ବିଶେଷକରି ଅତ୍ୟାବଶ୍ୟକ ଔଷଧ ଯୋଗାଇବା କ୍ଷେତ୍ରରେ ରାଜ୍ୟଗୁଡ଼ିକର ବିଫଳତାକୁ ଉଲ୍ଲେଖ କରି ସୁପ୍ରିମକୋର୍ଟ କଠୋର ସମାଲୋଚନା କରିଛନ୍ତି।

ଏହି ବିଫଳତା, ବେସରକାରୀ ହସ୍ପିଟାଲଗୁଡ଼ିକୁ ସୁବିଧା ଏବଂ ପ୍ରୋତ୍ସାହନ ପ୍ରଦାନ କରିଛି ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି।



ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଏନକେ ସିଂହଙ୍କ ଖଣ୍ଡପୀଠ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରୁଥିଲେ, ଯେଉଁଥିରେ ଦାବି କରାଯାଇଥିଲା ଯେ, ଘରୋଇ ହସ୍ପିଟାଲଗୁଡ଼ିକ ରୋଗୀ ଏବଂ ସେମାନଙ୍କ ପରିବାରକୁ ଅତ୍ୟଧିକ ଟଙ୍କା ଦାବି କରିବା ସହିତ ସେଠାରେ ଥିବା ଫାର୍ମାସୀରୁ ଔଷଧ, ଇମ୍ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀ କିଣିବାକୁ ବାଧ କରୁଛନ୍ତି।

ଏଥିରେ ଆହୁରି ମଧ୍ୟ କୁହାଯାଇଥିଲା ଯେ ରୋଗୀମାନଙ୍କୁ କେବଳ ହସ୍ପିଟାଲ ଫାର୍ମାସୀରୁ କିଣିବାକୁ ବାଧ ନ କରିବା ଏବଂ ଏହା ମଧ୍ୟ ଅଭିଯୋଗ କରିଥିଲା ଯେ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ନିୟାମକ ଏବଂ ସଂଶୋଧନମୂଳକ ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି, ଯାହା ଫଳରେ ରୋଗୀମାନେ ଶୋଷଣ ହେଉଛନ୍ତି।

ଏହାର ଜବାବରେ କୋର୍ଟ କହିଥିଲେ ଆମେ ଆପଣଙ୍କ ସହିତ ସହମତ । କିନ୍ତୁ ଏହାକୁ କିପରି ନିୟନ୍ତ୍ରଣ କରିବେ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ପ୍ରଶ୍ନ କରିଥିଲେ। କୋର୍ଟ ଶେଷରେ ଉଲ୍ଲେଖ କରିଛନ୍ତି ଯେ ଉପଯୁକ୍ତ ଚିକିତ୍ସା ସେବା ସୁନିଶ୍ଚିତ କରିବା ରାଜ୍ୟଗୁଡ଼ିକର କର୍ତ୍ତବ୍ୟ। ଏହା ମଧ୍ୟ କୁହାଯାଇଛି ଯେ କିଛି ରାଜ୍ୟ ଆବଶ୍ୟକୀୟ ଚିକିତ୍ସା ସେବା ପ୍ରଦାନ କରିବାରେ ସକ୍ଷମ ହୋଇନାହାଁନ୍ତି। ତେଣୁ ବେସରକାରୀ ସଂସ୍ଥାଗୁଡ଼ିକୁ ସୁବିଧା ଏବଂ ପ୍ରୋତ୍ସାହନ ଦେଇଛନ୍ତି।


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ବିଶିଷ୍ଟ ଅତିଥି ଭାବେ ଯୋଗ ଦେବାକୁ ନବୀନଙ୍କୁ ନିମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୪।୩**

**ନ୍ୟୁଜ୍ ବ୍ୟୁରୋ**

ବୁଧବାର ମାର୍ଚ୍ଚ ୫ ତାରିଖ ସନ୍ଧ୍ୟାରେ ଜୟଦେବ ଭବନରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ ଉତ୍ସବ ।

ବୁଧବାର ହେବାକୁ ଥିବା କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବିଜେଡିର ସଭାପତି ନବୀନ ପଟ୍ଟନାୟକଙ୍କୁ ବିଶିଷ୍ଟ ଅତିଥି ଭାବେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିମନ୍ତ୍ରଣ କରିଛନ୍ତି। ଏକ ପତ୍ର ଜରିଆରେ ମୁଖ୍ୟମନ୍ତ୍ରୀ *(ପୃଷ୍ଠା ୭ରେ)*



## ପୁରୀ ଶ୍ରୀମନ୍ଦିର ପାଇଁ ବାହାରିଲା ବଡ଼ ନିଯୁକ୍ତି ସୁଯୋଗ

**ପୁରୀ, ୪।୩ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀକ୍ଷେତ୍ର ପୁରୀ ପାଇଁ ବଡ ଘୋଷଣା କରିଛନ୍ତି ରାଜ୍ୟ ସରକାର । ପୁରୀରେ ସୃଷ୍ଟି ହେବ ନିଯୁକ୍ତି ସୁଯୋଗ। ଶ୍ରୀମନ୍ଦିର ସୁରକ୍ଷା ଓ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀରେ ନିଯୁକ୍ତି ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିଲାଗି ମୋଟ ୧୦୮୩ ପଦବୀ ସୃଷ୍ଟି କରାଯାଇଛି।

ଏଥିରେ ବିଭିନ୍ନ ବର୍ଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ନିୟୋଜିତ କରାଯିବ। ଫଳରେ ରୋଜଗାର ମଧ୍ୟ ସୃଷ୍ଟି ହେବ। ଷ୍ଟେଟ ଆର୍ମଡ କ୍ୟାଡରରୁ ଗୋଟିଏ କମାଣ୍ଡାଣ୍ଟ, ୨ଟି ଡେପୁଟି କମାଣ୍ଡାଣ୍ଟ, ୧୦ଟି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୮



ଇନ୍ସପେକ୍ଟର, ୩୧ ସବ ଇନ୍ସପେକ୍ଟର, ୨୪ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର ପଦବୀ ପୂରଣ ହେବ। ସେହିଭଳି ଷ୍ଟେଟ କ୍ୟାଡର ଅଫ ସିଭିଲ ପୋଲିସରୁ ଗୋଟିଏ ସବ ଇନ୍ସପେକ୍ଟର, ୨ଟି ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର, ଗୋଟିଏ ସବ ଇନ୍ସପେକ୍ଟର(ଆର୍ମୋରର), ଗୋଟିଏ ହାବିଲଦାର (ଆର୍ମୋରର), ୨ଟି ଆସିଷ୍ଟାଣ୍ଟ ଆର୍ମୋରର, ୧ ସବଇନ୍ସପେକ୍ଟର (କମ୍ୟୁନିକେସନ) , ୪ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର (କମ୍ୟୁନିକେସନ) ନିଯୁକ୍ତ ହେବେ । ଏହାବାଦ ରାଜ୍ୟ ପିଏମଟି କ୍ୟାଡରରୁ ଜଣେ ସବଇନ୍ସପେକ୍ଟର ଏମଟି, ୯ ଡ୍ରାଇଭର ହାବିଲଦାର, ୧୮ ଡ୍ରାଇଭର ପଦବୀ ପୂରଣ ହେବ।

ଏହାବାଦ ହାବିଲଦାର ୨୪୦, ବାଟାଲିଆନ କ୍ୟାଡରରୁ ସିପାହୀ ୭୨୦ ଜଣ ନିଯୁକ୍ତ ହେବେ। ଡିପିଓ କ୍ୟାଡରରୁ ମୁଖ୍ୟ କିରାଣି, ବରିଷ୍ଠ କିରାଣି ଓ ବରିଷ୍ଠ ଷ୍ଟେନୋଗ୍ରାଫର ପଦବୀ ପୂରଣ ହେବ। ଏହି ନିଯୁକ୍ତି ପ୍ରକ୍ରିୟା କମିଟିରେ ଅଧ୍ୟକ୍ଷ ଅତିରିକ୍ତ ପୁଲିସ ଡିଜି, ସଦସ୍ୟ ଭାବେ ଆଇଜି, ଡିଆଇଜି କେନ୍ଦ୍ରାଞ୍ଚଳ ରେଞ୍ଜ, ପୁରୀ ଏସପି ଓ ଡିଜିପିଙ୍କ ଦ୍ୱାରା ମନୋନୀତ ଆଇଜି, ଡିଆଇଜି,ଏସପି କିମ୍ବା କମାଣ୍ଡାଣ୍ଟ ର୍ୟାଙ୍କର ଅଧିକାରୀ ରହିବେ।

## ବଳବତ୍ତର ରହିଲା ବିଷ୍ଣୁପଦଙ୍କ ଅନ୍ତରୀଣ ସୁରକ୍ଷା

**କଟକ, ୪।୩ : ନ୍ୟୁଜ୍ ବ୍ୟୁରୋ**

ବିଷ୍ଣୁପଦ ସେଠୀଙ୍କ ଘରେ ରେଡ ପ୍ରସଙ୍ଗ ଉପରେ ବିଷ୍ଣୁପଦଙ୍କୁ ମିଳିଥିବା ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିଲା। ଶୁଣାଣି ପରେ ହାଇକୋର୍ଟ ଏହି ସୁରକ୍ଷା ବଳବତ୍ତର ରଖିଛନ୍ତି । ବିଷ୍ଣୁପଦ ସରକାରଙ୍କ ପକ୍ଷରୁ ଜବାବ ଦାଖଲ ପାଇଁ ସମୟ ନେଇଥିବା ବେଳେ ଆସନ୍ତା ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଗତ ୧୮ ତାରିଖରେ ବରିଷ୍ଠ ଆଇଏଏସ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରେ ସବିଆଇର ୮ ଜଣିଆ ଟିମ ଚଢାଉ କରିଥିଲା।

## ଏକାଳ ପଖାଳ





କଙ୍ଗାରୁଙ୍କୁ ଧରି ବୁଲେଇକି ଲାଞ୍ଜ
ଇଣ୍ଡିଆ ଫୋପାଡି ଦେଲା
ବିଶ୍ୱକପ୍‌ର ହରିବା ଦରଜ
ଆଜି ଟିକେନାକୁ ଗଲା
ଲଗେଇଥିଲା ଯେ ପାଲା
ଭାବୁଥିଲା ବସି କଙ୍ଗାରୁ ସଭିଙ୍କୁ
ମାରିକି ରଖିବ ତାଲା।

## କାହାକୁ ମିଆଁ-ତିଆଁ କିମ୍ବା ପାକିସ୍ତାନୀ ବୋଲି କହିବା ଅପରାଧ ନୁହେଁ : ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୪।୩**

କାହାକୁ ମିଆଁ-ତିଆଁ କିମ୍ବା ପାକିସ୍ତାନୀ ବୋଲି କହିବା ଖରାପ ହୋଇପାରେ। କିନ୍ତୁ ଅପରାଧ ନୁହେଁ ବୋଲି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ । ଏପରି କହିଲେ ଧାର୍ମିକ ଭାବନାକୁ ଆଘାତ କରାଯାଇଛି କହି ମାମଲା ରୁଜୁ କରାଯାଇପାରିବ ନାହିଁ । ମଙ୍ଗଳବାର ଏନେଇ ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି। ମଙ୍ଗଳବାର ବିଚାରପତି ବିଭି ନାଗାରଥନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଜଣେ ସରକାରୀ କର୍ମଚାରୀଙ୍କୁ ପାକିସ୍ତାନୀ ବୋଲି କହିବା ଅଭିଯୋଗରେ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ବନ୍ଦ କରିବା ସମୟରେ ସୁପ୍ରିମକୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି।

ଝାଡ଼ଖଣ୍ଡର ଜଣେ ଉର୍ଦ୍ଦୁ ଅନୁବାଦକ ଏବଂ ଜଣେ କାର୍ଯ୍ୟକାରୀ କ୍ଲର୍କଙ୍କ ଦ୍ୱାରା ଏପରି ଅଭିଯୋଗ ଦାଖଲ କରାଯାଇଥିଲା। ଅଭିଯୋଗକାରୀଙ୍କ ଅନୁଯାୟୀ, ଯେତେବେଳେ ସେ ଆରଟିଆଇକୁ ଆବେଦନ ବିଷୟରେ ସୂଚନା ପ୍ରଦାନ କରିବାକୁ ଅଭିଯୁକ୍ତଙ୍କ ପାଖକୁ ଯାଇଥିଲେ, ସେତେବେଳେ ଅଭିଯୁକ୍ତ ତାଙ୍କ ଧର୍ମକୁ ଉଲ୍ଲେଖ କରି ତାଙ୍କୁ ଦୁର୍ବ୍ୟବହାର କରିଥିଲେ ଏବଂ ସେ ଏନେଇ କ୍ଲର୍କଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ । ଏହା ଫଳରେ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୨୯୮ (ଧାର୍ମିକ *(ପୃଷ୍ଠା ୭ରେ)*

## ମାର୍ଚ୍ଚ ୫ରେ ଖୋଲା ରହିବ ସମସ୍ତ ସ୍କୁଲ ଓ କଲେଜ

**ଭୁବନେଶ୍ୱର, ୪।୩**

**ନ୍ୟୁଜ୍ ବ୍ୟୁରୋ**

ବୁଧବାର-ମାର୍ଚ୍ଚ ୫ ତାରିଖ ଦିନ ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ଖୋଲା ରହିବ। ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ସ୍ୱାଭାବିକ ଭାବେ କାର୍ଯ୍ୟ କରିବ । ସେହିପରି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ମଧ୍ୟ ବୁଧବାର ଖୋଲା ରହିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପୃଥକ ଭାବେ ନିର୍ଦ୍ଦେଶନାମା ଜାରି ହୋଇଛି ।

ବୁଧବାର ମାର୍ଚ୍ଚ ୫ ତାରିଖ ସମସ୍ତ ସ୍କୁଲ ଖୋଲା ରହିବା ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବିଭାଗ ପକ୍ଷରୁ ଚିଠି ଜାରି କରାଯାଇଛି ।

ସୂଚନାଯୋଗ୍ୟ, ପଞ୍ଚାୟତିରାଜ ଦିବସ ପାଳନ ପାଇଁ ପୂର୍ବରୁ ମାର୍ଚ୍ଚ ୫କୁ ଛୁଟି କରାଯାଉଥିଲା। ମାତ୍ର ସୋମବାର ସରକାର ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବା ପାଇଁ ନିଷ୍ପତ୍ତି ନେଇଥିବାରୁ ବୁଧବାର ମାର୍ଚ୍ଚ ୫ରେ ଥିବା ଏହି ଛୁଟିକୁ ପ୍ରତ୍ୟାହାର କରିନିଆଯାଇଛି।

ସେହିପରି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ସମାନ ଘୋଷଣା କରାଯାଇଛି। ତେବେ ସବୁ କଳ୍ପନାଜଳ୍ପନାର ଅନ୍ତଃ ଘଟାଇ ଉଚ୍ଚଶିକ୍ଷା ବିଭାଗ ବୁଧବାର ଅର୍ଥାତ ମାର୍ଚ୍ଚ ୫ ତାରିଖରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ସମସ୍ତ ମହାବିଦ୍ୟାଳୟ ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ମାର୍ଚ୍ଚ ୨୦୨୫ ବୁଧବାର





# ଅନୋରା ଚଳଚ୍ଚିତ୍ରକୁ ମିଳିଲା ୫ ଓସ୍କାର୍ ପୁରସ୍କାର

**ଲସ୍‌ଆଞ୍ଜେଲସ୍, ନ୍ୟୁଜ୍ ବ୍ୟୁରୋ**



ଆମେରିକା ଲସ୍‌ଆଞ୍ଜେଲସ୍‌ର ଡଲ୍ବି ଥିଏଟର୍‌ରେ ରବିବାର ୯୭ତମ ଓସ୍କାର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୩ଟି ବର୍ଗ ପାଇଁ ଓସ୍କାର ପୁରସ୍କାର ଦିଆଯାଇଛି । ତେବେ ସମସ୍ତେ ଖୁସିରେ ନାଚୁଥିବାବେଳେ ଅଚାନକ୍ ଭୂକମ୍ପ ହୋଇଛି । ଲୋକଙ୍କୁ ଜୋର୍‌ଦାର୍ ଝଟ୍‌କା ଲାଗିଥିଲା । ଏହା ଜାଣି ସମସ୍ତେ କିଛି ସମୟ ପାଇଁ ଅଟକି ଯାଇଥିଲେ । ପରେ ପୁଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ରିକ୍ଟର ସ୍କେଲ୍‌ରେ ଏହି ଭୂକମ୍ପର ତୀବ୍ରତା ୩.୯ ରେକର୍ଡ କରାଯାଇଥିଲା । ସେହିପରି ଇତିହାସରେ ପ୍ରଥମ ଥର ପାଇଁ ଏହି କାର୍ଯ୍ୟକ୍ରମର ଉପସ୍ଥାପକ କେନନ ଓବ୍ରାଅନ ହିନ୍ଦୀ କହିଛନ୍ତି । ସେ ଭାରତୀୟ ଦର୍ଶକଙ୍କୁ ଶୁଭେଚ୍ଛା ଜଣାଇ ନମସ୍କାର କହିଛନ୍ତି । ସକାଳ ହୋଇଥିବାରୁ ଭାରତୀୟ ଦର୍ଶକ ଜଳଖିଆ ଖାଇବା ସହ ଓସ୍କାର୍ କାର୍ଯ୍ୟକ୍ରମ ଦେଖିଥିବେ ବୋଲି ଆଶା ପ୍ରକାଶ କରିଛନ୍ତି । ଏହି ଉତ୍ସବରେ ସିନ ବକେରଙ୍କ ଚଳଚ୍ଚିତ୍ର 'ଅନୋରା' ଛାଇ ରହିଥିଲା । ଯୌନ କର୍ମୀଙ୍କ ଉପରେ ପର୍ଯ୍ୟବେସିତ ଏହି କାହାଣୀ ୫ଟି ବର୍ଗରେ ଓସ୍କାର୍ ଜିତିଛି । ଏହି ଚଳଚ୍ଚିତ୍ର ପାଇଁ ମିକି ମାଡିସନ୍ ଶ୍ରେଷ୍ଠ ଅଭିନେତ୍ରୀ ହୋଇଛନ୍ତି । ଏହା ବ୍ୟତୀତ ଅନୋରା ବେଷ୍ଟ ପିକ୍‌ଚର୍, ବେଷ୍ଟ ଡିରେକ୍ସନ୍, ବେଷ୍ଟ ସ୍କ୍ରିନ୍‌ପ୍ଲେ, ବେଷ୍ଟ ଏଡିଟିଂ ପାଇଁ ଓସ୍କାର୍ ହାତେଇଛି । ସେହିପରି ଫିଲ୍ମ 'ଦ ବ୍ରୁଟାଲିଷ୍ଟ' ତିନୋଟି ପୁରସ୍କାର ହାତେଇଛି । ଏହି ଚଳଚ୍ଚିତ୍ର ପାଇଁ ଆଡ୍ରିଏନ୍ ବ୍ରଡି ଶ୍ରେଷ୍ଠ ଅଭିନେତା ଭାବେ ଓସ୍କାର୍ ଜିତିଛନ୍ତି । ଏହା ତାଙ୍କର ଦ୍ୱିତୀୟ ଓସ୍କାର୍ ଥିଲା । ଏଥିପାଇଁ ବଲିଉଡ୍ ଅଭିନେତା ସୋନୁ ସୁଦ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ବ୍ୟତୀତ ଜୋ ସଲଡାନା 'ଏମିଲିଆ ପ୍ୟାରେଜ' ପାଇଁ ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ପୁରସ୍କାର ହାତେଇଛନ୍ତି । ସେ ଓସ୍କାର୍ ଗ୍ରହଣ କରିବା ସମୟରେ ନିଜ ମାଆଙ୍କ ସ୍ୱରରେ କଥା ହୋଇ ସମସ୍ତଙ୍କୁ ଚମକାଇ ଦେଇଛନ୍ତି । ଭାରତର ଏକମାତ୍ର ଚଳଚ୍ଚିତ୍ର ଭାବେ 'ଅନୁଜା' (ବେଷ୍ଟ ଲାଇଭ୍ ଆକ୍ସନ୍ ସର୍ଟ ଫିଲ୍ମ) ମନୋନୀତ ହୋଇଥିଲା । କିନ୍ତୁ ଏହା କୌଣସି ପୁରସ୍କାର ହାତେଇବାରେ ସଫଳ ହୋଇନଥିଲା ।

# କୋରୋ ମଣ୍ଡିରେ ଧାନ ବିକି ପାରୁନାହାଁନ୍ତି ଚାଷୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୋରୋ ମଣ୍ଡିରେ ପଞ୍ଜିକୃତ ଚାଷୀମାନେ ସେମାନଙ୍କର ଧାନ ବିକ୍ରି କରିପାରୁନଥିବା ଅତିରିକ୍ତ ଉପ ଜିଲ୍ଲାପାଳ ଅଶୋକ କୁମାର ଦାସଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ପ୍ରାୟ ମଣ୍ଡିରେ ଶତାଧିକ ଚାଷୀ ପ୍ରତିବର୍ଷ ଏହି ମଣ୍ଡିରେ ଧାନ ବିକ୍ରି କରିଆସୁଛନ୍ତି । କିନ୍ତୁ ଚଳିତବର୍ଷ ଏମାନେ ଟୋକନ୍ ପାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଧାନ ଦେଇପାରି ନଥିବାରୁ ଏହି ଚାଷୀମାନେ ନିରାଶ ହୋଇଯାଇଛନ୍ତି । ଚାଷୀମାନେ ବାରମ୍ବାର ମଣ୍ଡିକୁ ଗଲେ ମଧ ମଣ୍ଡି ସଂପାଦକ ଟାର୍ଗେଟ୍ ନଥିବାରୁ ଧାନ ବିକ୍ରି କରାଯାଇ ପାରିବନାହିଁ ବୋଲି କହିବାରୁ ଏହି ଚାଷୀମାନେ ଅତିରିକ୍ତ ଉପ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ସେମାନଙ୍କ ଧାନ ସେଠାରେ ବିକ୍ରି କରେଇବା ପାଇଁ ନିର୍ଦ୍ଦେଶ ଦେବାକୁ ଲିଖିତ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ବସନ୍ତ କୁମାର ଜେନା, ସୁବ୍ରତ କୁମାର ସାମଲ, ନୃସିଂହ ଚରଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।



# 'ପିପୁଲସ୍ ସିଏମ୍ ମୋହନ' ସଂଗୀତ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ




**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଫ୍ୟାନ୍ ସଙ୍ଗ୍ ମୁକ୍ତିଲାଭ କରିଛି । 'ପିପୁଲସ୍ ସିଏମ୍ ମୋହନ' ଶୀର୍ଷକ ଏହି ଗୀତକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି । ରାଇକଳା ଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଧାୟକ ଧର୍ମଶାଳା ହିମାଂଶୁ ଶେଖର ସାହୁ, ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡାକ୍ତର ପ୍ରିୟଙ୍କା ମାର୍ଣ୍ଡି, ମୁଖ୍ୟମନ୍ତ୍ରୀଙ୍କ ମା' ନାସମଣୀ ମାଝୀ, ଶିକ୍ଷାବିତ୍ ଦୀନବନ୍ଧୁ ବାରିକ, ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ଅର୍ଚ୍ଚିତା, ବରିଷ୍ଠ ବିଜେପି ନେତା ଗୌତମ ରାୟ ପ୍ରମୁଖ ଯୋଗ ଦେଇଥିଲେ । ଏହି ଗୀତକୁ ଗୀତିକାର ସୁବ୍ରତ ସ୍ୱାଇଁ ଲେଖିଥିବା ବେଳେ ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ସଂଗୀତ ନିର୍ଦ୍ଦେଶନା ଏବଂ ହ୍ୟୁମାନ ସାଗର କଣ୍ଠଦାନ କରିଛନ୍ତି । ଯୁଗଜ୍ୟୋତି କ୍ଲବ ଦ୍ୱାରା ପ୍ରସ୍ତୁତ ଏହି ଗୀତକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରି କହିଥିଲେ, ବିଭିନ୍ନ ସମୟରେ ଅନେକ ରାଜନୈତିକ ବ୍ୟକ୍ତିଙ୍କ ସଂପର୍କରେ ପ୍ରଶଂସାମୂଳକ ସଂଗୀତ ସୃଷ୍ଟି ହୋଇଥାଏ । ମାତ୍ର ଏହି ସଂଗୀତ ରାଜ୍ୟ ସରକାରଙ୍କ ଅନେକ ସଫଳ ଯୋଜନାକୁ ଅଗ୍ରାଧିକାର ଦେଇ ପ୍ରସ୍ତୁତ ହୋଇଛି । ଯାହା ଶ୍ରୋତାମାନଙ୍କୁ ଭଲ ଲାଗିବା ସହିତ ଓଡ଼ିଶା ବାସୀଙ୍କୁ ସରକାରଙ୍କ ସଫଳ ଯୋଜନାଗୁଡ଼ିକ ପହଞ୍ଚାଇବାରେ ସହାୟକ ହେବ ବୋଲି ସେ କହିଥିଲେ । ଏହି ଗୀତ ଉନ୍ମୋଚନ ବେଳେ ଗୀତିକାର ସୁବ୍ରତ ସ୍ୱାଇଁ, ଆଇଜି ବ୍ରିଜେଶ ରାୟ, ଜିଲ୍ଲାପାଳ ବିଶାଳ ସିଂ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର ପ୍ରମୁଖ ଉପସ୍ଥିତ ଥିଲେ ।



# ବିଧାୟକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସାଧାରଣ ଜନତାଙ୍କ ଅଭିଯୋଗ ଶୁଣିଲେ ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର । ଦୀର୍ଘଦିନର ସମସ୍ୟାକୁ ସ୍ଥାନୀୟ ଲୋକ ବିଧାୟକଙ୍କ ପାଖରେ ରଖି ବିଭିନ୍ନ ସମସ୍ୟାର ସମାଧାନ ହେବ ବୋଲି ଆଶା ବାନ୍ଧିଛନ୍ତି । ଅଭିଯୋଗ ଶୁଣାଣି କରିବା ସହ ମୋହନ ସରକାରରେ ସାଧାରଣ ବର୍ଗ ପ୍ରତ୍ୟେକ ଯୋଜନାରୁ କିପରି ବଞ୍ଚିତ ନହେବେ ଆମେ ସେ ନେଇ ନିରନ୍ତର ପ୍ରୟାସ କରୁଛୁ ବୋଲି ଶ୍ରୀ ମହାପାତ୍ର କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ପ୍ରତିନିଧି ଏମ୍ ନିରଞ୍ଜନ ରେଡ଼ି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପରେଶ ଚନ୍ଦ୍ର ରଥ, ବାପି ପ୍ରଧାନ, ଗୋକର୍ଣ୍ଣପୁର ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା, ମିଟୁ ଦୋରା ଯୋଗ ଦେଇଥିଲେ । ବିଭିନ୍ନ ପଞ୍ଚାୟତରୁ ଜନପ୍ରତିନିଧି ସରପଞ୍ଚ ଯୋଗଦେଇଥିଲେ ।

## ଡ଼ ନାରାୟଣ ମହାପାତ୍ରଙ୍କୁ ଗ୍ଲୋବାଲ୍ ନନ୍ ଅର୍ଗାନାଇଜେସନ୍ ଡେ ଆୱାର୍ଡ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସମାଜସେବୀ ଡ଼ ନାରାୟଣ ମହାପାତ୍ର ଗ୍ଲୋବାଲ୍ ନନ୍ ଅର୍ଗାନାଇଜେଶନ୍ ଡେ ଆୱାର୍ଡ ୨୦୨୫ରେ ସମ୍ମାନିତ ହୋଇଛନ୍ତି ଇପିବି ବିଶ୍ୱବିଦ୍ୟାଳୟ ଦକ୍ଷିଣ ଆଫ୍ରିକା ପକ୍ଷରୁ ଜୟ ମା' ଭବାନୀ ଚାରିଟେବୁଲ୍ ଟ୍ରଷ୍ଟର ସମ୍ପାଦକ ଡ଼ ନାରାୟଣ ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଟ୍ରଷ୍ଟ ପକ୍ଷରୁ ସମାଜରେ ଅବହେଳିତ ବୃଦ୍ଧ ବାପା ମା' ଓ ଅବହେଳିତ ଛୋଟ ପିଲାମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଓ କିଛି ସମୟ ସେମାନଙ୍କ ସଙ୍ଗେ ରହି ଖୁସି ଓ ଶାନ୍ତି ବାଣ୍ଟୁଥିବାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନେକ ସମ୍ମାନ ପ୍ରଦାନ କରଯାଇଛି । ଟ୍ରଷ୍ଟ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ରକ୍ତ ଦାନ ସଂଗ୍ରହ ଶିବିର ମଧ କରାଯାଇଥାଏ । ଏହି ସମ୍ମାନ ପାଇଁ ଇପିବି ବିଶ୍ୱବିଦ୍ୟାଳୟ ଦକ୍ଷିଣ ଆଫ୍ରିକା ଅନୁଷ୍ଠାନକୁ ବହୁତ ବହୁତ ଧନ୍ୟବାଦ ଜଣାଇଛନ୍ତି ଡ଼ ମହାପାତ୍ର ।

## ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

କାମାକ୍ଷାନଗର ଥାନା ବିଜାଡିହି ଗାଁ ଗୋଡ଼ିସାହିରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ, ଗାଁର ରାଜେଶ ଅମାନ ରାଉତଙ୍କ ସ୍ତ୍ରୀ ତନୁଜା ରାଉତ (୨୮) ତନୁଜା ବାରମ୍ବାର ଝିଅ ଜନ୍ମ କରୁଥିବା ତଥା ଅଧିକ ଯୌତୁକ ଦାବି ନେଇ ଶାଶୂଘର ଲୋକେ ତାଙ୍କୁ ହତ୍ୟା କରିଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି । ପରଜଙ୍ଗ ଥାନା ବସୁଲେଇ ଗାଁର ନିତ୍ୟାନନ୍ଦ ଭୂତିଆଙ୍କ ଝିଅ ତନୁଜା ୨୦୧୮ରେ କାମାକ୍ଷାନଗର ଥାନା ବିଜାଡିହି ଗାଁ ଗୋଡ଼ିସାହିର ବିକଳ ରାଉତଙ୍କ ପୁଅ ରାଜେଶ ଅମାନଙ୍କୁ ବିବାହ କରିଥିଲେ । ବାପଘର ଲୋକଙ୍କ କହିବା ଅନୁଯାୟୀ, ବିବାହ ସମୟରେ ଶାଶୂଘର ଲୋକଙ୍କ ଦାବି ମୁତାବକ ଏକ ଲକ୍ଷ ଟଙ୍କା ସହ ବିଭିନ୍ନ ସୁନା ଅଳଙ୍କାର, ଟିଭି, ଫ୍ରିଜ୍, କୁଲର ଓ ଅନ୍ୟାନ୍ୟ ଆସବାବପତ୍ର ଯୌତୁକ ଆକାରରେ ଦିଆଯାଇଥିଲା । ରାଜେଶ ଓ ତନୁଜଙ୍କର ଗୋଟିଏ ଝିଅ ଥିବା ବେଳେ କିଛି ମାସ ତଳେ ତନୁଜା ପୁନର୍ବାର ଗର୍ଭବତୀ ହୋଇଥିଲେ । ତେବେ ଗର୍ଭସ୍ଥ ସନ୍ତାନ ମଧ ଝିଅ ବୋଲି ରାଜେଶ ଅଲ୍‌ଟ୍ରାସାଉଣ୍ଡ ରିପୋର୍ଟରୁ ସୂଚନା ପାଇଥିଲେ । ବାରମ୍ବାର ଝିଅ ଜନ୍ମ କରୁଥିବାରୁ ଶାଶୂଘର ଲୋକଙ୍କ ସହ ତନୁଜାଙ୍କ ଝଗଡ଼ା ହେଉଥିଲା । ଅନ୍ୟପଟେ ବାପଘରୁ ଏକ ସୁନା ହାର ଆଣିବା ପାଇଁ ଶାଶୂଘର ଲୋକେ ତନୁଜାଙ୍କୁ ବାରମ୍ବାର କହୁଥିଲେ । ଏଥିରେ ତନୁଜା ଅସମର୍ଥ ହେବାରୁ ତାଙ୍କୁ ବାରମ୍ବାର ନିର୍ଯାତନା ଦିଆଯାଉଥିଲା । ତେବେ ଗ୍ରାମବାସୀ ଓ କିଛି ଭଦ୍ରବ୍ୟକ୍ତିଙ୍କ ସହାୟତାରେ ବୁଝାସୁଝା କରାଯାଇଥିଲା । ମାତ୍ର ସୋମବାର ପୂର୍ବାହ୍ନ ୧୦ଟାରେ ତନୁଜାଙ୍କ ମୃତଦେହ ଘରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଦେଖିବା ପରେ ଝିଅକୁ ହତ୍ୟା କରାଯାଇଥିବା କହିଛନ୍ତି । ଏନେଇ କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତନୁଜାଙ୍କ ସ୍ୱାମୀ ରାଜେଶ ଅମାନଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରଖିଛି ।



# ୫ ଆକାଂକ୍ଷୀ ଶୌଚାଳୟ ଉଦ୍‌ଘାଟିତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ସହରରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ରାଉରକେଲା ମହାନଗର ନିଗମ ତରଫରୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪ ପରିପ୍ରେକ୍ଷୀରେ ସ୍ୱଚ୍ଛ ଭାରତ ମିଶନ୍ ଅଭିଯାନରେ ୫ଟି ଆକାଂକ୍ଷୀ ଶୌଚାଳୟର ଉଦ୍‌ଘାଟନ କରାଯାଇଛି । ବିଧାୟକ ରାଉରକେଲା ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସବୁ ଶୌଚାଳୟର ଶୁଭ ଉଦ୍‌ଘାଟନ କରିଥିଲେ । ରାଉରକେଲା ମହାନଗର ନିଗମ ତରଫରୁ ସର୍ବସାଧାରଣ ସ୍ଥାନ ଗୁଡ଼ିକୁ ଖୋଲା ଶୌଚ ମୁକ୍ତ କରିବା ପାଇଁ ସହରର ପ୍ରମୁଖ ସ୍ଥାନରେ ୨ଟି ଆକାଂକ୍ଷୀ ଶୌଚାଳୟ ରହିଥିଲା । ଦିନକୁ ଦିନ ସହରରେ ଲୋକସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସେମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଆର୍‌ଏମ୍‌ସି ପକ୍ଷରୁ ଆଉ ୫ଟି ଆକାଂକ୍ଷୀ ଶୌଚାଳୟ ରାଉରକେଲା ସରକାରୀ ଚିକିତ୍ସାଳୟ, ରାଉରକେଲା ନୂଆ ବସ୍ ଷ୍ଟାଣ୍ଡ, ମ୍ୟୁନିସିପାଲ କଲେଜ ସମ୍ମୁଖରେ ଥିବା ସାରନା ପଡ଼ିଆ, ରୁପୁଟୋଲା, ଦେଓଗାଁ ସ୍ଥିତ ମୁଣ୍ଡାବସ୍ତି ଠାରେ ନିର୍ମାଣ କରାଯାଇଥିବା ବେଳେ ଶନିବାର ଏଗୁଡ଼ିକର ଉଦ୍‌ଘାଟନ ହୋଇଯାଇଛି । ରାଉରକେଲା ସହରକୁ ଖୋଲା ଶୌଚରୁ ମୁକ୍ତ କରିବା ସହ ସହରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏହି ଶୌଚାଳୟ ଗୁଡ଼ିକ ବିଶେଷ ସହାୟକ ହେବ । ଶନିବାର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି, ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ତରୁଣକାନ୍ତ, ଉପ ପୌରାୟୁକ୍ତ ଅନୀତା ନାଏକ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକ, ପ୍ରବର୍ତ୍ତନ ଅଧିକାରୀ ସ୍ୱାଧୀନ କୁମାର ବିଶ୍ୱାଳଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର କଲେଜର ରସାୟନ ବିଜ୍ଞାନ ବିଭାଗ ପ୍ରାଧ୍ୟାପିକା ଡ. ପ୍ରମିଳାରାଣୀ ବେହେରା ଓ ଅଧ୍ୟାପକ ଦିଲ୍ଲିପ କୁମାର ସାମଲଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କଲେଜ ଅଧ୍ୟାପକ ଓ କର୍ମଚାରୀ ମହାସଂଘ ଆନୁକୂଲ୍ୟରେ ତଥା ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା କ୍ଷୀରାବ୍ଧି ଚୌଧୁରୀ, ହରପ୍ରିୟା ମହାପାତ୍ର, ଶରତ କୁମାର ମଲ୍ଲିକ, ପ୍ରଭାକର ମିଶ୍ର, ଯୁକ୍ତେଶ୍ୱର ଦାସ, ସୁମନ୍ତ କୁମାର ସାହୁ ପ୍ରମୁଖ ଶିକ୍ଷାଦାନ ଓ କଲେଜ ବିକାଶରେ ବିଦାୟୀ ଅଧ୍ୟାପିକା ଡ. ବେହେରା ଓ ଅଧ୍ୟାପକ ଶ୍ରୀ ସାମଲଙ୍କ ମହତ୍ ଅବଦାନ ସମ୍ପର୍କରେ ଆଲୋଚନା କରି ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ମମତା ସାହୁ ଏବଂ ଚନ୍ଦ୍ରଶେଖର ପଣ୍ଡା ସ୍ୱରଚିତ କବିତା ପାଠ କରିଥିଲେ । ସଂଘ ସଭାପତି ଡ. ସସ୍ମିତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟାଟା ଷ୍ଟିଲ୍ ଓ ନୀଳାଚଳ ଇସ୍ପାତ୍ ନିଗମରେ ଜାମ୍‌ସେଦଜୀ ଟାଟାଙ୍କ ୧୮୬ତମ ଜୟନ୍ତୀ ପାଳିତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ଓ ନୀଳାଚଳ ଇସ୍ପାତ ନିଗମ୍ (ଏନ୍‌ଆଇଏନ୍‌ଏଲ୍) ମିଳିତ ଭାବେ ଟାଟା ଗ୍ରୁପ୍‌ର ପ୍ରତିଷ୍ଠାତା ଜାମସେଦଜୀ ନୁସରାନଜୀ ଟାଟାଙ୍କ ୧୮୬ତମ ଜୟନ୍ତୀ ସୋମବାର ଦିନ ପାଳନ କରିଛନ୍ତି । ଟାଟା ଷ୍ଟିଲ୍ କଳିଙ୍ଗନଗର ଠାରେ ପ୍ରକଳ୍ପ କାର୍ଯ୍ୟାଳୟରୁ ଟିଏସ୍‌କେ ସେଣ୍ଟରର କର୍ମଚାରୀମାନେ ଆନୁଷ୍ଠାନିକ ପରେଡ କରିଥିଲେ । ବରିଷ୍ଠ ନେତୃବୃନ୍ଦ, କର୍ମଚାରୀ ସଂଘ ପ୍ରତିନିଧି ଏବଂ କର୍ମଚାରୀମାନେ ଜେଏନ୍ ଟାଟାଙ୍କ ଚିରସ୍ଥାୟୀ ପରମ୍ପରାକୁ ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ପୁନର୍ବାସ ଓ ଥଇଥାନ କଲୋନୀ ଏବଂ କମ୍ପାନୀର ହାଉସିଂ କଲୋନୀରେ ସପ୍ତାହବ୍ୟାପୀ ଆୟୋଜିତ ଉତ୍ସବରେ ଟାଟା ପରିବାର ସଦସ୍ୟ ଏବଂ କର୍ମଚାରୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ସମେତ ଅନେକ କ୍ରୀଡ଼ା ପ୍ରତିଯୋଗୀତା ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗୋବରଘାଟି, ଡ୍ରିଜଙ୍ଗା ଓ ସନସାଇଲୋର ୧୦୦୦ରୁ ଉର୍ଦ୍ଧ୍ୱ ଟାଟା ପରିବାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍, ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ଫେରୋ ଆଲ୍‌ଏଜ୍ ପ୍ଲାଣ୍ଟ ବ୍ରାହ୍ମଣୀପାଳର ମିଳିତ ସହଯୋଗରେ ରେମୋଳ ଡ୍ୟାମ୍‌ରେ ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ୭୦ରୁ ଅଧିକ କର୍ମଚାରୀ ଏକ ବୃହତ ସଫେଇ ଅଭିଯାନରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ଏବଂ ଅଣ-ବାୟୋଡିଗ୍ରେଡେବଲ୍ ବର୍ଜ୍ୟବସ୍ତୁକୁ ବ୍ୟବହାର ନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହି ସଫଳ ପ୍ରୟାସ ଫଳରେ ପାଖାପାଖି ଏକ କ୍ୱିଣ୍ଟାଲ୍ ବର୍ଜ୍ୟବସ୍ତୁ ସଂଗ୍ରହ ହୋଇଥିଲା, ଯାହା ଡ୍ୟାମ୍ ଏବଂ ଏହାର ଆଖପାଖ ପରିବେଶ ପରିଚାଳନାରେ ଉଲ୍ଲେଖନୀୟ ଭୂମିକା ପ୍ରଦର୍ଶନ କରିଥିଲା । ଏହି ଅବସରରେ, ନୀଳାଚଳ ଇସ୍ପାତ ନିଗମର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଜେଏନ୍ ଟାଟାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏନ୍‌ଆଇଏନ୍‌ଏଲ୍ ଟାଉନ୍‌ସିପ୍‌ରେ ଆୟୋଜିତ କୁଇଜ୍ ପ୍ରତିଯୋଗିତା ଏବଂ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗ ଏଥିରେ ଅଂଶଗ୍ରହଣ କରିଥିଲେ ।

# କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସାଙ୍ଗଠନିକ ମହୋତ୍ସବ

**କଟକ, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସାଂଗଠନିକ ମହୋତ୍ସବ ନୟାଗଡ ଜିଲ୍ଲା ଭାରତର ଦ୍ୱିତୀୟ ରାମମନ୍ଦିର କୁହାଯାଉଥିବା ଫତେଗଡ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ନୟାଗଡ ଜିଲ୍ଲାର ୨୯ ଗୋଟି ରାମଲୀଳା ସମିତି କେନ୍ଦ୍ରୀୟ ସମିତି ସହ ଅନୁବନ୍ଧିତ ହୋଇଥିଲେ । ପ୍ରାରମ୍ଭରେ ଲୋକସଂପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟତମ କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶାର ସୁନାମଧନ୍ୟ ପ୍ରବଚକ ପ୍ରଦୀପ୍ତ କୁମାର ମହାପାତ୍ର ରାମଭକ୍ତ ମାନଙ୍କୁ ପ୍ରବଚନ ମାଧ୍ୟମରେ ରାମ ରସ ପାନ କରାଇଥିଲେ । ଉପସଭାପତି ନଳିନ କୁମାର ସେନାପତି ବିବରଣି ପାଠ କରିଥିଲେ । ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ସମିତିର ସଭାପତି ଓ ସଂପାଦକ ମାନଙ୍କୁ କେନ୍ଦ୍ରୀୟ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ମହୋତ୍ସବରେ ସି.ଏଚ. ରାମମୋହନ ରାଓ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ପ୍ରଦୀପ ସେନାପତି, ଭାଗ୍ୟଧର ବାରିକ, ପ୍ରାଣକୃଷ୍ଣ ସ୍ୱାଇଁ, ନରେନ୍ଦ୍ର ବେହେରା, ଶିବାଜୀ ବେହେରା, ଟୁଲୁ ବେହେରା, ବିଶ୍ୱାମିତ୍ରା ମିଶ୍ର, ଚକ୍ରଧର ବେହେରା, କିଶୋର ଚନ୍ଦ୍ର ସାହୁ, ବିବେକାନନ୍ଦ ଦାସ, କିଶୋର ମହାନ୍ତି, ବିଜୟ ପାଇଟାଲ, ଶିବ ସିହ୍ନା, ଜିତୁ ବାରିକ, ସୋମନାଥ ଦାସ, ବିଜୟ ବେହେରା, ସୂର୍ଯ୍ୟମଣି ବେହେରା, ନମିତା ବେହେରା, ଦିପା, ସୁମିତ୍ରା, ସୁକାନ୍ତ ବିଶୋଇ, ପତିତ ପାବନ ଲାହା, ପ୍ରଫୁଲ୍ଲ ଲାହା, ସମ୍ପଦ କୁମାର ମଲ୍ଲିକ, ସୁବାଷ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ନୟାଗଡ ଜିଲ୍ଲା ଦାୟିତ୍ୱରେ ଥିବା ଚିତରଞ୍ଜନ ମିଶ୍ର ଓ ଗଙ୍ଗାଧର ମିଶ୍ର ପରିଚାଳନା କରିଥିଲେ । ସାଧାରଣ ସମ୍ପାଦକ ଦିଲ୍ଲିପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିବା ସହ ରାମ୍‌ଧୁନ୍ ଗାନ କରିଥିଲେ । କେନ୍ଦ୍ରୀୟ ସମିତି ପକ୍ଷରୁ ଶତାଧିକ ଭକ୍ତମାନଙ୍କ ପାଇଁ ମହାପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ସମିତିର ସଦସ୍ୟମାନେ ଫେରିଲା ବେଳେ ବାଙ୍କୀର ଇଷ୍ଟଦେବୀ ମା' ଚର୍ଚ୍ଚିକାଙ୍କୁ ଦର୍ଶନ କରି ଫେରିଥିଲେ ।

## ଶିଶୁ ବାଟିକାରେ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ, ଜିଲ୍ଲା ପ୍ରମୁଖ ରଶ୍ମି କାନ୍ତ ସାହୁ, ପରିଚାଳନା ସମିତିର ସମ୍ପାଦକ ନିରଞ୍ଜନ ବିଶ୍ୱାଳ, ସଭାପତି ଈଶ୍ୱର ନନ୍ଦ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାମଣ୍ଡଳ ଅଧିକାରୀ ଭାରତୀ ମହାପାତ୍ର ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୫ ଜଣ ମା' ଯୋଗଦେଇଥିଲେ । ଶିଶୁ ବାଟିକା ପ୍ରମୁଖ ସ୍ୱର୍ଣ୍ଣ ମଞ୍ଜରୀ ବାହାଲିଆ, ଗୁରୁମା ଓ ଅନ୍ୟ ଗୁରୁଜୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଯଶିପୁରରେ ୩୫ ହଜାର ଅଫିମ ଗଛ ନଷ୍ଟ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରମ୍ବାର ଚଢ଼ଉ, ସଚେତନତା ଓ ବିକଳ୍ପ ଚାଷ ପାଇଁ ଶିମିଳିପାଳ ସଂଲଗ୍ନ ବନବାସୀଙ୍କୁ ସରକାର ସହାୟତା କରିବା ପରେ ବି ବେଆଇନ୍ ଅଫିମ ଚାଷରେ ଅଙ୍କୁଶ ଲାଗିପାରୁନାହିଁ । ସୋମବାର ପୋଲିସ, ଅବକାରୀ ଓ ବନ ବିଭାଗ ପକ୍ଷରୁ ଶିମିଳିପାଳ ଅଭୟାରଣ୍ୟରେ ଚଢ଼ଉ କରାଯାଇଛି । ଯଶିପୁର ଥାନା ଅଧୀନ ଅସନବଣି ଗ୍ରାମ ନିକଟରେ ଚାଷ ହୋଇଥିବା ୩୫ ହଜାରରୁ ଉର୍ଦ୍ଧ୍ୱ ଅଫିମ ଗଛକୁ ନଷ୍ଟ କରିଛି । ମିଳିତ ଟିମ୍ ଏହାର ଆନୁମାନିକ ମୂଲ୍ୟ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ଇନ୍‌ସପେକ୍ଟର ସଞ୍ଜୟ କୁମାର କାନ୍ଧି ସୂଚନା ଦେଇଛନ୍ତି । ଗତ ୨ବର୍ଷ ହେଲା କ୍ରମାଗତ ଚଢ଼ଉ କରାଯାଇ ବନବାସୀଙ୍କୁ ଚାଷରୁ ନିବୃତ୍ତ ରହିବାକୁ ସଚେତନ କରାଯାଉଛି । ବାହାର ରାଜ୍ୟର ମାଫିଆଙ୍କ ଇଙ୍ଗିତରେ ଏହି ଚାଷ କରାଯାଉଛି; ଯାହାର ଦାବିଦାର କେହି ରହୁନାହାନ୍ତି । ଏଣୁ ୩ଟି ବିଭାଗ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହିଁ । ସୂଚନାଯୋଗ୍ୟ ଯେ ଅତୀତରେ ବନବାସୀଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ କରଞ୍ଜିଆ ଆଇଟିଡିଏ, କୃଷି ଏବଂ ଉଦ୍ୟାନ ବିଭାଗ ପକ୍ଷରୁ ସେମାନଙ୍କୁ ଲାଭଜନକ ବିକଳ୍ପ ଚାଷରେ ନିୟୋଜିତ କରାଯାଇଥିଲା କିନ୍ତୁ ସେମାନେ ପୁଣି ଅଫିମ ଚାଷ ମୁହାଁ ହୋଇଛନ୍ତି ।

## ଓଡ଼ିଶା ଶିକ୍ଷା ଅମଲା ସଂଘର ସମ୍ବର୍ଦ୍ଧନା ଉତ୍ସବ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଶିକ୍ଷା ଅମଲା ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖାର ସମ୍ବର୍ଦ୍ଧନା ଉତ୍ସବ ଜିଲ୍ଲା ସଭାପତି ଅବିନାଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ପଟ୍ଟାମୁଣ୍ଡାଇ ମଙ୍ଗଳ ଶିକ୍ଷା ଅଧିକାରୀ ହରିହର ଦଳାଇ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କନିଷ୍ଠ ସହାୟକରୁ ବରିଷ୍ଠ ସହାୟକ ଓ ବରିଷ୍ଠ ସହାୟକରୁ ସେକ୍‌ସନ୍ ଅଧିକାରୀକୁ ପଦୋନ୍ନତି ପାଇଥିବା ଓ ୨୦୨୪ ଶେଷ ସୁଦ୍ଧା ଅବସର ନେଇଥିବା ଅମଲା ଭାଇ ଓ ଭଉଣୀ ମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ମନୋରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡ଼ିଶା ରାଜ୍ୟ ଶିକ୍ଷା ଅମଲା ସଂଘର ସାଧାରଣ ସଂପାଦକ ସାନ୍ତନୁ କୁମାର କର ସଭାରେ ଯୋଗଦେଇ ସମସ୍ତ ବନ୍ଧୁମାନଙ୍କୁ ସଂଗଠିତ ରହି ନିଜର ନାର୍ଯ୍ୟ ଦାବି ପାଇଁ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ୍ ଦେଇଥିଲେ । ଅତିଥିମାନେ ଅମଲା ମାନଙ୍କୁ କର୍ମଯୋଗୀ ନିଷ୍ଠାପର କାମ କରିବାକୁ ଆହ୍ୱାନ୍ କରିଥିଲେ । କାର୍ଯ୍ୟକ୍ରମରେ ଚତୁର୍ଭୁଜ ନାୟକ, ମଳୟ ରଥ, ବିଭୁତି ଭୂଷଣ ପରିଡା, କିଶୋର ସାମଲ, ପ୍ରଦିପ କୁମାର ଜେନା, ସୁଶିଲ କୁମାର ତରାଇଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଆତ୍ମହତ୍ୟା ନିବାରଣ ସଚେତନତା କାର୍ଯ୍ୟକ୍ରମ

# ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ପ୍ରତିଦିନ ଗଣମାଧ୍ୟମରେ ଆତ୍ମହତ୍ୟା ସମ୍ବନ୍ଧୀୟ ଖବର ଦେଖିବାକୁ ମିଳୁଛି, ଯାହାକି ସାରା ବିଶ୍ୱ ପାଇଁ ଏକ ଚିନ୍ତାର ବିଷୟ । ଭାରତ ବର୍ଷରେ ଆତ୍ମହତ୍ୟାର ସ୍ଥିତି ଆହୁରି ଭୟାନକ । ରାଷ୍ଟ୍ରୀୟ ଅପରାଧ ବ୍ୟୁରୋର ରିପୋର୍ଟ ଅନୁସାରେ ୨୦୧୯ ମସିହାରେ ୧ ଲକ୍ଷ ୪୦ ହଜାର ଲୋକ ଭାରତରେ ଆତ୍ମହତ୍ୟା କରିଛନ୍ତି । ପ୍ରତିଦିନ ୩୮୦ ଜଣ ଲୋକ ଆତ୍ମହତ୍ୟା କରୁଛନ୍ତି । ଅର୍ଥାତ୍ ପ୍ରତି ଘଣ୍ଟାରେ ୧୬ ଜଣ ଭାରତୀୟ ଆତ୍ମହତ୍ୟା ଯୋଗୁଁ ମୃତ୍ୟୁବରଣ କରୁଛନ୍ତି । ସାରା ବିଶ୍ୱରେ ୧୫ ରୁ ୨୯ ବର୍ଷ ବୟସ୍କ ଯୁବତୀ ଓ ଯୁବକଙ୍କ ମଧ୍ୟରେ ମୃତ୍ୟୁର ପ୍ରଥମ କାରଣ ହେଲା ଆତ୍ମହତ୍ୟା । ସାରା ବିଶ୍ୱରେ ଯୁବକ ଯୁବତୀମାନଙ୍କ ମଧ୍ୟରୁ ଭାରତୀୟ ଯୁବକ ଯୁବତୀ ସର୍ବାଧିକ ଆତ୍ମହତ୍ୟା କରିଛନ୍ତି । ଭାରତକୁ ବିଶ୍ୱର ଆତ୍ମହତ୍ୟାର ରାଜଧାନୀ କୁହାଯାଉଛି । ପାରିବାରିକ କଳହ, ପ୍ରେମ, ଅତ୍ୟଧିକ ଋଣଗ୍ରସ୍ତ, ମାନସିକ ସମସ୍ୟା ପ୍ରଭୃତି କାରଣରୁ ଆତ୍ମହତ୍ୟାର ସଂଖ୍ୟା ବୃଦ୍ଧି ପାଉଛି । ଏହାକୁ ହୃଦ୍‌ବୋଧ କରି ସାମାଜିକ ଅନୁଷ୍ଠାନ ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ ତରଫରୁ ଏକ ସଚେତନତା ପଦଯାତ୍ରା ଭୁବନେଶ୍ୱର ସ୍ଥିତ ରାଜମହଲ ଛକରୁ ମାଷ୍ଟର୍‌କ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଅନୁଷ୍ଠାନର ଅଧ୍ୟକ୍ଷ ମୀର ଅମହମ୍ମଦ ଅଲ୍ଲୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ଜୀବନ ଏକ ଉପହାର ଗଢିତୋଳି କର ସୁନ୍ଦର, ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ, ଆତ୍ମହତ୍ୟା ମହାପାପ, ସେ ପାପର ନାହିଁ ପ୍ରାୟଶ୍ଚିତ, ମଣିଷ ଜୀବନ ବହୁ ମୂଲ୍ୟବାନ୍ ପ୍ରଭୃତି ସ୍ଲୋଗାନ୍ ଦେଇ ସ୍ୱେଚ୍ଛାସେବୀ ମାନେ ଲୋକମାନଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ହାସ୍ୟ ଅଭିନେତା ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ (ହାଡୁ) ଯୋଗଦେଇ କହିଥିଲେ ଯେ, ଆମର ଏହି ସମାଜରେ ଜଣେ ଅନ୍ୟ ଜଣର ଦୁଃଖ ଓ ମାନସିକ ସ୍ଥିତିକୁ ପଢ଼ିବାକୁ ଇଚ୍ଛୁକ ନୋହୁଁ ତେଣୁ ସମାଜରେ ଆତ୍ମହତ୍ୟା ସଂଖ୍ୟା ବୃଦ୍ଧି ପାଉଛି । ସାମାଜିକ କର୍ମୀ ନିରୋଜା ମହାପାତ୍ର ଯୋଗଦେଇ କହିଥିଲେ ଯେ, ଯେତେ ବଡ଼ ବାଧାବିଘ୍ନ ଆସୁନା କାହିଁକି ମଣିଷ କେବେ ନିଜ ଜୀବନକୁ ହାରିବା କଥା ନୁହଁ, କାରଣ ମଣିଷ ଜୀବନ ଏକ ଦୁର୍ଲଭ ଜୀବନ । ସାମାଜିକ କର୍ମୀ ବିନ୍ଦୁଜା ଉପାଧ୍ୟାୟ ଯୋଗଦେଇ ଉପସ୍ଥିତ କଲେଜ ଛାତ୍ରଛାତ୍ରୀମାନଙ୍କୁ ଯୁବଗୋଷ୍ଠୀ ମଧ୍ୟରେ ଏହି ସଚେତନତାକୁ ବଜାୟୀ ରଖିବା ପାଇଁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିନୋଦ କୁମାର ରାଉତ, ମନୋଜ କୁମାର ସାହୁ, ସରୋଜ କୁମାର ପ୍ରଧାନ, କ୍ଷିରୋଦ କୁମାର ଜେନା, ତାପସ ଦେ, ବିଷ୍ଣୁ, ଲକ୍ଷ୍ମୀଧର, ଲକ୍ଷ୍ମୀପ୍ରିୟା, ହରିଶଙ୍କର, ଆଲୋକ, ଜସୋସ୍ମିତା, ଲକ୍ଷ୍ମୀପ୍ରିୟା ମହାନ୍ତି, ପ୍ରଜ୍ଞା, ମିଲି, ଶ୍ରାବଣୀ, ପୂର୍ଣ୍ଣିମା, ଶୁଭଶ୍ରୀ ସିଂହ, ହରିଶ, ସାଗର, ଗୁରୁପଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ 'ଆପ୍'ର ମହାସମାବେଶ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଆପ୍ ରାୟଗଡ଼ା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାର୍ଟିର ମହାସମାବେଶ ଓ ଜନସାଧାରଣଙ୍କ ମୌଳିକ ସମସ୍ୟା ଯଥା.. ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ , ଭିନ୍ନକ୍ଷମ, ବିଧବା ମା' ଓ ଭଉଣୀ, ନିରାଶ୍ରୟ ମାନଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବା ଏବଂ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରଦାନ ଏବଂ ଜିଲ୍ଲାର ଯୁବକ ଯୁବତୀମାନଙ୍କୁ ସ୍ଥାନୀୟ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦେବା, ଜିଲ୍ଲାର ଗରିବ, ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଘର ପଟ୍ଟା ସହ ପକ୍କା ଘର ଦେବା ଓ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରକୁ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବା ଏବଂ ଅନ୍ୟାନ୍ୟ ଦାବି ନେଇ ଜିଲ୍ଲାପାଳଙ୍କ ଅଫିସ୍ ଘେରାଉ ସହ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଗଲା । ଏହି ସମାବେଶରେ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ତଥା ବଲାଙ୍ଗିର ଜିଲ୍ଲା ସଭାପତି ଆଶିଷ ପାଣ୍ଡେ, ଗଞ୍ଜାମ ଜିଲ୍ଲା ସଭାପତି ସୁବାଷ ରାଉତ, କଟକ ଜିଲ୍ଲା ସଭାପତି ଦୁର୍ଗା ପ୍ରସାଦ ପରିଡ଼ା, ଜିଲ୍ଲା ଉପସଭାପତି ଜିତେନ୍ଦ୍ର ସେନାପତି, ବ୍ଲକ୍ ଯୁବ ସଭାପତି ସୁନ୍ଦର କାଡ୍ରାକା, ବିଜୁ ଖିଲକା, ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ଟି. ସାଙ୍ଗନାଙ୍କ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ମାର୍ଚ୍ଚ ୨୦୨୫ ବୁଧବାର







## ଗିରଫ ଆଇଆଇଟି ବାବା ଜାମିନ୍‌ରେ ମୁକ୍ତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ମହାକୁମ୍ଭରେ ଚର୍ଚ୍ଚାକୁ ଆସିଥିବା ଆଇଆଇଟି ବାବା ଅଭୟ ସିଂହଙ୍କୁ ଜୟପୁର ପୋଲିସ ସୋମବାର ଗିରଫ କରିଛି । ତେବେ କିଛି ସମୟ ପରେ ତାଙ୍କୁ ଜାମିନ୍‌ରେ ଛାଡ଼ି ଦେଇଛି ପୋଲିସ । ତାଙ୍କ ନିକଟରୁ ଗଞ୍ଜେଇ ଜବତ କରିଥିଲା । ଏହାକୁ ନେଇ ଏନ୍‌ଡିପିଏସ୍ ଆଇନ୍ ଅଧୀନରେ ମାମଲା ରୁଜୁ କରାଯାଇଥିଲା । ସୂଚନା ଅନୁଯାୟୀ ଅଭୟ ସିଂହ ସୋସିଆଲ୍ ମିଡିଆରେ ଆତ୍ମହତ୍ୟା ଧମକ୍ ଦେଇଥିଲେ । ଏହାପରେ ପୋଲିସ ତାଙ୍କ ଲୋକେସନ୍ ଟ୍ରେକ୍ କରି ଜୟପୁରର ଏକ ହୋଟେଲ୍‌ରେ ପହଞ୍ଚି ଥିଲା । ଏଠାରୁ ଆଇଆଇଟି ବାବାଙ୍କୁ ହେପାଜତ୍‌କୁ ନେଇଥିଲା । ସେ କହିଥିଲେ ଯେ ନିଶାରେ ଫୋନ୍ କରି ଦେଇଥିଲି । ପାଖରୁ କିଛି ପ୍ରସାଦ (ଗଞ୍ଜେଇ) ମିଳିଛି । ବାବା ଆତ୍ମହତ୍ୟା କରିବେ ବୋଲି କେହି ଜଣେ କହି ଦେଇଥିଲେ । ଅଜବ ମାମଲାର ବାହାନା କରି ପୋଲିସ ତାଙ୍କ ପାଖକୁ ଆସିଥିଲା । ଯଦି ଗଞ୍ଜେଇକୁ ନେଇ କାର୍ଯ୍ୟାନୁଷ୍ଠାନ ନେବ ତେବେ କୁମ୍ଭରେ ଟାଣୁଥିବା ସବୁ ଲୋକଙ୍କୁ ଗିରଫ କର । ଭାରତରେ ଏହି ଚିନ୍ତାଧାରା ପୂର୍ବରୁ ରହିଆସିଛି । ଏନ୍‌ଡିପିଏସ୍‌କୁ ନେଇ ଏତଲା ରୁଜୁ କରାଯାଉଛି । ଏହା ପୂର୍ବରୁ ଅଭୟ ସିଂହ ଆତ୍ମହତ୍ୟା କରିଥିବା ନେଇ ସିପ୍ରାପଥ ଥାନାକୁ ସୂଚନା ମିଳିଥିଲା ।

||||||||||||||| ଜୟବଡ଼ ଗ୍ରାମରେ ବିଭତ୍ସ ହତ୍ୟାକାଣ୍ଡ |||||||||||||||

# ବାପ, ମା' ଓ ଭଉଣୀଙ୍କୁ ହତ୍ୟା କରି ବନ୍ଧା ହେଲା ସାନ ପୁଅ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଥାନା ଅଧୀନ ଜୟବଡ଼ ଗ୍ରାମରେ ବିଭତ୍ସ ହତ୍ୟାକାଣ୍ଡ ଘଟିଥିବାବେଳେ ଅଭିଯୁକ୍ତ ଗିରଫ ହୋଇଥିବା ଜଣାପଡିଛି । ଗୋଟିଏ ପରିବାର ସାନ ପୁଅ ବାପା, ମା' ଓ ସାନ ଭଉଣୀକୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥବା ଜଗତସିଂହପୁର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ହତ୍ୟାକାଣ୍ଡର ପ୍ରକୃତ ଘଟଣା ଜଣାପଡିନଥିବା ପୋଲିସ କହିଛି । ମୃତ ପରିବାର ବାପା ପ୍ରଶାନ୍ତ କୁମାର ସେଠୀ, ମା' କନକଲତା ସେଠୀ, ଭଉଣୀ ରୋଜାଲିନ୍ (ମାମାଲି) ସେଠୀଙ୍କୁ ସାନପୁଅ ସୂର୍ଯ୍ୟକାନ୍ତ ସୋମବାର ବିଳମ୍ବିତ ରାତିରେ କୌଣସି ଏକ ଓଜନିଆ ବସ୍ତୁରେ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି । ସୂର୍ଯ୍ୟକାନ୍ତ ହତ୍ୟା କରି ପଡୋଶୀ ଘରେ ପହଞ୍ଚି ମୁଁ ଆମ ପରିବାରର ସମସ୍ତଙ୍କୁ ମାରିଦେଇଛି କହି ମୋତେ ନ୍ୟାୟ କହି କୁଆଡେ





ଚାଲିଯାଇଥିଲେ । ପଡୋଶୀ ୧୧୨କୁ କଲ୍ କରି ଘଟଣା ସମ୍ପର୍କରେ ଜଣାଇବା ପରେ ଘଟଣାସ୍ଥଳରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ଓ ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଦେଖାଯାଇଛି । ଅଭିଯୁକ୍ତ ସୂର୍ଯ୍ୟକାନ୍ତ ସେଠୀକୁ ପୋଲିସ ସରକାରୀ ଗାର୍ଲସ୍ ହାଇସ୍କୁଲ୍ ନିକଟରେ ବସିଥିବା ସମୟରେ ଗିରଫ କରି ଥାନାରେ ଅଟକ ରଖିଛି । କେଉଁ ପରିସ୍ଥିତିରେ ଓ କଣ ପାଇଁ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ଏଭଳି ଘଟଣା ଘଟାଇଛି ପୋଲିସ ତାକୁ ଗିରଫ କରି ତଦନ୍ତ କରୁଛି । ମୃତ ପ୍ରଶାନ୍ତଙ୍କ ବଡ଼ ପୁଅ ଓ ମଝିଆ ପୁଅ ବାହାରେ ରହୁଥିବା ବେଳେ ପୋଲିସ ମୃତ ପରିବାର ନିକଟରେ ମୃତୟନ ରହିଛନ୍ତି । ଦୁଇ ପୁଅ ଆସିବା ପରେ ପୋଲିସକୁ ଲିଖିତ ଅଭିଯୋଗ ଦେବାପରେ ପୋଲିସ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବବୋଲି କହିଛି ।



# ମଣ୍ଡିରେ ପଡ଼ିରହିଛି ହଜାର ହଜାର ବସ୍ତା ଧାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର କୃଷି ସମବାୟ ସମିତିରେ ଧାନ କିଣିବା ପାଇଁ ଟାର୍ଗେଟ୍ ନଥିବାରୁ ହଜାର ହଜାର ବସ୍ତା ଧାନ ମଣ୍ଡିରେ ପଡିରହିଛି । ସୋସାଇଟ୍ ତରଫରୁ ବାରମ୍ବାର ଏ ବିଷୟରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସେ ଧାନ କିଣିବା ପାଇଁ କ୍ଷମତା ପ୍ରଦାନ ନକରିବାରୁ ଚାଷୀମାନେ ସେମାନଙ୍କର ଧାନକୁ ମଣ୍ଡିରେ ପକାଇ ନିରାଶ ହୋଇ ବସିଛନ୍ତି । ଏନେଇ ସୋମବାର ମଣ୍ଡିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ନେତୃତ୍ୱରେ ବଂଶୀଧର ସାମଲ, ଶରତ ଦାସ, ପ୍ରମୋଦ ରାଉତରାୟ ଓ ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଟାର୍ଗେଟ୍ ଦେବା ପାଇଁ ଦାବି କରିଛନ୍ତି । ପଞ୍ଜିକୃତ ଚାଷୀମାନେ ସେମାନଙ୍କର ଧାନ ବିକ୍ରି କରି ନପାରିବାରୁ ମୁଣ୍ଡରେ ହାତଦେଇ ବସିଥିବା ଦେଖିବାକୁ ମିଳିଛି ।

## ଶିଶୁ ହତ୍ୟା ମାମଲାରେ ୟୁଏଇରେ ଭାରତୀୟ ମହିଳାଙ୍କୁ ଫାଶୀ



**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଜଣେ ଭାରତୀୟ ମହିଳାଙ୍କୁ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ଫାଶୀ ଦିଆଯାଇଛି । ଉତ୍ତର ପ୍ରଦେଶ ବାନ୍ଦାର ଏହି ମହିଳା ଶହଜାଦି ଖାନ୍ (୩୩) ଙ୍କ ବିରୋଧରେ ଶିଶୁ (୪) ହତ୍ୟା ମାମଲା ଲାଗିଥିଲା । ସେ ଦୁଇ ବର୍ଷ ହେଲା ଦୁବାଇ ଜେଲ୍‌ରେ ବନ୍ଦୀ ଥିଲେ । କୋର୍ଟ ୪ ମାସ ତଳେ ତାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ । ତେବେ ଆଶ୍ଚର୍ଯ୍ୟର ବିଷୟ ଏହିକି ଯେ ଫେବୃଆରୀ ୧୫ରେ ଏହି ମହିଳାଙ୍କୁ ଫାଶୀ ଦିଆଯାଇଥିଲା । ୧୩ ଦିନ ପରେ ଏହାର ସୂଚନା ଭାରତୀୟ ଦୂତାବାସ ପାଇଥିଲା । ବିଦେଶ ମନ୍ତ୍ରାଳୟ ପକ୍ଷରୁ ସୋମବାର ଦିଲ୍ଲୀ ହାଇକୋର୍ଟଙ୍କୁ ଏହି ସୂଚନା ଦିଆଯାଇଛି । ୫ ତାରିଖରେ ମହିଳାଙ୍କ ଅନ୍ତିମ ସଂସ୍କାର ହେବ ବୋଲି କୁହାଯାଇଛି । ମହିଳାଙ୍କ ସମ୍ପର୍କୀୟଙ୍କୁ ଆବୁଧାବି ଯିବାରେ ସହାୟତା ଦିଆଯିବ ବୋଲି ଦୂତାବାସ ପକ୍ଷରୁ କୋର୍ଟଙ୍କୁ ସୂଚନା ଦିଆଯାଇଛି । ଦୁଇ ଦିନ ତଳେ ଶହଜାଦିଙ୍କ ବାପା ଏହି ମାମଲାରେ ବିଦେଶ ମନ୍ତ୍ରାଳୟର ହସ୍ତକ୍ଷେପ ଦାବି କରି ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଏର୍ କରିଥିଲେ । ଆବେଦନରେ ପିତା ଦର୍ଶାଇ ଥିଲେ ଯେ ଗତ ୧୪ ତାରିଖରେ ଝିଅ ତାଙ୍କୁ ଫୋନ୍ କରିଥିଲେ । ଫାଶୀ ଦେବା ପାଇଁ ତାଙ୍କୁ ଜେଲ୍‌ରୁ ହସ୍ପିଟାଲ୍‌କୁ ନିଆଯାଇଥିବା କହିଥିଲେ । ପରେ ଆବୁଧାବି ଆଇନ୍ ଅନୁଯାୟୀ କ୍ଷମାଦେବାକୁ ତାଙ୍କ ବାପା ବିଦେଶ ମନ୍ତ୍ରାଳୟକୁ ଚିଠି ଲେଖି ଅନୁରୋଧ କରିଥିଲେ । ମାତ୍ର ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନଥିଲା । ସୂଚନା ଅନୁଯାୟୀ ଶହଜାଦି ବାନ୍ଦା ଅନ୍ତର୍ଗତ ଗୋୟରା ମୁଗଲି ଗ୍ରାମର ବାସିନ୍ଦା । ପିଲାଦିନେ ତାଙ୍କର ଗୋଟିଏ ପାଖ ମୁହଁ ପୋଡ଼ି ଯାଇଥିଲା । ୨୦୨୧ରେ ଫେସ୍‌ବୁକ୍‌ରେ ଆଗ୍ରାର ଉଜୈର ସହ ତାଙ୍କର ଭେଟ ହୋଇଥିଲା । ଉଜୈର ତାଙ୍କୁ ପ୍ରେମଜାଲରେ ଫସାଇ ଚିକିତ୍ସା କରାଇବା ନାମରେ ଦୁବାଇ ନେଇଥିଲା । ୨୦୨୧ ନଭେମ୍ବରରେ ଶେହଜାଦିଙ୍କୁ ସେ ବିକ୍ରି କରିଦେଇଥିଲା ।

ସ୍ୱାମୀଙ୍କୁ ପତ୍ନୀ ମାରିଦେବା ଘଟଣା

# ମାଟିତଳୁ ଶବ ଉଦ୍ଧାର:ଶଶୁର ଘରର ୫ ଗିରଫ

**ସୁକିନ୍ଦା, ନ୍ୟୁଜ୍ ବ୍ୟୁରୋ**

ପାରିବାରିକ କଳହରୁ ସ୍ୱାମୀକୁ ହତ୍ୟା କରି ପୋତିଦେବା ଓ ପରେ ମହିଳାଜଣଙ୍କ ଥାନାରେ ଆତ୍ମସମର୍ପଣ କରିବା ଘଟଣା ନୂଆ ମୋଡ଼ ନେଇଛି । ବାବୁଲି ମୁଣ୍ଡାଙ୍କୁ କେବଳ ତାଙ୍କ ପତ୍ନୀ ଗୁମାରୀ ମୁଣ୍ଡା ଆକ୍ରମଣ କରି ହତ୍ୟା କରିନାହାନ୍ତି, ବରଂ ଏଥିରେ ବାବୁଲିଙ୍କ ଶ୍ୱଶୁର ଘରଲୋକଙ୍କ ମଧ୍ୟ ସଂପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି । ତେଣୁ ସୁକିନ୍ଦା ପୋଲିସ ବାବୁଲିଙ୍କ ସ୍ତ୍ରୀ ଗୁମାରୀଙ୍କ ସମେତ ଶଶୁର ମୋରା ଦେଓଗାମ, ଶାଶୂ ସିନି ଦେଓଗାମ, ଶଳା ରାଜେନ୍ଦ୍ର କାଇକା ରାମସିଂ ବଦରାକୁ ଗିରଫ କରିଛି । ସଂଘବଦ୍ଧ ଭାବେ ସେମାନେ ବାବୁଲିଙ୍କୁ ଆକ୍ରମଣ କରି ହତ୍ୟା କରିବା ପରେ ଶବକୁ ମାଟି ତଳେ ପୋତି ଦେଇଥିବା ପୋଲିସ ତଦନ୍ତରୁ



ଜାଣିବାକୁ ପାଇଛି । ଅଭିଯୁକ୍ତମାନଙ୍କ ଘର ସଂସାଇଲୋ ପଞ୍ଚାୟତର ଡୁବିଖାଲ ଗ୍ରାମରେ । ଅପରପକ୍ଷେ, ପୋଲିସ ମାଟି ଖୋଳି ବାବୁଲିଙ୍କ ଶବକୁ ଉଦ୍ଧାର କରିଛି । ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇଥିଲା । ଆବଶ୍ୟକ ପ୍ରମାଣ ସଂଗ୍ରହ କରିବା ପରେ ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି । ଏନେଇ ଥାନାରେ ନମ୍ବର ୪୮/୨୫ରେ ଏକ ମାମଲା ରୁଜୁ ହୋଇଛି । ସୂଚନାନୁଯାୟୀ, ଡୁବିଖାଲ ଗ୍ରାମର ବାବୁଲି ମୁଣ୍ଡାଙ୍କୁ ମୋରା ଦେଓଗାମଙ୍କ ଝିଅ ଗୁମାରୀ ମୁଣ୍ଡା ବିବାହ କରିଥିଲେ । ବିବାହର କିଛି ଦିନ ପରେ ସେମାନଙ୍କ ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହୋଇଥିଲା । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ କଳି ଝଗଡ଼ା ଲାଗି ରହୁଥିଲା । ତେବେ ରବିବାର ଗୁମାରୀ ତାଙ୍କ ବାପଘର ଲୋକଙ୍କ ସହ ମିଶି ବାବୁଲିଙ୍କୁ ହତ୍ୟା କରିବା ପରେ ଘର ପଛ ବାଡ଼ିରେ ପୋତି ଦେଇଥିଲେ । ପରେ ଗୁମାରୀ ଥାନାରେ ଆତ୍ମସମର୍ପଣ କରି ନିଜେ ହତ୍ୟା କରିଥିବା କହିଥିଲେ । ସ୍ଥାନୀୟ ସରପଞ୍ଚ ମଧ୍ୟ ରବିବାର ରାତିରେ ସୁକିନ୍ଦା ଥାନାରେ ଅଭିଯୋଗ କରିଥିଲେ । ତେବେ ଗୁମାରୀଙ୍କ ପକ୍ଷେ ଏହା ସମ୍ଭବ ନୁହେଁ ବୋଲି ସନ୍ଦେହ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ନିଜେ ତଦନ୍ତ କରି ଏହା ଏକ ସଂଘବଦ୍ଧ ଆକ୍ରମଣଜନିତ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଥିଲେ ।

# ଓଡ଼ିଶାରୁ ଲୁଟ୍ ଟଙ୍କା ଫେରାଉ ନାହାନ୍ତି ଅନ୍ୟ ରାଜ୍ୟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅନ୍ୟ ରାଜ୍ୟରେ ପଡ଼ି ରହିଛି ଓଡ଼ିଶା ଟଙ୍କା । ଓଡ଼ିଶାରୁ ଲୁଟ୍ ହେଉଥିବା ଟଙ୍କାକୁ ନିଜର ଦର୍ଶାଇ ହେର୍‌ଫେର୍ କରୁଛନ୍ତି ଅନ୍ୟ ରାଜ୍ୟର ପୋଲିସ । ରାଜଧାନୀରେ ଘଟିଥିବା ୩ଟି ଏଟିଏମ୍ ଲୁଟ୍ ଘଟଣାରେ ଅନ୍ୟ ରାଜ୍ୟର ପୋଲିସ ଜବତ କରିଛି, କିନ୍ତୁ ଟଙ୍କା ଫେରସ୍ତ କରିବାକୁ ଅମଙ୍ଗ ହେଉଛି ଅନ୍ଧ୍ର, ଜାମ୍ମୁ କଶ୍ମୀର, ଗୋଆ ଓ ଦିଲ୍ଲୀ ପୋଲିସ । ଓଡ଼ିଶାରୁ ଲୁଟ୍ ହୋଇଥିବା ଟଙ୍କା ସହ ଅପରାଧରେ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରୁଛି କିନ୍ତୁ ଅଭିଯୁକ୍ତଙ୍କ ଠାରୁ ମିଳିଥିବା ଟଙ୍କାକୁ ସ୍ଥାନୀୟ ଅଞ୍ଚଳରୁ ଲୁଟ୍ ହୋଇଥିବା ଦର୍ଶାଇ ଜବତ କରୁଛି । ରାଜଧାନୀରୁ ୩ଟି ଏଟିଏମ୍‌ରୁ ଲୁଟ୍ ଘଟଣାର ତଦନ୍ତ ପରେ ଏହି ରୋଚକ ତଥ୍ୟ ସାମ୍ନାକୁ ଆସିଛି । ତେଣୁ ଟଙ୍କା ଜବତ କରିବାରେ କମିସନରେଟ୍ ପୋଲିସ ବିଫଳ ହେବା ସହ ନାଚାର ହୋଇପଡ଼ିଛି । ୨୦୨୨ରେ ଲିଙ୍ଗିପୁରରୁ ଏଟିଏମ୍ ତାଡ଼ି ୨୦ ଲକ୍ଷ ଲୁଟ୍ ଘଟଣାରେ ୮ ଜଣ ବାଂଲାଦେଶୀ ଲୁଟେରାଙ୍କ ସମ୍ପୃକ୍ତି ରହିଥିଲା କିନ୍ତୁ କମିସନରେଟ୍ ପୋଲିସ ଦୁଇ ବାଂଲାଦେଶୀ ଖୋକନ ମୁଲ୍ଲା ଓ ମୀଜାରୁଲ ରେହମନ ମୁଦ୍ରାକୁ ବେଙ୍ଗାଲୁରୁରୁ ଗିରଫ କରିଥିଲା । ଅନ୍ୟ ଅଭିଯୁକ୍ତମାନେ ୨୦ ଲକ୍ଷ ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ । ସେମାନେ ଦିଲ୍ଲୀ ଓ ସେଠାରୁ ଜାମ୍ମୁ କଶ୍ମୀର ପଳାଇଥିଲେ । ସେଠାରେ ଲୁଟ୍ ଉଦ୍ୟମ କରୁଥିବାବେଳେ ଜାମ୍ମୁ କଶ୍ମୀର ପୋଲିସ କାବୁ କରିନେଇଥିଲା । ସେମାନେ ରାଜଧାନୀରୁ ଲୁଟିଥିବା ଟଙ୍କାକୁ ନିଜର ଦର୍ଶାଇ ଜବତ କରିନେଇଥିଲେ । ଅନୁରୂପ ଭାବେ ଇନ୍‌ଫୋସିଟି ଥାନା ଅଧୀନ ପଟିଆ ରେଳ ଷ୍ଟେସନ୍ ନିକଟରେ ଥିବା ପିଏନ୍‌ବି ବ୍ୟାଙ୍କ ଏଟିଏମ୍‌ରୁ ଗ୍ୟାସ୍ କଟର ସାହାଯ୍ୟରେ ଏଟିଏମ୍ ମେସିନ୍ କାଟି ପ୍ରାୟ ୨୭ ଲକ୍ଷ ଟଙ୍କା ୨ ଲୁଟେରା ଲୁଟି ନେଇଥିଲେ। ସେମାନେ ଫ୍ଲାଇଟ୍‌ରେ ଟଙ୍କା ନେଇ ଆନ୍ଧ୍ରପ୍ରଦେଶର ଭାଇଜାଗ୍ ପଳାଇଥିଲେ । ସେଠାରୁ ସମାନ ଧରଣର ଲୁଟ୍‌ବେଳେ ପଞ୍ଜାବର ସମରଜିତ୍ ସିଂ ଓ କେରଳର ଜାଫର୍ ସାଦିକ୍‌କୁ କାବୁ କରାଯାଇଥିଲା । ଭୁବନେଶ୍ୱରରୁ ଲୁଟ୍ କରିଥିବା ସମସ୍ତ ୨୭ ଲକ୍ଷ ଟଙ୍କାକୁ ଭାଇଜାଗ୍ ପୋଲିସ ଜବତ କରିଥିଲା । ହେଲେ ଉକ୍ତ ଟଙ୍କା ସବୁ ନିଜ ଅଞ୍ଚଳରୁ ଲୁଟ୍ ହୋଇଥିବା କୋର୍ଟରେ ଦର୍ଶାଇ ସମସ୍ତ ଟଙ୍କାକୁ ରଖିଦେଇଥିଲା ଭାଇଜାଗ୍ ପୋଲିସ । ସେହିପରି ଜଟଣୀ ଥାନା ରେଙ୍ଗ



ବଜାରରେ ଥିବା ପିଏନ୍‌ବି ଏଟିଏମ୍‌ରୁ ଗ୍ୟାସ୍ କଟର ସହାୟତରେ ୨୩.୩୪ ଲକ୍ଷ ଟଙ୍କା ଲୁଟି ନେଇଥିଲେ । ଏଥିରେ ସମ୍ପୃକ୍ତି ରହିଥିବା ଲୁଟେରାଙ୍କୁ ଦିଲ୍ଲୀ ପୋଲିସ ସ୍ଥାନୀୟ ଅଞ୍ଚଳରୁ କାବୁ କରିବା ସହ ଜଟଣୀରୁ ଲୁଟ୍ ଟଙ୍କାକୁ ନିଜ ଅଞ୍ଚଳର ଦର୍ଶାଇ ଜବତ କରିଥିଲା । ସେଭଳି ଶ୍ରୀରାମନଗରରୁ ୨୨ ଲକ୍ଷ ଲୁଟ୍ ମାମଲାରେ ୬ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ୧ ଲକ୍ଷ ୬୦ ହଜାର ଟଙ୍କା ଜବତ ହୋଇଛି । ବଳକା ୨୧ ଲକ୍ଷ ଟଙ୍କା ନେଇ ଦୁଇ ବାଂଲାଦେଶୀ ଅଭିଯୁକ୍ତ ଫେରାର୍ ହୋଇଯାଇଛନ୍ତି । ନିକଟ ଅତୀତରେ ରାଜଧାନୀରୁ ୪ଟି ଏଟିଏମ୍‌ରୁ ପ୍ରାୟ କୋଟିଏ ଟଙ୍କାରୁ ଅଧିକ ଲୁଟ୍ ହୋଇଛି । ସେଥିରୁ ମାତ୍ର ୧ ଲକ୍ଷ ୬୦ ହଜାର ଟଙ୍କା ଜବତ୍ ହୋଇପାରିଛି । ଅବଶିଷ୍ଟ ଟଙ୍କାର ସୁରାକ୍ ମିଳୁନି । କେଉଁଠି ଏଟିଏମ୍ ଲୁଟ୍ ମାମଲାରେ ଗ୍ୟାଙ୍ଗର କିଛି ସଦସ୍ୟ ଧରାପଡୁଥିବା ବେଳେ ଅନେକ ସଦସ୍ୟ ଖସି ପଳାଇଛନ୍ତି । ତେଣୁ ସେମାନଙ୍କ ନିକଟରେ ଲୁଟ୍ ଟଙ୍କା ସିଂହଭାଗ ରହିଯାଉଛି । ଅନୁରୂପ ଭାବେ ଯେତିକିବି ଅପରାଧୀ ଧରାପଡୁଛନ୍ତି, ସେତିକି ଜାମିନ୍‌ରେ ମୁକୁଳି ଯାଉଛନ୍ତି । ତଦନ୍ତ ଧିମା ସହ ଚାର୍ଜସିଟ୍ ବିଳମ୍ବ ହେବାରୁ କୋର୍ଟ ଅଭିଯୁକ୍ତଙ୍କୁ ଜାମିନ୍ ପ୍ରଦାନ କରୁଛନ୍ତି । ଶ୍ରୀରାମନଗର ଲୁଟ୍ ମାମଲାରେ ସମ୍ପୃକ୍ତ ରହି ଫେରାର୍ ଥିବା ମୋଷ୍ଟୱାଣ୍ଟେଡ୍ ମୀରଜୁଲ୍ ରେହମାନ ମୁଲ୍ଲା ଓରଫ୍ ରାଜୁ ପୂର୍ବରୁ ଧଉଳି ଲିଙ୍ଗିପୁର ଏଟିଏମ୍ ଲୁଟ୍ ମାମଲରେ ଧରାପଡ଼ିଥିଲା । ଜାମିନ୍‌ରେ ମୁକୁଳି ଲୁଟ୍ ଲାଗି ନକ୍ସା ପ୍ରସ୍ତୁତ କରି ଶ୍ରୀରାମନଗରରୁ ୨୨ ଲକ୍ଷ ଟଙ୍କା ନେଇ ଛୁ ହୋଇଯାଇଛି । ତଦନ୍ତଗୁଡ଼ିକ ଶିଥିଳତା ହେବା ସହ ଅପରାଧୀଙ୍କୁ ଟ୍ରାକିଂ କରାଯାଇନଥିବାରୁ ଅପରାଧୀମାନେ ପୁନଶ୍ଚ ଅପରାଧ ଘଟାଇଛନ୍ତି ।

## ଫେରାର ବାଂଲାଦେଶୀଙ୍କ କଳାସାମ୍ରାଜ୍ୟର ଲମ୍ବା ତାଲିକା

ଲିଙ୍ଗିପୁରରୁ ଏଟିଏମ୍ ତାଡ଼ି ୨୦ ଲକ୍ଷ ଓ ଶ୍ରୀରାମନଗରରୁ ୨୨ ଲକ୍ଷ ଲୁଟ୍ ମାମଲାରେ ବାଂଲାଦେଶୀଙ୍କ ସମ୍ପୃକ୍ତି ରହିଛି । ସମ୍ପୃକ୍ତ ବାଂଲାଦେଶୀଙ୍କ ଅପରାଧର ଲମ୍ବା ତାଲିକା ପୋଲିସ ହାତରେ ଲାଗିଛି । ସାରା ଦେଶରେ ସେମାନଙ୍କ ଅପରାଧ ଲିଙ୍କ ଥିବାବେଳେ ଭୁବନେଶ୍ୱରରେ ଏହି ଦୁଇଟି ଘଟଣା ନୁହେଁ, ପୂର୍ବରୁ ୨ଟି ଡକାୟତି ମାମଲାରେ ସମ୍ପୃକ୍ତି ରହିଛି । ୨୦୧୮ରେ ଇନ୍ଫୋସିଟି ଥାନା ଅଞ୍ଚଳରେ ଜଣେ ଠିକାଦାରଙ୍କ ଘରେ ପଶି ବନ୍ଧୁକ ମୁନରେ ହାତ, ଗୋଡ଼ ବାନ୍ଧି ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଥିଲେ । ଅନୁରୂପ ଭାବେ ୨୦୧୯ରେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ବଡ଼ଧରଣର ଡକାୟତି କରିଥିଲେ । ଘର ଲୋକଙ୍କ ହାତ, ଗୋଡ଼ ବାନ୍ଧି ଟଙ୍କା ଓ ସୁନାଗହଣା ନେଇଯାଉଥିଲା । ଏତିକି ନୁହେଁ, ଭଦ୍ରକ ଜିଲ୍ଲା ଚରମ୍ପାର ଜଣେ ଯୁବ ବ୍ୟବସାୟୀଙ୍କ ଘରେ ପଶି ଡକାୟତ ପରେ ହତ୍ୟା ମାମଲାରେ ବି ଉକ୍ତ ଗ୍ୟାଙ୍ଗ ସମ୍ପୃକ୍ତି ରହିଛି ବୋଲି ତଦନ୍ତରୁ ଜଣାପଡ଼ିଛି ।

## ଫରେଷ୍ଟର୍, ଫରେଷ୍ଟ ଗାର୍ଡ ପରୀକ୍ଷାରେ ଅନିୟମିତତା:ସିବିଆଇ କିମ୍ବା ନ୍ୟାୟିକ ତଦନ୍ତ ଦାବି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କ ତଣ୍ଟିରେ ଲାଗିଛି ନିଯୁକ୍ତି ଅନିୟମିତତା କଣ୍ଟା । ଓଏସ୍‌ଏସ୍‌ଏସ୍‌ଏସି ପରିଚାଳିତ ଫରେଷ୍ଟର, ଫରେଷ୍ଟଗାର୍ଡ ଓ ଲାଇଭ୍-ଷ୍ଟକ୍ ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାରେ ଅନିୟମିତତା ହୋଇଥିବା ଦର୍ଶାଇ ୩୩୭ ଜଣଙ୍କୁ ଶାରୀରିକ ପରୀକ୍ଷାରୁ ବାଦ୍ ଦେବାପରେ ପ୍ରଶ୍ନର ପାହାଡ଼ ଠିଆ କରିଛନ୍ତି । ଆଶାୟୀ ଅନିୟମିତତା ସ୍ୱୀକାର କରିବା ପରେ ମଧ୍ୟ କାହିଁକି ତଦନ୍ତ କରାଯାଉନାହିଁ ବୋଲି ପ୍ରଶ୍ନ ପଚାରିଛନ୍ତି ବହୁ ସରକାରୀ ଅଧିକାରୀ । ସମ୍ପୃକ୍ତ ଥିବାରୁ ଏହାର ସିବିଆଇ କିମ୍ବା ଉଚ୍ଚ ନ୍ୟାୟାଳୟରେ କାର୍ଯ୍ୟରତ ବିଚାରପତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଛନ୍ତି ଷ୍ଟୁଡେଣ୍ଟ ଏଗେନ୍‌ଷ୍ଟ କରପ୍‌ସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର । ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ଗୋଟିଏ ସିଫ୍ଟର ସର୍ବାଧିକ ଓ ସର୍ବନିମ୍ନ ନମ୍ବରକୁ ନେଇ ନର୍ମାଲାଇଜେସନ୍ କରାଯାଏ ଓ ପର୍ସେଣ୍ଟାଇଲ୍ ବାହାର କରାଯାଏ । ୩୩୭ ଜଣ ବାଦ୍ ପଡ଼ିବା ପରେ ମେଧା ତାଲିକାରେ ପରିବର୍ତ୍ତନ ହେବା କଥା । ହେଲେ କେବଳ ୩୩୭ଙ୍କୁ ବାଦ୍ ଦେଇ ଅବଶିଷ୍ଟଙ୍କୁ କିପରି କେଉଁ ଆଧାରରେ ଯୋଗ୍ୟ କରାଗଲା । ସର୍ବୋଚ୍ଚ ବା ସର୍ବନିମ୍ନ ମାର୍କରେ ଏକ ନମ୍ବର କମ୍-ବେଶୀ ହେଲେ ନର୍ମାଲାଇଜେସନ୍‌ରେ ବଡ଼ ପରିବର୍ତ୍ତନ ହେବ । ଏପରି କ୍ଷେତ୍ରରେ ଆଶାୟୀଙ୍କ ସହ ପ୍ରତାରଣା କରାଯାଇଛି । ସେହିପରି ଏକାଡ଼େମିକ୍ ବା ଦଶମ ଦ୍ୱାଦଶରେ ଯାହାର ମାର୍କ କମ୍ ଥିଲା, ସେମାନେ ଯଦି ଅନିୟମିତତା କରିଛନ୍ତି ତାହେଲେ ଯାହାର ମାର୍କ ଅଧିକ ଥିଲା ସେ ଅନିୟମିତତା କରିନଥିବ ବୋଲି କେଉଁ ନିୟମ ଆଧାରରେ ସରକାର ବିଚାର କରିଛନ୍ତି । ପରୀକ୍ଷା ବେଳର ସିସିଟିଭି, ସର୍ଭର ସମେତ ସମସ୍ତ ବୈଷୟିକ ତଥ୍ୟ ସରକାରଙ୍କ ପାଖରେ ରହିଛି । ବିଧାନସଭାରେ ଖୋଦ୍ ମୁଖ୍ୟମନ୍ତ୍ରୀ ଚାକିରି ବିକ୍ରି ହେଉଥିବା କଥା କହିଛନ୍ତି । ତାହାଲେ ଏହାର ତଦନ୍ତ କରିବାରେ ଅସୁବିଧା କେଉଁଠି ? ସର୍ଭର ସହ ହେରାଫେରି କରି ଅନିୟମିତତା କରାଯାଇଥିବାରୁ ବହୁ ସରକାରୀ ଅଧିକାରୀଙ୍କ ସମ୍ପୃକ୍ତି ରହିଛି । ଏଣୁ ଏହାର ସିବିଆଇ କିମ୍ବା ନ୍ୟାୟିକ ତଦନ୍ତ କରିବାକୁ ଦାବି କରି ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖାଯାଇଛି । ଅନୁରୂପ ଭାବେ ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ନଥିବାରୁ ସମାନ ଦିନରେ ଏକାଧିକ ପରୀକ୍ଷା କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଫଳରେ ଆଶାୟୀମାନେ ଦୀର୍ଘ ଦିନରୁ ଅନବରତ ପରିଶ୍ରମ କରୁଥିଲେ ମଧ୍ୟ ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି । ଆସନ୍ତା ୮ ଓ ୯ ତାରିଖରେ ଓପିଏସ୍‌ସିର ଆସିଷ୍ଟାଣ୍ଟ ଏଗ୍ରିକଲଚର୍ ଅଫିସର (ଏଏଓ), ଓଡ଼ିଶା ପୋଲିସ ସବ୍-ଇନ୍‌ସ୍ପେକ୍ଟର, ଆର୍‌ପିଏଫ୍ କନେଷ୍ଟବଳ ଏବଂ ଷ୍ଟେଟ୍ ବ୍ୟାଙ୍କ ପିଓ ପରୀକ୍ଷା ରହିଛି । ଜଣେ ଆଶାୟୀ କିପରି ସମସ୍ତ ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ପରୀକ୍ଷା ତାରିଖ ପୁନଃ ନିର୍ଦ୍ଧାରଣ କରିବାକୁ ସେ ଦାବି କରିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୪ରା / ୫ଗୁ | ୩ଚ | ଚକେଶୁଶ୍ରା / ରଶ୍ନଲ |
| ୬ | ୩ / ୧ | ୧୨ |
| ୭ / ୮କେ | ୯ | ୧୧ / ୧୦ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୫।୩।୨୦୨୫, ଫାଲ୍ଗୁନ ଦି୨୧ନ, ବୁଧବାର**

**ସୂର୍ଯ୍ୟୋଦୟ-** ଘ୬।୦୪।୧୬ **ଚନ୍ଦ୍ରୋଦୟ-** ଦିଘ ୯।୪୫।୦୯

**ଷଷ୍ଠୀ-** ଦିଘ ୧୨।୫୧ ପର୍ଯ୍ୟନ୍ତ । **କୃତିକା ନକ୍ଷତ୍ର-** ରାଘ ୧।୦୯ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଦିଘ ୮।୧୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୮।୧୩ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ଦିଘ ୮।୧୩ ପରେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ ଦିଘ ୧୨।୫୧ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୭ ଗତେ ଘ ୭।୪୦ ମଧ୍ୟେ, ଦିଘ ୧।୫୫ ଗତେ ଘ ୫।୦୨ ମଧ୍ୟେ ।



**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି । ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ ।



**ବୃଷ:** ଦୁଃସାଧ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁଙ୍କ ସହଯୋଗ ।ଭ କରିବେ । ପାରିବାରିକ ଜୀବନ ସୁଖମୟ ହେବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ । ଆୟର ପରିମାଣ ବଢ଼ିପାରେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**କର୍କଟ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦ ଅନୁଭବ କରିବେ । ଦେବ ଦର୍ଶନ ସହ ଶୁଭ କାର୍ଯ୍ୟ ମଧ୍ୟ କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଶାନ୍ତିର ବାତାବରଣ ରହିବ ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ସାମାନ୍ୟ ବିଳମ୍ବ ଦେଖାଦେବ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।



**କନ୍ୟା:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ଆପଣାର ଲୋକ ବିଶ୍ୱାସଘାତକ କରିପାରନ୍ତି । ରୋଜଗାର ମଧ୍ୟମ ହେବ । ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଫଳ ପାଇବେ । ଘରେ କଳହ ଓ ଅଶାନ୍ତି ଦେଖାଦେବ ।



**ତୁଳା:** ମାନସିକ ଦୁଶ୍ଚିନ୍ତାର ଅନ୍ତ ହେବ । ଶତ୍ରୁ ନାଶ ହେବେ । ଘରେ ଆନନ୍ଦ ଦେଖାଦେବ । ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଶରୀର ସୁସ୍ଥ ରହିବ ।



**ବିଛା:** ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର । ବ୍ୟବସାୟରେ କ୍ଷତି ଦେଖାଦେବ । ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହୋଇପାରେ । ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ ।



**ଧନୁ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ସାମାଜିକ ସ୍ତରରେ ଲାଭବାନ୍ ହେବେ । ରୋଜଗାର ଭଲ ହେବ । ଘରେ ଶାନ୍ତି ଲାଭ ହେବ । ମହିଳାମାନେ ସୁଖୀ ହେବେ । ମନ ଭଲ ରହିବ ।



**ମକର:** ସମସ୍ତ କାର୍ଯ୍ୟ ଆପଣଙ୍କର ସୁରୁଖୁରୁରେ ସମ୍ପାଦନ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଦେହ ଓ ମନ ଭଲ ରହିବ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ସମସ୍ତ ସମସ୍ୟାର ଅନ୍ତ ହେବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖମୟ ହେବ । ନୂତନ ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ । ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଶାନ୍ତିର ବାତାବରଣ ରହିବ ।

## ଘର ସହ ପୋଡ଼ିଯାଇଛି ଝିଅ:ଆର୍ଥିକ ସହାୟତା ନିବେଦନ କଲେ ଦୃଷ୍ଟିବାଧିତ ବାପା

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**



ଛତ୍ରପୁର ବ୍ଲକ କାଳିପଲ୍ଲୀ ପଞ୍ଚାୟତ ବଡପୁଟି ତିଅରବସା ଗାଁର ଗରୀବ ତଥା ଦୃଷ୍ଟିବାଧିତ ସୁଦର୍ଶନ ବେହେରାଙ୍କ ଘର ସର୍ଟସର୍କିଟ୍‌ରେ ଫେବୃୟାରୀ ୧୦ ତାରିଖରେ ପୋଡି ଯାଇଥିଲା । ଏଥିରେ ଘର ସମ୍ପୂର୍ଣ୍ଣ ପୋଡି ଯାଇ କ୍ଷତି ହୋଇଥିବାବେଳେ ତାଙ୍କ ୧୬ ବର୍ଷର ଝିଅ ସୁଚିତ୍ରାଙ୍କ ହାତ ଓ ଗୋଡ ସମ୍ପୂର୍ଣ୍ଣ ପୋଡି ହୋଇଯାଇଥିଲା । ଏବେ ସେ ମେଡିକାଲ୍‌ର ସର୍ଜରୀ ବିଭାଗରେ ଚିକିତ୍ସିତ ହେଉଛି । ଏଥିରେ ତାଙ୍କ ୨ ପୁଅ ମଧ୍ୟ ଆହତ ହୋଇଥିଲେ । ତେବେ ଘର ପୋଡି ଏବଂ ଝିଅର ଚିକିତ୍ସା ପାଇଁ ଅର୍ଥର ଘୋର୍ ଅଭାବ ରହିଥିବା ସୁଦର୍ଶନ କହିଛନ୍ତି । ଏଥିପାଇଁ ଜରୁରୀକାଳୀନ ପାଣ୍ଠିରୁ ଆର୍ଥିକ ସହାୟତା ଦେବା ଲାଗି ସେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି ।

## ମହିଳାଙ୍କୁ ନିର୍ଯାତନା:ଥାନାରେ ମାମଲା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗାଁ ଦାଣ୍ଡରେ ଉଲଗ୍ନ କରି ମାଡ଼ ମରାଯାଇଛି । ଏନେଇ ସଦର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ସୋମବାର ଗାଁର କେତେକ ଯୁବକ ବିନା କାରଣରେ ମହିଳାଙ୍କ ଘର ସମ୍ମୁଖକୁ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ । ମହିଳାଜଣଙ୍କ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଉଲଗ୍ନ କରି ମାଡ଼ ମାରିଥିଲେ । ଏହାସହ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଚୁଟି ଘୋଷାଡ଼ି ମାଡ଼ ମାରିଥିଲେ । ମହିଳାଙ୍କ ମୁଣ୍ଡ, ହାତ, ପେଟରେ କ୍ଷତଚିହ୍ନ ସୃଷ୍ଟି ହୋଇଛି । ଅଭିଯୋଗ ହେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିଙ୍ଗ

# ଫ୍ରେସର୍ ନିଯୁକ୍ତିରେ ୫୦ ପ୍ରତିଶତ ହ୍ରାସ

ପାଠପଢ଼ା ଶେଷ କରିବା ପରେ ଚାକିରି ଦୁନିଆରେ ପ୍ରବେଶ କରିବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ଏବେ ସବୁଠୁ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ନିଜ ପସନ୍ଦର କମ୍ପାନିରେ ଚାକିରି ଖଣ୍ଡିଏ ପାଇବା ବେଶ୍ କଷ୍ଟକର ମନେ ହେଉଛି। ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଦୟନୀୟ ହୋଇପଡ଼ିଥିବାରୁ ସାଧାରଣ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା କ'ଣ ଥିବ ତାହା ସହଜରେ ଅନୁମାନ କରାଯାଇପାରିବ। ସୂଚନା ପ୍ରଯୁକ୍ତି ଶିଳ୍ପରେ ଚାକିରି ଜୀବନ ଆରମ୍ଭ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ଖରାପ ଖବର ହେଉଛି ଯେ ଫ୍ରେସର୍ ନିଯୁକ୍ତିରେ ୫୦ ପ୍ରତିଶତ ହ୍ରାସ ହେବାର ଆଶଙ୍କା ଦେଖାଦେଇଛି। ଗତ କିଛି ବର୍ଷ ହେଲାଣି ଆଇଟିରେ ଫ୍ରେସର୍ ନିଯୁକ୍ତି କମୁଥିଲା। ଚଳିତ ବର୍ଷ ତାହା ଆହୁରି ୫୦ ପ୍ରତିଶତ କମ୍ ହେବାର ଆଶଙ୍କା ରହିଛି। ଟିମ୍ଲିଜ୍ ସର୍ଭିସେସ୍ର ସିଏଫ୍ଓ ରମଣ ଦାଥ୍ କହିଛନ୍ତି ଯେ ଗତବର୍ଷ କ୍ୟାମ୍ପସ୍ରୁ ଫ୍ରେସର୍ ନିଯୁକ୍ତି କମ୍ ଥିଲା। ଚଳିତ ବର୍ଷ ତାହା ଆହୁରି କମିବ। ଦାଥ୍ଙ୍କ ମତରେ ଆଇଟି କମ୍ପାନିଗୁଡ଼ିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ମେସିନ୍ ଲର୍ଣ୍ଣିଂ (ଏମ୍ଏଲ୍) ଉପରେ ସ୍ୱତନ୍ତ୍ର ଦକ୍ଷତା ଥିବା ପିଲା ଖୋଜୁଛନ୍ତି ଯାହା କ୍ୟାମ୍ପସରୁ ମିଳିବା କଷ୍ଟକର ହେଉଛି। ଶିଳ୍ପର ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମରେ ପରିବର୍ତ୍ତନର ଆବଶ୍ୟକତା ରହିଛି। କିଛି ଶିକ୍ଷାନୁଷ୍ଠାନ ଇନଫୋସିସ୍, ଉ୍ୱିପ୍ରୋ ଓ ଟିସିଏସ୍ ଭଳି ଆଇଟି କମ୍ପାନିର ଆବଶ୍ୟକତା ଅନୁସାରେ ନିଜ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିଛନ୍ତି। ଏମିତିରେ ଆଇଟି ଶିଳ୍ପର ନିଯୁକ୍ତି ସ୍ଥିତି ନୈରାଶ୍ୟଜନକ ରହିଛି। ଗତ ୧୫ ମାସ ଭିତରେ ନିଯୁକ୍ତି ଲଗାତାର ଭାବେ କମୁଥିବା ବେଳେ କେବଳ ଫେବ୍ରୁଆରି ଓ ମାର୍ଚ୍ଚରେ କିଛି ନିର୍ଦ୍ଦିଷ୍ଟ କମ୍ପାନିରେ ନିଯୁକ୍ତି ବଢ଼ିଥିଲା। ଅନ୍ୟ ପକ୍ଷରେ, ଆଇଆଇଟି ଛାତ୍ରଛାତ୍ରୀମାନେ କ୍ୟାମ୍ପସ ଚୟନ ବେଳେ ନିଯୁକ୍ତି ପ୍ରସ୍ତାବ ପାଇବାକୁ ସଂଘର୍ଷ କରୁଥିବାର ମଧ୍ୟ ଚର୍ଚ୍ଚା ହେଉଛି। ଗୋଟିଏ ପଟେ ବହୁ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମିଳିନଥିବା ବେଳେ ଅନ୍ୟ ପଟେ ଯେଉଁମାନଙ୍କୁ ନିଯୁକ୍ତି ପ୍ରସ୍ତାବ ମିଳିଛି, ସେମାନଙ୍କୁ ଦିଆଯାଇଥିବା ବେତନ ପ୍ରସ୍ତାବ ଏତେ କମ୍ ରହିଛି ଯେ ତାହାକୁ ଗ୍ରହଣ କରିବେ ନା ନାହିଁ ତାହାକୁ ନେଇ ଛାତ୍ରଛାତ୍ରୀମାନେ ଚିନ୍ତାରେ ରହିଛନ୍ତି। ଚଳିତ ବର୍ଷ କିଛି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୩-୪ ଲକ୍ଷ ଟଙ୍କା ଭଳି କମ୍ ବେତନ ପ୍ରସ୍ତାବ ଦିଆଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

ସତ୍ୟ ଭାଗବତ
**ଜଗନ୍ନାଥ**

ହେ ପ୍ରଭୁ ଜଗତ ନାଥ
ମୁଁ
କାହାର କୁହ (ପଦ)
ଜନମ ଯାତନା ଦେଲ
ସଂସାରେ ସଂସାରୀ କଲ
ତୋ ଭଜନ ଭଜିବାକୁ
ପଥଟି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ କାହାର କୁହ
(୧)

ବାବାଜୀର ରୂପ ଦେଲ
ଭକ୍ତର ଭାବନା କଲ
ତୋ ମହିମା ବୁଝିବାକୁ
ଶକ୍ତିଟି ନଦେଲ
ହେ ପ୍ରଭୁ ଜଗତନାଥ
ମୁଁ କାହାର କୁହ (୨)

ପିତାମାତା ତୁମ୍ଭେ ହେଲ
ପୁତ୍ର ରୂପେ ଲୀଳା କଲ
ନାମ ଅନାମ ସୂତ୍ରକୁ
ଭକ୍ତିଟି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ କାହାର କୁହ (୩)

କୃପା ବାରିଧି ହୋଇଲ
ଅଭିରାମ ନାମ ଦେଲ
ତୋ ନାମକୁ ଭଜିବାକୁ
ଶ୍ରଦ୍ଧାଟି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ
କାହାର କୁହ (୪)

ସତ୍ୟ ପାଶେ ଶାନ୍ତି
ଦେଲ
ଦୟା ପାଶେ କ୍ଷମା
ଦେଲ
ନାମ ଥୋଇ ଅନାମକୁ
ଗୁପତ କରିଲ
ହେ ପ୍ରଭୁ ଜଗତନାଥ
ମୁଁ କାହାର କୁହ (୫)

ସବୁ ଦେଇ ଶୂନ୍ୟ କଲ
ଶୂନ୍ୟ ବ୍ରହ୍ମ ବୋଲାଇଲ
ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ
ଅଭିକି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ କାହାର କୁହ (୬)

# ରାଜଧାନୀ ଉପାନ୍ତର କୃଷି ଓ କୃଷକ


ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଭୁବନେଶ୍ୱର ରାଜଧାନୀ ହେବାପରେ ବିଗତ ୬୦ବର୍ଷ ଧରି କ୍ରମଶଃ ତାହାର କଳେବର ବୃଦ୍ଧି ହେବାରେ ଲାଗିଛି। ବର୍ତ୍ତମାନ ଏହାର ଲୋକସଂଖ୍ୟା ପ୍ରାୟ ୧୦ଲକ୍ଷକୁ ଆସିଲାଣି ଏବଂ ତିନିଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହା ବିଭକ୍ତ ହୋଇସାରିଛି। ରାଜଧାନୀର ଏପରି କଳେବର ବୃଦ୍ଧି ସହିତ ସନ୍ନିକଟ ଜନପଦଗୁଡ଼ିକ ମଧ୍ୟ ଏଥିରେ ସାମିଲ ହୋଇଯାଉଛନ୍ତି ଓ କ୍ରମବର୍ଦ୍ଧିଷ୍ଣୁ ଏହି ସହରର ଘର ସଂଖ୍ୟା ମଧ୍ୟ ସେହିପରି ବଢ଼ିବାରେ ଲାଗିଛି। ମୂଲ୍ୟବାନ ଚାଷ ଜମିଗୁଡ଼ିକୁ ବାଲିରେ ପୋତା ଯାଇ ତାହା ଉପରେ ଆକାଶ ଚୁମ୍ବୀ ପ୍ରାସାଦମାନ ନିର୍ମାଣ ହୋଇଚାଲିଛି। ଯାହାଫଳରେ ଚାଷ ଜମି କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। କହିବାକୁ ଗଲେ ଭୁବନେଶ୍ୱର ସନ୍ନିକଟରେ ଥିବା ଚାଷ ଜମିଗୁଡ଼ିକରେ ପ୍ରାୟଶଃ ଆଉ ଚାଷ ହେଉନାହିଁ। ଅଳ୍ପ କିଛି ବର୍ଷ ତଳେ ଯେଉଁ ଜମିସବୁ ଶସ୍ୟ ଶ୍ୟାମଳିତ ହୋଇ ପଥିକକୁ ଆକର୍ଷିତ କରୁଥିଲା ସେପରି ଦୃଶ୍ୟ ଆଜି ଆଉ ଆଖି ଆଗରେ ଦେଖିବାକୁ ପଡୁନାହିଁ। ଭୁବନେଶ୍ୱର ସହର ନିକଟରେ ଥିବା ଜନପଦମାନଙ୍କରେ କୃଷି ଶ୍ରମିକ ଶ୍ରେଣୀର ଲୋକମାନେ ଆଉ ପ୍ରାୟଶଃ ଦେଖାଯାଉନାହାନ୍ତି। ବର୍ତ୍ତମାନ ଗ୍ରାମାଞ୍ଚଳ ଯୁବପୀଢ଼ିମାନେ ବିଭିନ୍ନ କାର୍ଯ୍ୟକୁ ନେଇ ରାଜଧାନୀରେ ଭିଡ଼ ଜମାଉଛନ୍ତି। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗ୍ରାମରେ ସେମାନଙ୍କୁ ଆଉ ଦେଖିବାକୁ ମିଳୁନାହିଁ। ଯେଉଁ କେତେକ ବୟସ୍କ ଲୋକ ରହିଗଲେ ସେମାନେ ନିଜର ପୂର୍ବପୁରୁଷଙ୍କ କୃଷିକର୍ମକୁ ଛାଡ଼ିପାରିନାହାନ୍ତି। ବୟସରେ ଥକିଗଲେ ମଧ୍ୟ ବିଲମାଟିର ପଙ୍କ କାଦୁଅକୁ ସେମାନେ ପାସୋରି ଯାଇନାହାନ୍ତି। ଗ୍ରାମଗୁଡ଼ିକରେ ପୂର୍ବର ହଳ ବଳଦର ଚାଷ ଆଉ ପ୍ରାୟଶଃ ନାହିଁ। ତାହା ଜାଗାରେ ଟ୍ରାକ୍ଟରମାନଙ୍କଦ୍ୱାରା ଚାଷକାର୍ଯ୍ୟ ହେଉଛି। ସେହିପରି ଧାନ ରୁଆ, କଟା ଓ ଅମଳ ପ୍ରଭୃତି ମଧ୍ୟ ମେସିନ୍ ସାହାଯ୍ୟରେ ଅତି ଅଳ୍ପ ସମୟରେ ହୋଇଯାଉଛି। ତେଣୁ କୃଷି ଶ୍ରମଜୀବୀମାନଙ୍କର ଅଭାବ ଆଉ ଜଣାପଡୁନାହିଁ। ଚାଷକାର୍ଯ୍ୟ ନିମନ୍ତେ ଯେଉଁମାନଙ୍କର କୁଶଳତା ଥିଲା ସେମାନେ ପ୍ରାୟ ଆଉ ନାହାନ୍ତି। ତେଣୁ ସରକାରଙ୍କର ପ୍ରତନିଧିମାନେ ଯାହା ଯେପରି ବତାଉଛନ୍ତି ସେହି ଅନୁସାରେ ବର୍ତ୍ତମାନର ଚାଷକାର୍ଯ୍ୟ ଆଗେଇ ଚାଲିଛି। ଏପରିକି ବିହନ ଯୋଗାଇବା ମଧ୍ୟ ସରକାରଙ୍କ ଉପରେ ନିର୍ଭର କରୁଛି। ପୁଣି ଏପରି ବିହନ ଆସୁଛି ଯେ ଯେଉଁଥିରୁ ଗଜା ବାହାରୁ ନାହିଁ କି ଗଜା ବାହାରି ରୁଆ ହେଲେ ବି ଧାନ ଫଳୁନାହିଁ। ଚାଷୀଙ୍କୁ ଶେଷରେ ହତାଶ ହେବାକୁ ପଡୁଛି। ଚାଷ ନିମନ୍ତେ ଗାଁ ଗହଳରେ ପୁରୁଷାନୁକ୍ରମେ ରହିଆସୁଥିବା ବିହନମାନ ମଧ୍ୟ ଆଉ ନାହିଁ। କେଉଁ ଜମି ଏବଂ କେତେ ପାଣିରେ ସେପରି ବିହନଗୁଡ଼ିକରୁ ଗଜା ହେବା ସହ ଉତ୍ପାଦନ କ୍ଷମ ହେବ ତାହା କେବଳ ଗ୍ରାମାଞ୍ଚଳର ସେହି କୁଶଳୀ କୃଷିଜୀବୀମାନଙ୍କୁ ଜଣାଥିଲା। ମାତ୍ର ସରକାରଙ୍କର ହସ୍ତକ୍ଷେପ ଫଳରେ ସେସବୁ କ୍ରମଶଃ ଲିଭି ଆସିଲାଣି। ସରକାରୀ ପ୍ରୋତ୍ସାହନରେ ଫସଲରୁ ରୋଗ ପୋକମାରିବା ନିମନ୍ତେ ଯେଉଁଭଳି ଔଷଧ ପ୍ରୟୋଗ କରାଯାଉଛି ସେଥିରେ ପୋକ ଲାଗିବା ପ୍ରଶମିତ ହେଲେ ମଧ୍ୟ ଜମିଗୁଡ଼ିକରେ ଚାଷ ପାଇଁ ସାହାଯ୍ୟ କରୁଥିବା ଜିଆ, ଗେଣ୍ଡା ଓ କଙ୍କଡ଼ା ପ୍ରଭୃତି ଜଳଚର ଜୀବମାନଙ୍କର ସତ୍ତା ଲୋପ ପାଇଯାଉଛି। କୃଷି ସହାୟତା ନିମନ୍ତେ ବିଶେଷ ଉପଯୋଗୀ ଜୀବ ଭାବେ ସେଗୁଡ଼ିକ ସର୍ବଦା ପରିଚିତ। ଜୈବିକ ଖତ ପ୍ରୟୋଗ ସ୍ଥାନରେ କେମିକାଲ୍ ସାର ପ୍ରୟୋଗ ହେତୁ ଜମିର ଉର୍ବରତା ମଧ୍ୟ ନଷ୍ଟ ହୋଇଯାଉଛି। ଏଥିପ୍ରତି କୌଣସି କୃଷିବିତ୍ ଦୃଷ୍ଟି ଦେଉନାହାନ୍ତି। ପଚାଷ ଦଶକରେ ଯେଉଁ ଜୈବିକ ଖତ ବ୍ୟବହାର କରିବା ନିମନ୍ତେ ଚାଷୀମାନଙ୍କୁ ପ୍ରବର୍ତ୍ତା ଯାଉଥିଲା ସେସବୁ ଆଜି ଆଉ ନାହିଁ। ଏହି ଜୈବିକ ବା କମ୍ପୋଷ୍ଟ ଖତ ତିଆରି ନିମନ୍ତେ ଆବଶ୍ୟକୀୟ ପଦ୍ଧତି ଚାଷୀମାନଙ୍କୁ ଜଣାଇ ଦିଆଯାଉଥିଲା। ଯାହାଫଳରେ ସେମାନେ ତାହା କିଭଳି ସୃଷ୍ଟି ହୋଇପାରିବ ସେ ବିଷୟରେ ଧାରଣା ପାଇପାରୁଥିଲେ।

ଚାଷର ଅନ୍ୟ ଶତ୍ରୁ ହେଲେ ଷଣ୍ଢ ଓ ମାଙ୍କଡ଼। ଷଣ୍ଢଗୁଡ଼ିକ ଶିବଙ୍କର ବାହନ ହୋଇଥିଲାବେଳେ ମାଙ୍କଡ଼ଗୁଡ଼ିକ ଶ୍ରୀରାମଚନ୍ଦ୍ରଙ୍କ ଅନୁଚର। ତେଣୁ ଏହିଭଳି ଧାର୍ମିକ ଚେତନାରେ ଏହି ଦୁଇଟି ପ୍ରାଣୀ ଚାଷକୁ କିଭଳି ନଷ୍ଟ କରିପାରୁଛନ୍ତି ତାହା ମଧ୍ୟ ଅନୁଧାନଯୋଗ୍ୟ। ଯେହେତୁ ଏଗୁଡ଼ିକ ଧାର୍ମିକ ଚେତନାର ପ୍ରତୀକ ତେଣୁ ସେମାନଙ୍କୁ ସମସ୍ତ ପ୍ରକାରର ଦଣ୍ଡରୁ ଛାଡ଼ କରିଦିଆଯାଏ। ଗ୍ରାମରେ ଥିବା ଷଣ୍ଢଗୁଡ଼ିକ କାହାର ନିଜର ନୁହନ୍ତି। ଷଣ୍ଢ ସବୁ ଫସଲ ଜମିରେ ପଶି ନଷ୍ଟ କରିପାରିବେ। ହୁଏତ ଚାଷୀଟି ସେପରି ଦେଖିଲେ ତାକୁ ନିଜ ଜମିରୁ ଅନ୍ୟ ଆଡ଼କୁ କେବଳ ହୁରାଡ଼ି ଦେଇଥାନ୍ତି। ମାତ୍ର ପରକ୍ଷଣରେ ଅନ୍ୟ ଚାଷୀର ଜମିରେ ପଶି ସେହିଭଳି ଉତ୍ପାତ ସେ ସୃଷ୍ଟି କରିଦିଏ। ସେପରି ଷଣ୍ଢମାନଙ୍କୁ ଯିଏ ଘଉଡ଼େଇଦେଲା ତାହାକୁ କେତେକ ଶିବଦ୍ରୋହୀ ଭାବେ ବିବେଚନା କରିଥାନ୍ତି ଓ ଦରକାର ପଡ଼ିଲେ ସେମାନଙ୍କୁ ଗ୍ରାମସଭାରେ ଅର୍ଥଦଣ୍ଡ ଦେବାକୁ ପଡ଼େ। ଯାହାକି ଗ୍ରାମରେ ଥିବା ଶିବମନ୍ଦିରର ସେବକମାନଙ୍କର ପ୍ରାପ୍ୟ ହୋଇଯାଏ। ପୁଣି ମାଙ୍କଡ଼ଗୁଡ଼ିକ ଶ୍ରୀରାମଚନ୍ଦ୍ରଙ୍କର ଅନୁଚର ଭାବରେ ସର୍ବଦା ବିବେଚିତ। ତେଣୁ ସେମାନଙ୍କୁ ମାରିବା ମଧ୍ୟ ଏକ ଅପରାଧ। ଯଦି ମାଙ୍କଡ଼ମାନଙ୍କୁ ମାରିଦିଆଗଲା ତେବେ ପ୍ରାୟଶ୍ଚିତ କରିବାକୁ ପଡ଼ିଥାଏ ଓ ପଶୁ ହତ୍ୟା ଦଫା ମଧ୍ୟ ଲାଗେ। ପଚାଶ ଦଶକରେ ସରକାରଙ୍କ ତରଫରୁ ମାଙ୍କଡ଼ ମରା ଅଭିଯାନ ଆରମ୍ଭ ହୋଇଥିଲା। ମାଙ୍କଡ଼ ମରା ନିମନ୍ତେ ବନ୍ଧୁକଧାରୀ ଲୋକ ନିଯୁକ୍ତ ହୋଇଥିଲେ ଓ ପ୍ରତି ମଲା ମାଙ୍କଡ଼ ମାରିଲେ ଲାଞ୍ଜ ପ୍ରତି ଏକଟଙ୍କା ମାରିବା ଲୋକଙ୍କୁ ମିଳୁଥିଲା। ମାତ୍ର ତାହା ଆଜି ଆଉ ନାହିଁ। ମାଙ୍କଡ଼କୁ ପୋଷିବା ଏବେ ଏକ ଧର୍ତ୍ତବ୍ୟ ଅପରାଧ ଭାବରେ ଆଇନରେ ବି ସ୍ଥାନ ପାଇସାରିଛି। ବର୍ତ୍ତମାନ ସେହି ମାଙ୍କଡ଼ମାନଙ୍କ ଯୋଗୁ ବାଡ଼ି, ବଗିଚାରେ କୌଣସି ଫସଲ ରହୁନାହିଁ। ପରିବା ବା କୌଣସି ଫଳ ଗଛରେ କଷି ଆରମ୍ଭରୁ ହିଁ ସେମାନେ ତାକୁ ଛିଣ୍ଡାଇ ଖାଇ ଦେଉଛନ୍ତି। ସେଥିପାଇଁ ପ୍ରାୟଶଃ ଗ୍ରାମରେ ଆଉ କେହି ପରିବା ଚାଷ କରିବା ପାଇଁ ଇଚ୍ଛୁକ ନୁହନ୍ତି। ପୁଣି ବର୍ତ୍ତମାନ ମାଙ୍କଡ଼ମାନେ ସଂଘବଦ୍ଧ ଭାବେ ଲୋକମାନଙ୍କ ଉପରେ ଏପରି ଆକ୍ରମଣ କରୁଛନ୍ତି ଯେ ପରିବା ବଗିଚାକୁ ଯିବାକୁ ସେମାନେ ଭୟ କଲେଣି। ପୂର୍ବେ ଗ୍ରାମମାନଙ୍କରେ ଯଥେଷ୍ଟ ଆମ୍ବତୋଟା, କେନ୍ଦୁ, ଜାମୁକୋଳି ଓ ତେନ୍ତୁଳି ଗଛମାନ ଦେଖିବାକୁ ମିଳୁଥିଲା। ସେହିସବୁ ତୋଟାମାନଙ୍କରେ ମାଙ୍କଡ଼ମାନେ ଅଟକି ଯାଉଥିଲେ। ପରିବା କିଆରି ପ୍ରତି ସେମାନଙ୍କର ଦୃଷ୍ଟି ଆଉ ରହୁନଥିଲା। ବର୍ତ୍ତମାନ ସେପରି ତୋଟା କି ଗଛ ଆଉ ଦେଖିବାକୁ ମିଳୁନାହିଁ। ସେହିସବୁ ସ୍ଥାନରେ କନିଅର, କୃଷ୍ଣଚୂଡ଼ା, ରାଧାଚୂଡ଼ା, ଇଉକାଲିପଟାସ୍ ଗଛମାନ ଦେଖିବାକୁ ମିଳୁଛି। ଯାହାଫଳରେ ମାଙ୍କଡ଼ମାନେ ଖାଦ୍ୟ ଅନ୍ୱେଷଣ କରିପାରୁନଥିବାରୁ ପରିବା ବିଲ ଆଡ଼କୁ ମୁହାଁଉଛନ୍ତି। କେବଳ କହିବାକୁ ଗଲେ ଏହି ମାଙ୍କଡ଼ ଓ ଷଣ୍ଢମାନଙ୍କ ଯୋଗୁ ପରିବା ଚାଷ ଘୋର ବିପର୍ଯ୍ୟୟ ଅବସ୍ଥାକୁ ଆସିଗଲାଣି। ଲୋକମାନଙ୍କ ବାଡ଼ିରେ ଅମୃତଭଣ୍ଡା, କଦଳୀ ଓ ସଜନାଗଛମାନ ରହି ସେମାନଙ୍କର ପରିବା ଚାହିଦା କମାଇ ଦେଉଥିଲା। ବର୍ତ୍ତମାନ ତାହା ଆଉ ନାହିଁ।

କୃଷିର ଉନ୍ନତି ନିମନ୍ତେ ସରକାର ଯେଉଁଭଳି ଉଦ୍‌ବେଗ ପ୍ରକାଶ କରୁଛନ୍ତି ତାହାର ସଂରକ୍ଷଣ ନିମନ୍ତେ ମଧ୍ୟ ସେହିଭଳି ତତ୍ପରତା ଦେଖାଇବାର ଆବଶ୍ୟକତା ରହିଛି। ଅନ୍ୟ ପ୍ରଦେଶମାନଙ୍କରେ ଚାଷୀମାନଙ୍କ ଚାଷର ସୁରକ୍ଷା ନିମନ୍ତେ ସରକାର ଯେତେ ତତ୍ପରତା ଦେଖାଉଛନ୍ତି ଓଡ଼ିଶାରେ ପ୍ରାୟ ତାହା ଦେଖାଯାଉନାହିଁ। କେବଳ କାଗଜପତ୍ରରେ ଯୋଜନା ପ୍ରକାଶ କରି କେତେଜଣ ଅନଭିଜ୍ଞ କର୍ମଚାରୀଙ୍କ ହାତରେ ତାହାକୁ କାର୍ଯ୍ୟକାରୀ କରିବାକୁ ଦିଆଗଲେ ଚାଷର ଉନ୍ନତି ଆଦୌ ହୋଇପାରିବନି। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗଳା ଓ ଆନ୍ଧ୍ରରେ ଚାଷ ନିମନ୍ତେ ସେଠାର ସରକାର ଯେତେ ଯତ୍ନ ନେଉଛନ୍ତି ତାହା ଓଡ଼ିଶାରେ ଦେଖାଯାଉନାହିଁ। ପଶ୍ଚିମବଙ୍ଗର ମେଦିନପୁର ଅଞ୍ଚଳ ଆଳୁଚାଷ ପାଇଁ ଦେଶରେ ଖ୍ୟାତି ଲାଭ କରିଛି। ଏହି ଆଳୁକୁ କିଛି ମାସ ସାଇତି ରଖିବା ପାଇଁ ଘରୋଇ ଉଦ୍ୟୋଗିମାନଙ୍କୁ ଶୀତଳ ଭଣ୍ଡାର ନିର୍ମାଣ ନିମନ୍ତେ ପ୍ରୋତ୍ସାହନ ଦିଆଯାଉଛି। ଯାହାଫଳରେ ଆଳୁ ଚାଷୀଟିଏ ଫସଲ ଉତ୍ପାଦନ ପରେ ସେଗୁଡ଼ିକୁ ଶୀତଳ ଭଣ୍ଡାରରେ ସଂରକ୍ଷିତ କରିବା ସହ ପରବର୍ତ୍ତୀ କାଳରେ ବର୍ଦ୍ଧିତ ମୂଲ୍ୟରେ ତାକୁ ବିକ୍ରି କରି ବେଶ୍ ଲାଭବାନ ହୋଇପାରୁଛନ୍ତି। ହୁଏତ ଓଡ଼ିଶାରେ ହାତଗଣତି କେତୋଟି ମାତ୍ର ଶୀତଳଭଣ୍ଡାର ସରକାରଙ୍କଦ୍ୱାରା ସ୍ଥାପିତ ହୋଇଛି ଓ ତାହା ମଧ୍ୟରୁ ଅନେକ ଅଚଳ ଅବସ୍ଥାରେ ରହିଛି। ତେବେ ଚାଷୀଟିଏ ଯଦି ଆଳୁଚାଷ କଲା ତାହାଦ୍ୱାରା ସେ କେଉଁ ପ୍ରକାରର ଲାଭବାନ ହୋଇପାରିବ ତାହାର ସମୀକ୍ଷା କେବେ କରାଯାଇଛି କି? ତେଣୁ ଚାଷର ବ୍ୟାପକତା ନିମନ୍ତେ ସରକାର ପ୍ରଚାର ମାଧ୍ୟମରେ ଯେତେ ଉପଦେଶ ଦେଲେ ମଧ୍ୟ ବସ୍ତୁତଃ ତାହା ଆଦୌ କାର୍ଯ୍ୟକାରୀ ହୋଇପାରିବନାହିଁ। ଏହିପରି ଯୋଜନାକୁ ତ୍ୱରାନ୍ୱିତ କରିବାକୁ ହେଲେ ବିଭିନ୍ନ ସହର ନିକଟସ୍ଥ ଗ୍ରାମାଞ୍ଚଳମାନଙ୍କରେ ଏହାର ପରୀକ୍ଷା କରିବାର ଆବଶ୍ୟକତା ରହିଛି। କାରଣ ସମ୍ପୃକ୍ତ ଗ୍ରାମାଞ୍ଚଳ ଚାଷୀମାନଙ୍କର ସହରଗୁଡ଼ିକ ହେଉଛି ପ୍ରମୁଖ ବିକ୍ରୟ ସ୍ଥଳ। ଏଥିପାଇଁ ବିଭିନ୍ନ ପୌରାଞ୍ଚଳ ଆଗଭର ହୋଇ ନିକଟସ୍ଥ ଚାଷୀମାନଙ୍କୁ କୃଷିର ଉପାଦେୟତା ସମ୍ପର୍କରେ ବୁଝାଇ ସହଯୋଗର ହାତ ବଢ଼ାଇଲେ ଚାଷୀଙ୍କର ଉପକାର ମଧ୍ୟ ହୋଇପାରନ୍ତା।

କୃଷକ ବା କୃଷିର ଉନ୍ନତି ନିମନ୍ତେ କୃଷକ କମିଶନ ଗଠନ କରାଯାଇଛି। ଧାନରୁ ବାଲୁଙ୍ଗା ଚିହ୍ନି ପାରୁନଥିବା ଅତୀତର ବହୁ ଉଚ୍ଚ ପଦାଧିକାରୀମାନଙ୍କୁ ନେଇ କମିଟିମାନ ଗଢ଼ାଯାଇଛି। ଏପରି ଅନଭିଜ୍ଞ ବ୍ୟକ୍ତି ବିଶେଷ ଚାଷର ଉନ୍ନତି ନିମନ୍ତେ କ'ଣ ବା ପରାମର୍ଶ ଦେବେ? କେବଳ କେତେଜଣ ଅବସରପ୍ରାପ୍ତ ପଦାଧିକାରୀମାନଙ୍କୁ ସନ୍ତୁଷ୍ଟ ବା ଥଇଥାନ କରିବା ନିମନ୍ତେ ଏହା କେବଳ ଏକ ଅମଲାତାନ୍ତ୍ରିକ ଚିନ୍ତାଧାରର ଅଙ୍ଗ ବୋଲି କହିବାରେ ଆଦୌ ଅସଙ୍ଗତି ନାହିଁ। ଚାଷ ଜମି ଦେଖି ନଥିବା କି ଚାଷ ସମ୍ପର୍କରେ କିଛି ଜାଣିନଥିବା ଏପରି ବ୍ୟକ୍ତି ବିଶେଷଙ୍କର ତଥାକଥିତ ପରାମର୍ଶ କୃଷିର ଉନ୍ନତି ନିମନ୍ତେ କେତେଦୂର ସହାୟକ ହେବ ତାହା ସମସ୍ତଙ୍କୁ ଜଣାଅଛି। ଯଦି ସରକାରଙ୍କର ଏପରି ଆଗ୍ରହ ରହିଛି ତେବେ ଗ୍ରାମ ସ୍ତରରେ ଉପଯୁକ୍ତ ଆଗ୍ରହୀ ପୁରୁଖା ଚାଷୀମାନଙ୍କୁ ଖୋଜି ସେମାନଙ୍କର ଅସୁବିଧା ସମ୍ପର୍କରେ ସବିଶେଷ ଅନୁଧାନ କରି ନିଷ୍ପତ୍ତି ନେଲେ ସେମାନଙ୍କ ପାଇଁ କିଛିଟା କରିହୁଅନ୍ତା। ମାତ୍ର ବ୍ରିଟିଶ୍ ଢାଞ୍ଚାରେ ଗଢ଼ା ଏପରି ଅମଲାତାନ୍ତ୍ରିକ ଶାସନରେ ତାହା ସମ୍ଭବ ନୁହେଁ?

# ସମୃଦ୍ଧ ଓଡ଼ିଶା ଗଠନରେ ବିଜୁବାବୁଙ୍କ ଅବଦାନ


ଶ୍ରୀ ବୁଦ୍ଧରାମ ସାହୁ
ଖାରବେଳନଗର
ମୋ – ୯୪୩୭୧୭୯୦୪୭

୧୯୬୯ ମସିହା ବେଳକୁ ବିଜୁବାବୁ କଂଗ୍ରେସ ଛାଡ଼ିଲା ପରେ କଂଗ୍ରେସର ଯୁବ ସଂଗଠନ "ଯୁବ କଂଗ୍ରେସ" ଓ ଛାତ୍ର ସଂଗଠନ "ନିଖିଳ ଉତ୍କଳ ଛାତ୍ର ୟୁନିୟନ" ଦୁଇଭାଗ ହୋଇଯାଇଥିଲା ଓ ଅଧିକାଂଶ ଯୁବ ଓ ଛାତ୍ରନେତା ବିଜୁବାବୁଙ୍କୁ ସମର୍ଥନ କରିବା ଦ୍ୱାରା ବିଜୁ ବାବୁ ଉତ୍ସାହିତ ହେବା ସହିତ ବହୁ ପୁରୁଖା ନେତାଙ୍କ ସମର୍ଥନ ଯୋଗୁଁ ଓଡ଼ିଶା ରାଜ୍ୟର ଉନ୍ନତି ପାଇଁ ଏକ ରାଜ୍ୟସ୍ତରୀୟ ଦଳ ଗଠନ କରିବାକୁ ମନସ୍ଥ କରିଥିଲେ। ପ୍ରାଦେଶିକ ଦଳ ଗଠନ କରି ରାଜ୍ୟର ଉନ୍ନତି ପାଇଁ ବହୁ ଅର୍ଥନୀତିଜ୍ଞ, ବୁଦ୍ଧିଜୀବୀ, ବ୍ୟବସାୟୀ ଓ ପୁଞ୍ଜିପତିମାନେ ବିଜୁବାବୁଙ୍କୁ ପରୋକ୍ଷ ସମର୍ଥନ ଜଣାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ବିଜୁ ବାବୁ ସେ ସମୟରେ ହୃଦୟଙ୍ଗମ କରିଥିଲେ ଯେ, ଓଡ଼ିଶା ରାଜ୍ୟ ଶିଳ୍ପ କ୍ଷେତ୍ରରେ ଅନ୍ୟ ରାଜ୍ୟ ଅପେକ୍ଷା ବହୁ ପଛରେ ଅଛି। ରାଜ୍ୟରେ ଖଣିଜ ପଦାର୍ଥ ଥାଇ ମଧ୍ୟ ତାର ଉଚିତ୍ ବିନିଯୋଗ ହୋଇପାରୁ ନାହିଁ। ରାଜ୍ୟରେ ଶିଳ୍ପର ଉନ୍ନତି ଘଟିଲେ ବେକାରୀ ସମସ୍ୟା ଛାଏଁ ସମାଧାନ ହୋଇଯିବ। ରାଜ୍ୟବାସୀଙ୍କୁ ଏକାଠି କରିବା ସହିତ ଯୁବ ଛାତ୍ରଙ୍କୁ ଏଥିରେ ସାମିଲ୍ କରିବା ବିଜୁବାବୁଙ୍କ ସ୍ୱପ୍ନ ଓ ପରିକଳ୍ପନା ଥିଲା।

ତାଙ୍କର ପ୍ରଥମ ପରିକଳ୍ପନା ଥିଲା, ରାଜ୍ୟରେ ରାଉରକେଲା ପରି ଦ୍ୱିତୀୟ ଇସ୍ପାତ କାରଖାନା ନିର୍ମାଣ। କାରଣ କେନ୍ଦୁଝର ଜିଲ୍ଲାର ଭରପୁର କଞ୍ଚାମାଲ୍‌କୁ ସଦ୍‌ଉପଯୋଗ ଏହାଦ୍ୱାରା ସୁବିଧାରେ ହୋଇପାରିବ। ଏଥିପାଇଁ ରାଜ୍ୟ ବାହାରୁ ପୁଞ୍ଜି ବିନିଯୋଗ କରାଯିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇପାରିବ। ଏହା ନିର୍ମାଣ ହେଲେ ବହୁ ବେକାର ଯୁବକ କର୍ମସଂସ୍ଥାନ ପାଇପାରିବେ। ବିଜୁ ବାବୁ ଏହି ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟା କଲେ ଯେତେବେଳେ ସେ ୧୯୭୭ ମସିହାରେ ଜନତା ସରକାରରେ କେନ୍ଦ୍ରରେ ଇସ୍ପାତ ମନ୍ତ୍ରୀ ଥିବା ସମୟରେ ସେ ରାଜ୍ୟରେ ଦ୍ୱିତୀୟ ଇସ୍ପାତ କାରଖାନା କରିପାରି ନଥିଲେ ମଧ୍ୟ ରାଜ୍ୟରେ ନାଲ୍‌କୋ ପରି ଆଲୁମିନିୟମ କାରଖାନା ସ୍ଥାପନର ପରିକଳ୍ପନା କରିପାରିଥିଲେ। ତାଙ୍କ ସମୟରେ ଏ ପ୍ରୋଜେକ୍ଟ ଓ ସ୍ଥାନର ନିରୂପଣ କରାଯାଇଥିଲା। ବିଜୁବାବୁ ୧୯୯୦ ମସିହାରେ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପ୍ରବାସୀ ଭାରତୀୟ ଶିଳ୍ପପତି ସ୍ୱରାଜ ପାଲଙ୍କୁ ଆଣି କେନ୍ଦୁଝର ଜିଲ୍ଲାର ଯଖପୁର ଠାରେ ଦ୍ୱିତୀୟ ଇସ୍ପାତ କାରଖାନାର ଶୁଭ ଦେଇଥିଲେ। ସମୟକ୍ରମେ ସେଠାରେ ଜିନ୍ଦଲ, ଟାଟା, ନିଳାଚଳ, ଭିଷାଷ୍ଟିଲ୍, ମେସ୍କୋ ପ୍ରଭୃତି ଶିଳ୍ପ ପ୍ରତିଷ୍ଠା ହୋଇ ତାହା କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ପରିଣତ ହୋଇପାରିଥିଲା। ତାଙ୍କର ଦ୍ୱିତୀୟ ପରିକଳ୍ପନା ଥିଲା ଦକ୍ଷିଣପୂର୍ବ ରେଳପଥର ମୁଖ୍ୟ କାର୍ଯ୍ୟାଳୟ କଲିକତାରୁ ଭୁବନେଶ୍ୱର ସ୍ଥାନାନ୍ତର ହେବା। କାରଣ ଦକ୍ଷିଣ-ପୂର୍ବ ରେଳପଥର ଦୁଇ-ତୃତୀୟାଂଶ ଓଡ଼ିଶା ରାଜ୍ୟ ଭିତରେ ଅନ୍ତର୍ଭୁକ୍ତ। ଏହି ରେଳପଥରେ ରାଉରକେଲା, ତାଳଚେର, ଦୈତାରୀ ପ୍ରଭୃତି ସ୍ଥାନମାନଙ୍କରୁ ଲୁହାପଥର ଏବଂ କୋଇଲା ବାହାରକୁ ରପ୍ତାନୀ କରାଯାଏ। ଇତି ମଧ୍ୟରେ ଦକ୍ଷିଣପୂର୍ବ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଓଡ଼ିଶା ରାଜ୍ୟକୁ ନ ଆସିଥିଲେ ମଧ୍ୟ ତାର ଓଡ଼ିଶାରେ ରେଳପଥ ଅଂଶକୁ ପୂର୍ବତଟ ରେଳପଥ ନାମରେ ନାମିତ କରି ତା'ର କାର୍ଯ୍ୟାଳୟ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ସ୍ଥାପିତ କରାଗଲା। ଏହି ରେଳପଥର କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିବା ଦ୍ୱାରା ରେଲ୍‌ୱେ ରିକ୍ରୁଟମେଣ୍ଟ ବୋର୍ଡ଼ ଏଠାରେ ରହି କାର୍ଯ୍ୟ କଲା ଏବଂ ସେଥିରେ ରାଜ୍ୟର ବହୁ ଓଡ଼ିଆ ବେକାର ଯୁବକ ଆତ୍ମନିଯୁକ୍ତି ପାଇଲେ। ଏହାକୁ ବିଜୁବାବୁ ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ଥିବାବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ଦେବେଗୌଡ଼ାଙ୍କୁ ପ୍ରଭାବିତ କରି କଲିକତା ମୁଖ୍ୟ କାର୍ଯ୍ୟାଳୟରୁ ଏହାର ବୃହତ୍ ଅଂଶ ଓଡ଼ିଶାକୁ ଆଣି ସ୍ଥାପିତ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ୨୦୦୩ ମସିହାରେ ନବୀନ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ଏବଂ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ତା' ପରଠାରୁ ରାଜ୍ୟରେ ରେଳପଥର ପୁନର୍ବିନ୍ୟାସ ଘଟିଥିଲା।

ବିଜୁବାବୁଙ୍କ ତୃତୀୟ ଓ ଶେଷ ପରିକଳ୍ପନା ଥିଲା ତାଳଚେର ଓ ବିମଳାଗଡ଼ର ରେଳପଥ ସଂଯୋଗୀକରଣ। ସୁନ୍ଦରଗଡ଼ ବିମଳାଗଡ଼ ଯାହା ରାଉରକେଲାଠାରୁ ସିଧାସଳଖ ରାଜ୍ୟର ରାଜଧାନୀ ଭୁବନେଶ୍ୱର ସହିତ ସଂଯୋଗ ହେବ। ଏହାଦ୍ୱାରା କୋଇଲା ଓ ଖଣିଜ ପଦାର୍ଥ ବାହାର ରାଜ୍ୟକୁ ରପ୍ତାନୀ କ୍ଷେତ୍ରରେ ସହଜ ହେବ। ଅନ୍ୟପଟେ ଏହି ରେଳ ସଂଯୋଗୀକରଣ ଦ୍ୱାରା ଭୁବନେଶ୍ୱରରୁ ରାଉରକେଲା ଭାୟା ସମ୍ବଲପୁର ରୋଡ଼ ରାସ୍ତାର ଦୂରତ୍ୱ ପ୍ରାୟ ୧୫୦ କି.ମି କମିଯିବ। ତାଳଚେରଠାରୁ ରାଉରକେଲା ମଧ୍ୟରେ ଦେବଗଡ଼, ପାଲଲହଡ଼ା, ଛେଣ୍ଡିପଦା, ତେଲକୋଇ ଓ ବଣେଇ ମଧ୍ୟରେ ଯୋଗାଯୋଗ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ସେ ଅଞ୍ଚଳର ଜନସାଧାରଣଙ୍କର ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତି ହୋଇପାରିବ। ବିଭିନ୍ନ ସ୍ଥାନରେ ପର୍ଯ୍ୟଟନ ଶିଳ୍ପର ପ୍ରସାର ହେବା ସଙ୍ଗେ ସଙ୍ଗେ ସେ ଅଞ୍ଚଳର ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଅଗ୍ରଗତି ପରିଲକ୍ଷିତ ହେବ।

ସେ ସମୟରେ ବିଜୁବାବୁଙ୍କ ଅଧୁରା ସ୍ୱପ୍ନ କହିଲେ ଏହି ତିନୋଟି ପ୍ରକଳ୍ପର ପରିକଳ୍ପନା ଅଟେ। ବିଜୁବାବୁ ରାଜ୍ୟକୁ ଶିଳ୍ପାୟନ ତଥା ବେକାରୀ ସମସ୍ୟା ଦୂରୀକରଣ ପାଇଁ ରାଜ୍ୟର ଯୁବଶକ୍ତିକୁ ଏକତ୍ରିତ କଲେ, ରାଜ୍ୟରେ ଶାସନଭାର ଅକ୍ତିଆର କରିବା ସମ୍ଭବ ବୋଲି ସେ ନିଶ୍ଚିତ ଥିଲେ। ସେ ଜାଣିଥିଲେ ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ, କେନ୍ଦ୍ରର ସାହାଯ୍ୟ ନିଆତି ଆବଶ୍ୟକ। ତେଣୁ ଯୁବ ଓ ଛାତ୍ର ସମାଜକୁ ଏଥିପାଇଁ ନେତୃତ୍ୱ ଦେଇ ଦିଲ୍ଲୀ ଦରବାରରେ ନିଜ ରାଜ୍ୟର ଦାବୀ ଉପସ୍ଥାପିତ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ନିଜ ସମର୍ଥକ, ଯୁବନେତା ଓ ଛାତ୍ରନେତାଙ୍କୁ ନେଇ ଏକ ସଂଗଠନ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ବିଜୁ ବାବୁଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ରାଜ୍ୟରେ ବଛା ବଛା ଯୁବନେତାଙ୍କୁ ନେଇ "ଉତ୍କଳ ଯୁବଛାତ୍ର ସଂଗ୍ରାମ ସମିତି" ଗଠନ କରାଯାଇଥିଲା। ସେମାନେ ଏହି ୩ଟି ଦାବୀକୁ ନେଇ ରାଜ୍ୟରେ ପ୍ରଥମେ ଜନମତ ସୃଷ୍ଟି କରିବା ଉଦ୍ଦେଶ୍ୟରେ "ଓଡ଼ିଶା ବନ୍ଦ"ର ଆହ୍ୱାନ ଦେଇଥିଲେ ଏବଂ ଏହି ବନ୍ଦ ପାଳନକୁ ସେ ସମୟରେ ରାଜ୍ୟବାସୀ ସମ୍ପୂର୍ଣ୍ଣ ଭାବେ ସଫଳ କରିଥିଲେ। ପରେ ପରେ ୧୯୭୦ ମସିହା ସେପ୍ଟେମ୍ବର ୨୪ ତାରିଖରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବାସଭବନ ସମ୍ମୁଖରେ ଏହି ତିନୋଟି ଦାବୀକୁ ନେଇ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରି ସଂଗ୍ରାମୀ ଯୁବନେତାମାନେ ଗିରଫ ହୋଇଥିଲେ। ସେମାନଙ୍କୁ ୮ ଦିନ ତିହାର ଜେଲ୍‌ରେ ବନ୍ଦୀ ଭାବେ ରଖିଲା ପରେ ନିଜସ୍ୱ ବଣ୍ଡରେ ଖଲାସ କରି ଦିଆଯାଇଥିଲା।

ବିଜୁବାବୁ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ରାଜ୍ୟକୁ ଶିଳ୍ପାୟନ କରିବା ଉଦ୍ଦେଶ୍ୟରେ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ, କୋରାପୁଟରେ ସୁନାବେଡ଼ା ମିଗ୍ ବିମାନ କାରଖାନା, ଦୈତାରୀ ପାରାଦ୍ୱୀପ ଏକ୍ସପ୍ରେସ୍ ହାଇୱେ, ବରଗଡ଼ ସିମେଣ୍ଟ କାରଖାନା, ନାଲ୍‌କୋ ଆଲୁମିନିୟମ୍ କାରଖାନା, ଶିକ୍ଷାର ଉନ୍ନତି ପାଇଁ ରାଜ୍ୟରେ ୪ଟି ବିଶ୍ୱବିଦ୍ୟାଳୟ, ସୈନିକ ସ୍କୁଲ, ଆଞ୍ଚଳିକ ଶିକ୍ଷା ମହାବିଦ୍ୟାଳୟ, ବ୍ରହ୍ମପୁର ଓ ବୁର୍ଲାଠାରେ ଦୁଇଟି ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବା ବ୍ୟତୀତ ରାଜ୍ୟକୁ ପୁନର୍ଗଠନ କରି ୩୦ଟି ଜିଲ୍ଲାରେ ପରିଣତ କରି ପଞ୍ଚାୟତକୁ କ୍ଷମତାଶାଳୀ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ଏଥିସହିତ ଏକ-ତୃତୀୟାଂଶ ମହିଳା ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ଏବଂ ମୂଲିଆଙ୍କ ମଜୁରୀ ହାର ସେ ସମୟରେ ଟ. ୨୫.୦୦କୁ ବୃଦ୍ଧି କରିବା ବିଜୁବାବୁଙ୍କ ଶାସନର ଉଲ୍ଲେଖନୀୟ ଅବଦାନ ଥିଲା। ତାଙ୍କର ସ୍ୱଳ୍ପକାଳ ଶାସନ ଭିତରେ ଆଞ୍ଚଳିକ ଯାନ୍ତ୍ରିକ ମହାବିଦ୍ୟାଳୟ, କୃଷି ଓ ବୈଷୟିକ ବିଦ୍ୟାଳୟ, ବିଭିନ୍ନ ସରକାରୀ ମହାବିଦ୍ୟାଳୟ ପରିସରରେ ନୈଶ୍ୟ ମହାବିଦ୍ୟାଳୟ, ମହିଳା କଲେଜ ଗୁଡ଼ିକୁ ସରକାରୀ କଲେଜରେ ପରିଣତ, ବେସରକାରୀ କଲେଜ ସ୍ଥାପନକୁ ପ୍ରୋତ୍ସାହନ, ପ୍ରାଥମିକ ଶିକ୍ଷାକୁ ବିଜ୍ଞାନଭିତ୍ତିକ ପ୍ରଗତିଶୀଳ କରିବା ସହିତ ଶିକ୍ଷାର ପ୍ରସାର ପାଇଁ ପ୍ରଭୁତ ସୁଯୋଗ ସୃଷ୍ଟି କରିଥିଲେ। ଚିକିତ୍ସା କ୍ଷେତ୍ରରେ ସେହିଭଳି ଓଲଟପୁରର ହାଡ଼ଭଙ୍ଗା କଲେଜ ଓ ଡାକ୍ତରଖାନା, ହରିହର କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ ତାଙ୍କର ମହତ୍ୱପୂର୍ଣ୍ଣ ଉଦ୍ୟମ ଅଟେ।

ବିଜୁବାବୁ ଜଣେ ସାଧାରଣ ମଣିଷ ନଥିଲେ। ସେ ଥିଲେ ପ୍ରଗତୀର ଅଗ୍ରଦୂତ। ଓଡ଼ିଶା ରାଜନୀତିରେ ଅପ୍ରତିଦ୍ୱନ୍ଦ୍ୱୀ ମହାନାୟକ। ଓଡ଼ିଆ ସ୍ୱାଭିମାନର ଜୀବନ୍ତ କିମ୍ବଦନ୍ତୀ। ସର୍ବହରା ଓଡ଼ିଆମାନଙ୍କର ବିପ୍ଳବର ସେନାଦକ୍ଷ। ନିଜ ଭିତରେ ଥିବା ପ୍ରଚଣ୍ଡ ଆତ୍ମବିଶ୍ୱାସ ହିଁ ତାଙ୍କର ବ୍ୟକ୍ତିତ୍ୱର ସ୍ୱତନ୍ତ୍ରତା ଥିଲା, ଏହା ସମସ୍ତେ ଜାଣନ୍ତି। ଓଡ଼ିଶା ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କର ଅବଦାନ ଯଥେଷ୍ଟ ଥିଲା। ୧୯୬୧ ମସିହାରେ ମୁଖ୍ୟମନ୍ତ୍ରୀ ହେବା ପରଠାରୁ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ରାଜ୍ୟ ରାଜନୀତିରେ ତାଙ୍କର ଯଥେଷ୍ଟ ପ୍ରାଧାନ୍ୟ ଥିଲା। ତାଙ୍କ ଜୀବନ କାଳରେ ୯ଟି ବିଧାନସଭା ଓ ୮ଟି ପାର୍ଲିଆମେଣ୍ଟ ନିର୍ବାଚନର ସମ୍ମୁଖୀନ ହୋଇ ପ୍ରତ୍ୟେକ ଅଞ୍ଚଳର ପରିସ୍ଥିତିକୁ ଦେଖି ଦଳୀୟ ପ୍ରାର୍ଥୀ ଚୟନ କରି ବିଜୟୀ କରାଇବାରେ ତାଙ୍କର ଅବଦାନ ଅବିସ୍ମରଣୀୟ। ବିଜୁବାବୁ ତୋଫାନୀ ଗସ୍ତରେ ତାଙ୍କର ଷ୍ଟେସନୱାଗନ (କଳିଙ୍ଗ ରଥ) ୧୯୬୦ଠାରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ୩୭ ବର୍ଷ ରାଜ୍ୟର କେଉଁ ଗଳିକନ୍ଦିରେ ଯେ ନ ପହଞ୍ଚିଛି କିମ୍ବା ୧୪୭ଟି ନିର୍ବାଚନ ମଣ୍ଡଳୀରେ ସେ ତୋଫାନୀ ଗସ୍ତ କରିନଥିବେ ତାହା କହିବା ସମ୍ପୂର୍ଣ୍ଣ ଭାବେ କଷ୍ଟକର। ବିଜୁବାବୁ ଏକମାତ୍ର ସାର୍ବଜନୀନ ନେତା ଯିଏ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ନେତା ଓ କର୍ମୀମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖିଥିଲେ। ବିଜୁବାବୁଙ୍କ ଦେହାନ୍ତ ପରେ ବିଜୁପ୍ରେମୀମାନେ ପୂର୍ବ ଜନତା ଦଳର ବିଜୁବାବୁଙ୍କ ନାଁକୁ ମିଶାଇ "ବିଜୁ ଜନତା ଦଳ" ଗଠନ କଲେ ଏବଂ ଓଡ଼ିଶାବାସୀ ସମସ୍ତ ନେତୃତ୍ୱ କନ୍ଦଳକୁ ପୂର୍ଣ୍ଣଚ୍ଛେଦ ପକାଇ ବିଜୁବାବୁଙ୍କ ଅନ୍ତିମ ଇଚ୍ଛା ନଥିଲେ ମଧ୍ୟ ବିଜୁବାବୁଙ୍କ ସୁପୁତ୍ର ନବୀନବାବୁଙ୍କୁ ଆଣି ଦଳର ସଭାପତି କରାଇ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରାଇଲେ। ଶେଷରେ ସେ ବିଜୁବାବୁଙ୍କ ଦାୟାଦ ହିସାବରେ ସମଗ୍ର ରାଜ୍ୟବାସୀଙ୍କ ଅନୁକମ୍ପା ଭୋଟ ପାଇ ମୁଖ୍ୟମନ୍ତ୍ରୀ ହେଲେ। ପରେ ପରେ ସେ ନିଜସ୍ୱ ଦକ୍ଷତା ବଳରେ ରାଜ୍ୟରେ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ଶାସନଭାର ଗ୍ରହଣ କରିବା ଆପଣମାନଙ୍କୁ ଅଜଣା ନୁହଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୫ ମାର୍ଚ୍ଚ ୨୦୨୫ ବୁଧବାର





# ସଙ୍ଗୀତପ୍ରିୟ ପ୍ରଭୁ ଶ୍ରୀଜଗନ୍ନାଥ



ସଙ୍ଗୀତ ଜୀବନକୁ ଶ୍ରୀମୟ କରେ। ବଂଶୀରୁ, ସାହାନାଇରୁ ଯେଉଁ ସ୍ୱର ସୃଷ୍ଟି ହୁଏ, ତାହାକୁ ଛୁଇଁ ହୁଏନା। କିନ୍ତୁ ଉପଲବ୍ଧି କରି ହୁଏ, ଏହା ଏକ ଅଦୃଶ୍ୟ ପ୍ରବାହ ତୋଳିପାରେ ଶୂନ୍ୟରେ। ପକ୍ଷୀଙ୍କ କାକଳି, ଝରଣାର କୁଳୁ କୁଳୁ ନାଦ ଏ ସବୁ ପ୍ରକୃତିର ସଙ୍ଗୀତ। ସୃଷ୍ଟିର ଆଦି କାଳରୁ ପ୍ରକୃତି ସହ ତାଳ ଦେଇ ମନୁଷ୍ୟ ବି ସୃଷ୍ଟି କରି ଚାଲିଛି ବିବିଧ ବାଦ୍ୟଯନ୍ତ୍ର, ଅଗଣିତ ସୁର। ଓଡ଼ିଶାରେ ସମୁଦାୟ ୬୨ ପ୍ରକାର ଜନଜାତି ବସବାସ କରନ୍ତି। ସେମାନେ ପାରମ୍ପରିକ ଉତ୍ସବ ଅନୁଷ୍ଠାନରେ ସେମାନଙ୍କ ସ୍ୱତନ୍ତ୍ର ବାଦ୍ୟଯନ୍ତ୍ର ବଜାନ୍ତି। ଗୀତ ଗାଆନ୍ତି, ନାଚନ୍ତି, ସେ ସମସ୍ତ ସହିତ ଆହୁରି ବହୁ ପ୍ରକାର ବାଦ୍ୟ ଓଡ଼ିଶାର ଲୋକ ଚଳଣିରେ ଆଦୃତ। ସେଗୁଡ଼ିକ ହେଲା କେନ୍ଦେରା, ବଂଶୀ, ଡିଙ୍ଗଡିଙ୍ଗା, ଚାଙ୍ଗୁ, ତଳମୂଳି, ଢୋଲ, ସାହାନାଇ , ନାଗରା,ଝୁଣ୍ଟା, ଢୋଲକି, ଖଞ୍ଜର, ଘୁଙ୍ଗୁର, ଖୋଲ, ମନ୍ଦିରା, ରାମତାଳି, ଝାଞ୍ଜ, ଘୁମୁରା, ଗିନି, ସାରଙ୍ଗି, ଡୁବି ତାବଲା, ପଖଉଜ, ମାଦଳି, ଡୋଡୁମ୍ବୁ, ଲିଡ଼ିକା, ବୀଣା, ଧୁଡୁକି, ଏକତାରା, ଘଣ୍ଟ, ଖଞ୍ଜଣି, ତୂରୀ, ରାମକାଠି, ମହୁରୀ,ଢୋଲକି, ଦାସକାଠି, ଡମ୍ବୁରୁ, ଝୁମୁକା, ଶଙ୍ଖ, ମୃଦଙ୍ଗ ଇତ୍ୟାଦି। ଓଡ଼ିଆ ଜାତିର ମୂଳପିଣ୍ଡ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପ୍ରଥମତଃ ଆଦିମ ଜନଜାତିର ଦେବତା ରୂପେ ପରିଗଣିତ। ରାଷ୍ଟ୍ରଦେବତା ଭାବେ ପୂଜିତ ହେବାର ବହୁ ପୂର୍ବରୁ ସେ ଶବର ଜନଜାତିର ଇଷ୍ଟଦେବତା ଥିଲେ। ବିଶ୍ୱାବସୁ ଶବର ଥିଲେ ତାଙ୍କର ମୁଖ୍ୟ ସେବକ। ପୁରୀ ଶ୍ରୀମନ୍ଦିରରେ ଅଧିଷ୍ଠିତ ହେବା ପରେ ତାଙ୍କର ଉପାସନା ପାଇଁ ବୈଦିକ, ତାନ୍ତ୍ରିକ ପଦ୍ଧତି ସହ ଜନଜାତୀୟ ଉପଚାରମାନ ଗ୍ରହଣ କରାଗଲା। ସେହି ଉପଚାର ସହିତ ସଂଯୁକ୍ତ ହୋଇଗଲା ଜନଜାତିମାନଙ୍କର ପ୍ରିୟ ବାଦ୍ୟଯନ୍ତ୍ର ଯଥା ଘଣ୍ଟ, ତେଲିଙ୍ଗିବାଜା, ମହୁରୀ, କାହାଳୀ, ମାଦଳୀ, ପଖୌଜ। ବାଦ୍ୟାକାରମାନଙ୍କ ସେବାକୁ ବଇନ୍ତରୀ ସେବା, ବୈଜନ୍ତୀ ସେବା ବୋଲି କୁହାଯାଏ। ବଡ଼ଠାକୁରଙ୍କ ବିଭିନ୍ନ ସେବା ମଧ୍ୟରେ ବୈଜନ୍ତୀ ସେବା ଏକ ପ୍ରଧାନ ସେବା। ଏହି ସେବା ପୁଣି ବିଭିନ୍ନ ଶ୍ରେଣୀଭୁକ୍ତ ଯଥା- ବୀଣାକାର ସେବା, ଘଣ୍ଟସେବା(ଘଣ୍ଟସେବା), ଶଙ୍ଖୁଆ ସେବ, କାହାଳିଆ ସେବା ଇତ୍ୟାଦି। ଶ୍ରୀ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ପ୍ରାୟତଃ ଶ୍ରୀକୃଷ୍ଣଙ୍କ ଅନୁରୂପ। ଅଷ୍ଟଧାତୁ ନିର୍ମିତ ଏହି ମୂର୍ତ୍ତି ତ୍ରିରଙ୍ଗୀ ଠାଣିରେ ବିରାଜମାନ। ଦୁଇ ହସ୍ତରେ ବଂଶୀ ଧାରଣ କରିଛନ୍ତି। ଉତ୍କଳୀୟ ସଂସ୍କୃତିରେ ବଂଶୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଭାଦ୍ରବ ମାସର କୃଷ୍ଣ ତ୍ରୟୋଦଶୀ ତିଥିରେ ଠାକୁରଙ୍କ କୃଷ୍ଣ ବଳରାମ ବେଶ ଲାଗି ହୁଏ। ଏହି ବେଶରେ ତିନିଠାକୁରଙ୍କ କିରୀଟମାନଙ୍କରେ କଦମ୍ବ ଫୁଲ ଓ ପତ୍ର ସଜ୍ଜିତ ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ଗୋଟିଏ ହାତରେ ସୁନାବଂଶୀଟିଏ ଶୋଭାପାଏ। କାର୍ତ୍ତିକମାସ ପଞ୍ଚୁକ (ଶୁକ୍ଲପକ୍ଷ ଏକାଦଶୀଠୁ ପୂର୍ଣ୍ଣିମା ପର୍ଯ୍ୟନ୍ତ)ରେ ଶ୍ରୀମନ୍ଦିରରେ ପାଞ୍ଚଟି ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହୁଏ। ଯଥା ଠିଆକିଆ ବେଶ, ବାଙ୍କଚୂଡ଼ ବେଶ, ଆଡ଼କିଆବେଶ, ଡାଳିକିଆ ବେଶ, ରାଜରାଜ ବେଶ। ଏହିସବୁ ବେଶ ପାଇଁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ବଳଭଦ୍ରଙ୍କ ବାମହସ୍ତରେ ଶଙ୍ଖ ଓ ଦକ୍ଷିଣ ହସ୍ତରେ ଚକ୍ରଧରିଥାନ୍ତି। ଶ୍ରୀ ବଳଭଦ୍ର ଧରିଥାନ୍ତି ହଳ ଓ ମୂଷଳ। ଶ୍ରୀ ଜଗନ୍ନାଥ ହସ୍ତରେ ଶଙ୍ଖ ଧାରଣ କରିବା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ। ବିଗ୍ରହ ତତ୍ତ୍ୱ ଅନୁସାରେ ନାରାୟଣ ତାଙ୍କର ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଧାରଣ କରନ୍ତି। ଚକ୍ର ମହାଶକ୍ତି ଓ ଶଙ୍ଖ ମହାଶବ୍ଦର ପ୍ରତୀକ। ଶବ୍ଦ ବ୍ୟତିରକେ ସୃଷ୍ଟି ପରିଚାଳନା ଅସମ୍ଭବ। ତେଣୁ ବିଶେଷ ବେଶରେ ସେ ଶଙ୍ଖ ଧାରଣ କରିବା ଯଥାର୍ଥ। ଶଙ୍ଖ , ଭେରୀ, କାହାଳୀ, ଦୁଡୁକ, ଡମ୍ବରୁ ଏହି ପଞ୍ଚମହାଶବ୍ଦ କୁହାଯାଏ। ପୂର୍ବେ ଏହି ପଞ୍ଚମହାଶବ୍ଦ ରାଜକୀୟ ମର୍ଯ୍ୟାଦାର ପ୍ରତୀକ ଥିଲା। ରାଜତନ୍ତ୍ର ପ୍ରଚଳିତ ଥିବାବେଳେ ସମସ୍ତ ଶୁଭ ଉତ୍ସବ ଅନୁଷ୍ଠାନରେ ପଞ୍ଚମହାଶବ୍ଦ ଆବଶ୍ୟକ ହେଉଥିଲା। ଶ୍ରୀଜଗନ୍ନାଥଙ୍କୁ ଓଡ଼ିଶାର ମହାପରାକ୍ରମୀ ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ଶାସକମାନେ ରାଷ୍ଟ୍ରର ସର୍ବୋଚ୍ଚ ଶାସକ ଭାବରେ ଗ୍ରହଣ କରିଥିଲେ ଏବଂ ନିଜକୁ ତାଙ୍କର ସେବକ ବା ରାଉତ ଭାବରେ ଅଭିହିତ କରିଥିଲେ। ଶ୍ରୀମନ୍ଦିରର ସମସ୍ତ ବିଧିରେ ପଞ୍ଚମହାଶବ୍ଦ ସଙ୍ଗତ ହେଉଥିବ ଏହା ନିଶ୍ଚିନ୍ତ ଭାବରେ କୁହାଯାଇପାରେ। ଘଣ୍ଟସେବା ବା ଘଣ୍ଟୁଆ ସେବା ଶ୍ରୀମନ୍ଦିରରେ ଆଉ ଏକ ବିଶେଷ ବାଦ୍ୟ। ସମସ୍ତ ଭୋଗ ସମୟରେ ଘଣ୍ଟସେବା ଅପରିହାର୍ଯ୍ୟ। ଚଳନ୍ତି ପ୍ରତିମା ଦୋଳ ଯାତ୍ରା, ଚନ୍ଦନ ଯାତ୍ରା ଝୁଲଣ ଯାତ୍ରାରେ ବିଜେ କଲାବେଳେ ଘଣ୍ଟସେବା ହୁଏ। ସ୍ନାନ ଯାତ୍ରା, ରଥଯାତ୍ରା ଓ ବାହୁଡ଼ାଯାତ୍ରା ବେଳେ ପହଣ୍ଡି ସମୟରେ କଂସାରୀ ଘଣ୍ଟୁଆ ସେବା ହୁଏ। ରାମଲୀଳା, କୃଷ୍ଣଲୀଳା, ରୁକ୍ମିଣୀ ବିବାହ, ପୁଷ୍ୟାଭିଷେକ, ଆଦି ପର୍ବ ପାଳନ କଲାବେଳେ ଘଣ୍ଟ ସହ କାହାଳୀ ବ୍ୟବହାର କରାଯାଏ। ରଥଯାତ୍ରା, ପହଣ୍ଡି ବିଜେ, ବାହାର ବିଜେ ସକାଳ ଧୂପ ସମୟରେ ଠାକୁର ପଖୌଜ ବା ମାଦଳି ସେବା ଘେନନ୍ତି।

## ଐଶ୍ୱର୍ଯ୍ୟ ତ୍ୟାଗ କରି ଈଶ୍ୱରଙ୍କ ଶରଣ ନିଅ



ସଂକଟରେ ପଡ଼ିଥିବା ମନୁଷ୍ୟକୁ ଈଶ୍ୱର ରକ୍ଷା କରନ୍ତି । ଏ ବିଶ୍ୱାସ ନିଶ୍ଚେ ସମସ୍ତଙ୍କ ମନରେ ରହିଥିବ। ହେଲେ ଯେଉଁମାନେ ଈଶ୍ୱର ଏବଂ ପ୍ରକୃତି ବିରୋଧରେ କାର୍ଯ୍ୟ ଯାଆନ୍ତି। ଈଶ୍ୱରଙ୍କୁ ତ୍ୟାଗ କରି ଐଶ୍ୱର୍ଯ୍ୟକୁ ଆପଣାଇଥା'ନ୍ତି ସେମାନେ ନିଶ୍ଚେ ସେମାନଙ୍କ କୃତକର୍ମର ଫଳ ପାଇଥା'ନ୍ତି । ମହାଭାରତ ଯୁଦ୍ଧ ପାଖେଇ ଆସିଥାଏ । କୁରୁସମ୍ରାଟ ଧୃତରାଷ୍ଟ୍ରଙ୍କ ମନ ଉଦବେଳିତ ଥାଏ। ଏ ଯୁଦ୍ଧରେ ତାଙ୍କ ପୁତ୍ରମାନଙ୍କ ଅବସ୍ଥା କ'ଣ ହେବ? ସେହି ଚିନ୍ତା ତାଙ୍କୁ ଖାଇଯାଉଥାଏ । ଶେଷରେ ରାଜା ଧୃତରାଷ୍ଟ୍ର ଏବଂ ରାଣୀ ଗାନ୍ଧାରୀ ଜଣେ ବିଦ୍ୱାନ ଋଷିଙ୍କୁ ରାଜଭବନକୁ ଡକାଇଲେ । ଜ୍ୟୋତିଷ ଶାସ୍ତ୍ରରେ ତାଙ୍କର ପାଣ୍ଡିତ୍ୟ ରହିଥିଲା । ତାଙ୍କୁ କୌରବମାନଙ୍କ ଭବିଷ୍ୟତ ଗଣନା କରିବାକୁ ରାଜା କହିଲେ। ଋଷି ଗ୍ରହନକ୍ଷତ୍ରଙ୍କ ସ୍ଥିତି ଦେଖି କହିଲେ ଯେ ସମଗ୍ର ଆର୍ଯ୍ୟାବର୍ତ୍ତ (ତତ୍‌କାଳୀନ ଭାରତବର୍ଷ) ଏକ ବିନାଶକାରୀ ଯୁଦ୍ଧର ସମ୍ମୁଖୀନ ହେବାକୁ ଯାଉଛି। ଏହି ଯୁଦ୍ଧରେ ମହାପ୍ରଳୟ ଘଟିବ। ଅନେକ ଜୀବନହାନି ଘଟିବ। ବହୁ ବର୍ଷ ପର୍ଯ୍ୟନ୍ତ ଏହି ଯୁଦ୍ଧର ଭୟାବହତାକୁ ମନେ ପକାଇ ଲୋକେ ଶିହରିତ ହୋଇଉଠିବେ। ଜ୍ୟୋତିଷଙ୍କ ଠାରୁ ଏହି କଥା ଶୁଣି ଧୃତରାଷ୍ଟ୍ର ପଚାରିଲେ, ଋଷିବର! ମୋ ପୁତ୍ରମାନଙ୍କର ସ୍ଥିତି କ'ଣ ହେବ? କିଛି ସମୟ ନିରବ ରହିବା ପରେ ଜ୍ୟୋତିର୍ବିଦ କହିଲେ, ଆପଣ ନିଜ ପୁତ୍ର କଥା କହୁଛନ୍ତି! ସମଗ୍ର କୁରୁ ବଂଶର ବିନାଶ ହେବ। ପରବର୍ତ୍ତୀ ପିଢ଼ିକୁ ଆଗେଇ ନେବା ଲାଗି କେହି ରହିବେ ନାହିଁ ।

ଋଷିଙ୍କ ଠାରୁ ଏପରି ଅଶୁଭ ଭବିଷ୍ୟତ ବିଷୟରେ ଶୁଣି ରାଜା ଧୃତରାଷ୍ଟ୍ର କହିଲେ, ମୋ ପୁତ୍ରମାନଙ୍କ ନିକଟରେ ଭୀଷ୍ମ, ଦ୍ରୋଣ, କର୍ଣ୍ଣଙ୍କ ଭଳି ମହାରଥୀ ରହିଛନ୍ତି। ସେମାନଙ୍କର କେହି କିଛି କ୍ଷତି କିଭଳି କରିପାରିବ? ଋଷି କହିଲେ, ଭାଗ୍ୟ, ସମୟ ଏବଂ କାଳ ଆଗରେ କୌଣସି ମହାଶକ୍ତି ମଧ୍ୟ ତିଷ୍ଠିପାରନ୍ତି ନାହିଁ । ଏ ଯୁଦ୍ଧରେ ଐଶ୍ୱର୍ଯ୍ୟର ତ୍ୟାଗ କରି ଈଶ୍ୱରଙ୍କ ଶରଣ ନେଇଥିବା ଲୋକମାନେ ହିଁ ବଞ୍ଚିଯିବେ। ଯେଉଁମାନେ ଈଶ୍ୱରଙ୍କ ତ୍ୟାଗ କରି ଐଶ୍ୱର୍ଯ୍ୟକୁ ଆପଣାଇଛନ୍ତି ସେମାନଙ୍କର ନିଶ୍ଚିତ ଭାବେ ବିନାଶ ଘଟିବ। ଏଥର ରାଜା ଧୃତରାଷ୍ଟ୍ର କିଛି କହିବା ପୂର୍ବରୁ ରାଣୀ ପଚାରିଲେ, ମୋ ପୁତ୍ରମାନେ କ'ଣ ଈଶ୍ୱରଙ୍କୁ ତ୍ୟାଗ କରିଦେଇଛନ୍ତି? ଋଷି ଏହାର ଉତ୍ତର ଦେଇ କହିଲେ, ଯଦି ଆପଣଙ୍କ ପୁତ୍ରମାନେ ଈଶ୍ୱରଙ୍କ ଶରଣାଗତି ନେଇଥା'ନ୍ତେ ତା'ହେଲେ ଆପଣ ଦୁହେଁ ସେମାନଙ୍କ ଜୀବନକୁ ନେଇ ଏତେ ବ୍ୟତିବ୍ୟସ୍ତ ହେଉନଥା'ନ୍ତେ। ପ୍ରଳୟକାଳରେ ଯେତେବେଳେ ସବୁକିଛି ଜଳମଗ୍ନ ହୋଇଯାଇଥିଲା, ଭଗବାନ ମନୁ ଈଶ୍ୱରଙ୍କ ଶରଣ ଯାଇଥିଲେ। ସେଥିପାଇଁ ଈଶ୍ୱର ତାଙ୍କୁ ଉଦ୍ଧାର କରିଥିଲେ। ମନୁଙ୍କ ଠାରୁ ସମଗ୍ର ସୃଷ୍ଟି ବିକଶିତ ହୋଇଥିଲା। ଋଷିଙ୍କ ଠାରୁ ଏପରି କଟୁ ସତ୍ୟ ଶୁଣି ଧୃତରାଷ୍ଟ୍ର ଏବଂ ଗାନ୍ଧାରୀ ଆହୁରି ଭାଙ୍ଗିପଡ଼ିଲେ ।

## ଚାକିରି ଚିନ୍ତା...



କିରି ପାଇବା ଯେତିକି କଷ୍ଟ, ବିଭିନ୍ନ ପରିସ୍ଥିତି ମଧ୍ୟରେ ଏଥିରେ ନିଜକୁ ସୁଦୃଢ଼ କରି ରଖିବା ମଧ୍ୟ ସେତିକି କଷ୍ଟ। ବେଳେବେଳେ ଏପରି ସ୍ଥିତି ଆସେ ଯେ, ଚାକିରିରେ ରହିବା କାଠିକର ପାଠ ହୋଇଯାଏ। ବ୍ୟସ୍ତ ହୋଇ ଶେଷରେ ଏହାକୁ ଛାଡିଦେବାର ନିଷ୍ପତ୍ତି ନିଅନ୍ତି। ହେଲେ ଚାକିରି ହରାଇଦେଇଛନ୍ତି ଆଉ ବେଶ୍ କିଛିଦିନ ହୋଇଗଲାଣି କିନ୍ତୁ ଖୋଜି ଖୋଜି ନୂଆ ଚାକିରିଟେ ମିଳୁନାହିଁ। ତେବେ ଏଭଳି ପରିସ୍ଥିତିରେ ଆପଣ କ'ଣ କରିବେ-

☛ ସାଧାରଣତଃ ଚାକିରି ହରାଇଥିବା ସମୟରେ ଅନେକେ କୌଣସି କାମଧନ୍ଦା ନକରି ଏଠିସେଠି ଖଟିରେ ସମୟ ବିତାନ୍ତି। କିନ୍ତୁ ଏହି ସମୟ ବି ଖୁବ୍ ମୂଲ୍ୟବାନ୍। ଆପଣ ଖଟିରେ ସମୟ ନବିତାଇ ଆଉ ଏକ ଚାକିରି ପାଇଁ ସମୟ ଦିଅନ୍ତୁ। ଏପରିକି କିଛି ଆଡଭାନ୍ସ କୋର୍ସ ପାଇଁ ଏହି ସମୟରେ ପାଠ ମଧ୍ୟ ପଢିପାରିବେ ଯାହା କ୍ୱାଲିଫିକେସନ୍‌ରେ ତ ଆଡ୍ ହୋଇଯିବ।

☛ ଚାକିରି ହରାଇଦେଇଛନ୍ତି ବୋଲି ବନ୍ଧୁ ତଥା ସହକର୍ମୀଙ୍କ ସଙ୍ଗେ ସମ୍ପର୍କ ଫିକା କରିଦିଅନ୍ତୁ ନାହିଁ। ଯଦି ଖାଲି ଘରେ ବସି ରହି କେବଳ ନୂଆ ଚାକିରି ପାଇଁ ଇ-ମେଲ୍ ପଠାଇବେ ତେବେ ଆପଣଙ୍କ ଚାକିରି ପାଇବାର ଆଶା ଖୁବ୍ କମ୍। ଘରେ ବସିବା ପରିବର୍ତ୍ତେ ଆପଣଙ୍କର ସବୁ ପ୍ରଫେସ୍‌ନାଲ୍ ବନ୍ଧୁ ଏବଂ ସମ୍ପର୍କୀୟମାନଙ୍କୁ ଫୋନ୍ କରନ୍ତୁ ତଥା ସେମାନଙ୍କୁ ସିଧାସଳଖ ଯାଉ ଭେଟିବା ମଧ୍ୟ ଭଲ। ସେମାନଙ୍କଠାରୁ ଆପଣ ନିଶ୍ଚୟ କିଛି ଭଲ ପରାମର୍ଶ ପାଇପାରିବେ। ଏପରିକି ତାଙ୍କ ଜାଣତରେ ଥିବା ନୂଆ ଚାକିରି ସୁଯୋଗ ବି ମିଳିଯାଇପାରେ। ତେଣୁ ଆପଣ ନୂଆ ଚାକିରି ଖୋଜୁଛନ୍ତି ବୋଲି ସମସ୍ତଙ୍କୁ ଜଣାଇଦେବାଦରକାର।

☛ ଘରେ ବସି ମେଲ୍ କରିବା ଅପେକ୍ଷା ଆପଣ ଯଦି କେଉଁଠାରେ ଯାଇ ଇନ୍‌ଟର୍ନସିପ୍‌ରେ କାମ କରିବେ ତେବେ ତାହା ଆପଣଙ୍କ ପାଇଁ ଖୁବ୍ ଫଳପ୍ରଦ ହେବ। ଏହା ଦ୍ୱାରା ଆପଣଙ୍କର କାମରୁ ଅଭ୍ୟାସ ଛାଡିଯିବ ନାହିଁ ଏବଂ କାମରେ ବ୍ୟସ୍ତ ରହିବା ଦ୍ୱାରା ଚାକିରି ଛାଡିଥିବାର ଦୁଶ୍ଚିନ୍ତା ମୁଣ୍ଡରେ ଏତେ ପଶିବ ନାହିଁ। ଏଣେ ଅଭିଜ୍ଞତା ବଢିଚାଲିଥିବ।

☛ ଚାକିରି ଛାଡିଥିବା ବେଳର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ୟବହାର। ଏ ସମୟରେ ସାଧାରଣତଃ ଚିନ୍ତାରେ ମଣିଷ ଚିଡ଼୍‌ଚିଡା ହୋଇଯାଏ। ତେଣୁ ଚାକିରି ନଥିବା ବେଳେ ଆଦୌ ଭାବନ୍ତୁ ନାହିଁ ଯେ, ଆପଣଙ୍କ ପାଖରେ ଟ୍ୟାଲେଣ୍ଟ ନାହିଁ ବା କିଛି ଗୋଟିଏ ବଡ ହରାଇଦେଇଛନ୍ତି। ମନରେ ସର୍ବଦା ସକାରାତ୍ମକ ଚିନ୍ତାଧାରା ରଖନ୍ତୁ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଆଉ ନିଜେ ବି ପରିଶ୍ରମ କରନ୍ତୁ। କାରଣ, ଘରେ ବସି ରହିଲେ ଚାକିରି କେହି ହାତରେ ଆଣି ଥୋଇଦେବେ ନାହିଁ।

## ମୁକ୍ତିର ୬ଟି ଉପାୟ



ଶାସ୍ତ୍ରରେ କୁହାଯାଇଛି, "ବିଷ୍ଣୁରେକାଦଶୀ ଗୀତା ତୁଳସୀ ବିପ୍ରଧେନବଃ । ଅସାରେ ଦୁର୍ଗସଂସାରେ ଷଟ୍‌ପଦୀ ମୁକ୍ତିଦାୟିନୀ ।।" ଏହି ଶ୍ଳୋକରେ ଏପରି ୬ଟି ଉପାୟ କୁହାଯାଇଛି ଯାହା ପାଳନ କରିବା ଦ୍ୱାରା ଭଗବାନଙ୍କ କୃପା ପ୍ରାପ୍ତି ହୁଏ । ଏହି ଉପାୟ ମଧ୍ୟରୁ ପ୍ରଥମଟି ହେଉଛି, ଭଗବାନ ବିଷ୍ଣୁଙ୍କ ପୂଜା କରିବା । ଭଗବାନ ବିଷ୍ଣୁ ପରମାତ୍ମାଙ୍କ ତିନୋଟି ସ୍ୱରୂପଙ୍କ ମଧ୍ୟରୁ ଅନ୍ୟତମ। ସେ ଜଗତ ପାଳକ। ଶ୍ରୀହରି ଐଶ୍ୱର୍ଯ୍ୟ, ସୁଖ-ସମୃଦ୍ଧି ଏବଂ ଶାନ୍ତି ପ୍ରଦାନ କରିଥାନ୍ତି । ଶ୍ରୀବିଷ୍ଣୁ ପୂଜା କରିବା ଦ୍ୱାରା ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ପ୍ରାପ୍ତି ହୁଏ । ଦ୍ୱିତୀୟତଃ ଘରେ ତୁଳସୀ ଗଛ ଲଗାଇବା ସହ ପୂଜା କରିବା ଆବଶ୍ୟକ। ଧାର୍ମିକ ଏବଂ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ତୁଳସୀର ଉପଯୋଗିତା ରହିଛି । ତୁଳସୀର ମହକ ବାତାବରଣକୁ ଶୁଦ୍ଧ କରିଦିଏ । ଫଳରେ ସୂକ୍ଷ୍ମ ହାନିକାରକ କୀଟାଣୁ ନଷ୍ଟ ହୋଇଯାଏ। ସର୍ବଦା ତୁଳସୀ ପୂଜା କରିବା ଦ୍ୱାରା ଲକ୍ଷ୍ମୀଙ୍କ ସହିତ ସମସ୍ତ ଦେବାଦେବୀଙ୍କ କୃପା ପ୍ରାପ୍ତ ହୁଏ । ତୃତୀୟ ଶିକ୍ଷା ହେଲା- ଶ୍ରୀମଦ୍ ଭଗବଦ୍‌ଗୀତା ଶ୍ରୀକୃଷ୍ଣଙ୍କ ଜ୍ଞାନ ସ୍ୱରୂପ । ନିୟମିତ ରୂପରେ ଗୀତା ଶ୍ଳୋକ ପାଠ କରିବା ଦ୍ୱାରା ମନୁଷ୍ୟ ଶରୀର, ମନ ଏବଂ ଆତ୍ମା ଶୁଦ୍ଧ ହୋଇଥାଏ । ଗୀତାରେ ବର୍ଣ୍ଣିତ ଶିକ୍ଷାକୁ ଜୀବନରେ ଅନୁପାଳନ କରିବା ଦ୍ୱାରା ମନୁଷ୍ୟ ଶ୍ରେଷ୍ଠତା ପ୍ରାପ୍ତ କରିଥାଏ । ଚତୁର୍ଥ ଶିକ୍ଷାଟି ହେଉଛି- ବ୍ରାହ୍ମଣ, ଜ୍ଞାନୀ ଏବଂ ବୃଦ୍ଧ ସର୍ବଦା ଆଦରଣୀୟ । ଯେଉଁମାନେ ଏମାନଙ୍କୁ ଅପମାନିତ କରିଥାନ୍ତି, ସେମାନେ ଜୀବନରେ ସର୍ବଦା ଦୁଃଖ ପାଇଥାନ୍ତି । ବ୍ରାହ୍ମଣମାନେ ଉଚିତ୍ ବିଧି ଅନୁଯାୟୀ ପୂଜା କରାଇଥାନ୍ତି । ଦୁଃଖ ଦୂର କରିବା ଏବଂ ସୁଖୀ ଜୀବନ ପ୍ରାପ୍ତ କରିବା ଲାଗି ଉପାୟ କହିଦିଅନ୍ତି । ପଞ୍ଚମ ଶିକ୍ଷାଟି ହେଉଛି, ଯେଉଁ ଘରେ ଗାଈ ଥାଏ, ସେଠି ସମସ୍ତ ଦେବା-ଦେବୀ ବାସ କରିଥାନ୍ତି । ଗାଈ ଠାରୁ ପ୍ରାପ୍ତ କ୍ଷୀର, ମୂତ୍ର ଏବଂ ଗୋବର ପବିତ୍ର ଏବଂ ସ୍ୱାସ୍ଥ୍ୟବର୍ଦ୍ଧକ । ଗାଈ ପାଳନ କରିନପାରିଲେ ଗୋଶାଳାକୁ ଧନ ଦାନ କରିବା ଆବଶ୍ୟକ ।ଏକାଦଶୀ ବ୍ରତ ଭଗବାନ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ କରାଯାଇଥାଏ। ପ୍ରତ୍ୟେକ ମାସରେ ଦୁଇଟି ଏକାଦଶୀ ପଡ଼ିଥାଏ। ଗୋଟିଏ କୃଷ୍ଣପକ୍ଷରେ ଏବଂ ଅନ୍ୟଟି ଶୁକ୍ଳ ପକ୍ଷରେ ପଡ଼େ। ଦୁଇ ପକ୍ଷରେ ଏକାଦଶୀ ବ୍ରତ କରିବାର ପରମ୍ପରା ପ୍ରାଚୀନ ସମୟରୁ ଚାଲିଆସୁଛି । ଏହି ଛଅଟି ଉପାୟ ଦ୍ୱାରା ମନୁଷ୍ୟ ଉକ୍ତି ପାଇଥାଏ ।

## ସ୍ୱାସ୍ଥ୍ୟ ପାଇଁ ଭାରି ଉପକାରୀ ସଜନା ଫୁଲ

ପ୍ରୋଟିନ୍ ଓ ଅନେକ ପ୍ରକାରର ଭିଟାମିନରେ ଭରପୁର ସଜନା ଫୁଲ । ଏଣୁ ଏହାକୁ ସ୍ୱାସ୍ଥ୍ୟପାଇଁ ବେସ ଲାଭଦାୟକ ବୋଲି କୁହାଯାଏ । ସଜନା ଫୁଲ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ଶାରୀରିକ ସମସ୍ୟାରୁ ମୁକ୍ତି ମିଳିଥାଏ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସଜନା ଫୁଲ ସହାୟକ ହୋଇଥାଏ । ଏହାକୁ ଆପଣ ଖାଦ୍ୟରେ ସାମିଲ କଲେ ସଂକ୍ରମଣ ଜନିତ ରୋଗ କମ୍ ହୋଇଥାଏ । ସଜନା ଫୁଲରେ ଆଣ୍ଟି ଅକ୍ସିଡେଣ୍ଟ ଥିବାରୁ ଶରୀରକୁ କ୍ଷତି ପହଁଞ୍ଚାଉଥିବା ଫ୍ରି ରେଡକାଲ୍ସର ପ୍ରଭାବ କମ୍ କରିବାରେ ଏହା ସହାୟକ ହୋଇଥାଏ । ସଜନା ଫୁଲରେ ଫାଇବରର ମାତ୍ରା ଅଧିକ ଥିବାରୁ ଏହା ଆପଣଙ୍କ ପାଚନ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଏହାସହ ଫୁଲରେ ଆଣ୍ଟି ଅକ୍ସିଡେଣ୍ଟ ଥିବାରୁ ଏହା ପେଟରେ ସଂକ୍ରମଣ, ଅଲସର, ଗ୍ୟାସ ଭଳି ସମସ୍ୟାକୁ ଦୂର କରିଥାଏ ।

## ଆରୋମା ଥେରାପିରେ କ୍ୟାରିଅର



ଆରୋମା ଏକ ଗ୍ରୀକ୍ ଶବ୍ଦ। ଏହାର ଅର୍ଥ ଫ୍ରାଗ୍ରାନ୍ସ ବା ସୁଗନ୍ଧ ଭାବରେ ଜଣାଶୁଣା ଥେରାପି ଅର୍ଥ ଚିକିତ୍ସା। ଅତଏବ ଆରୋମାଥେରାପି ଅର୍ଥ ସୁଗନ୍ଧିତ ଚିକିତ୍ସା। ଏଥିରେ ସ୍ୱତନ୍ତ୍ର ଶ୍ରେଣୀୟ ଆର୍ଯ୍ୟୁବଦେିକ ଔଷଧରେ ଚିକିତ୍ସା କରାଯାଏ। ଘନୀଭୂତ ଉଦ୍ଭିଦ ଜାତ ତୈଳ ଯାହାକି ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଅଭିବୃଦ୍ଧିରେ ବ୍ୟବହାର କରାଯାଏ।

ଆରୋମା ଥେରାପିକୁ ବିୟୁଟି ଥେରାପି ମଧ୍ୟ କୁହାଯାଏ। ଚର୍ମକୁ ମସୃଣ କରିବା ଏବଂ ଚର୍ମରେ ଥିବା ଜୈବିକ ଅଭାବକୁ ପୂରଣ କରି ସୁରକ୍ଷା ପ୍ରଦାନ କରିବା ଏବଂ ଚର୍ମ ଶୁଷ୍କତା, ଏକଜିମା ଭଳି ସଂକ୍ରମଣକୁ ପ୍ରତିହତ କରିଥାଏ।

ପୀଡ଼ିତାଙ୍କ ଚିକିତ୍ସା ଏବଂ ମଳିନ ଚର୍ମର ଚିକିତ୍ସା ବ୍ୟତୀତ ଏ କ୍ଷେତ୍ରରେ ଅନେକ ଆକର୍ଷଣୀୟ ନିଯୁକ୍ତି ସୁଯୋଗ ଅଛି। କୌଣସି ଏକ ଖ୍ୟାତନାମା ଅନୁଷ୍ଠାନରୁ ପାଠ୍ୟକ୍ରମ ସମାପନ କଲା ପରେ ଏଥିରେ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ହୋଇପାରିବ ଏବଂ ଆରୋମାଥେରାପିଷ୍ଟ, ଆରୋମା କେମିଷ୍ଟ, କନସଲଟାଣ୍ଟ ଭାବରେ କାର୍ଯ୍ୟ କରିପାରିବ। ଏଥିପାଇଁ ଥିବା କର୍ମକ୍ଷେତ୍ରଗୁଡ଼ିକ ମଧ୍ୟରେ ହସ୍ପିଟାଲ, ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ, ଏସେନ୍ ସିଆଲ ଅଏଲ ଉତ୍ପାଦନ କମ୍ପାନୀ, ସ୍ପାସ୍, ପଞ୍ଚତାରକା ହୋଟେଲ, ପରିଫିୟୁମ୍ ଉଣ୍ଡଷ୍ଟ୍ରି, ଫୁଡ୍ ଇଣ୍ଡିଷ୍ଟ୍ରି, ଫର୍ମାସିଟ୍ୟୁକାଲସ୍ ଏବଂ କସମେଟିକ୍ ଇଣ୍ଡଷ୍ଟ୍ରି ଅନ୍ତର୍ଭୁକ୍ତ।

ଭରତୀୟ ଦୃଶ୍ୟପଟରେ ଏହାର ଚାହିଦା ବେଶ ବଢି ବଢି ଚାଲିଛି। ବିଶେଷକରି ବଡ଼ ବଡ଼ ସହରରେ ଅଧିକାଂଶ ଏହା ଉପରେ ନିର୍ଭର କରନ୍ତି। ପ୍ରାକୃତିକ ଚିକିତ୍ସା ଭିତ୍ତିରେ ଭାରତ ବିଶ୍ୱ ସ୍ତରରେ ମାନ୍ୟତା ହାସଲ କରିଛି। ଆମ ଦେଶରେ ଏହାର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ ଜଣାଯାଉଛି। ଭାରତ ସରକାରଙ୍କ କ୍ଷୁଦ୍ର ଶିଳ୍ପ ମନ୍ତ୍ରାଳୟ ଓ ୟୁଏନ୍‌ଡିପି / ୟୁଏନ୍‌ଆଇଡିଓ ସହାୟତାରେ (ଏଫଏଫଡିସି) ଫ୍ରାଗ୍ରାନାନ୍ସ ଏଣ୍ଡ ଫ୍ଲେଭର ଡେଭଲପମେଣ୍ଟ ସେଣ୍ଟର ସ୍ଥାପନ କରି ଏସେନସ୍ ଅଏଲ, ପରିଫିୟୁମେରୀ ଏବଂ ଆରୋମା କେମିକାଲ ଇଣ୍ଡଷ୍ଟ୍ରିର ବିକାଶ ପାଇଁ ପଦକ୍ଷେପ ନେଉଛନ୍ତି। ଏ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ଅଭିବୃଦ୍ଧି ପାଇଁ ମଧ୍ୟ ପରିବେଶର ଯଥେଷ୍ଟ ବିକାଶ ଘଟିଲାଣି। ଅଗ୍ରୋ ଟେକ୍ନୋଲୋଜି ଏବଂ କେମିକାଲ ଟେକ୍ନୋଲୋଜି ବିକାଶ କ୍ଷେତ୍ରରେ ଏସେନ୍ସିଆଲ ଅଏଲ ଇଣ୍ଡଷ୍ଟ୍ରି ଓ ଗବେଷଣା ଏବଂ ବିକାଶ ଅନୁଷ୍ଠାନ ମଧ୍ୟରେ ୧୯୯୧ ମସିହାରୁ ଏଫ୍‌ଏଫ୍‌ଡିସି ସମନ୍ୱୟ ସ୍ଥାପନ କରୁଛି। ଏତଦ୍‌ବ୍ୟତୀତ ଏ କ୍ଷେତ୍ରରେ ଥିବା ଫାଗ୍ରାନାନ୍ସ ଡେଭଲପମେଣ୍ଟ ୟୁନିଟ, ଫ୍ରୋମିଂ, ଟେଷ୍ଟିଂ, ପ୍ରୋସେସିଂ ଏବଂ ଏହାର ସମ୍ପର୍କିତ କ୍ଷେତ୍ରମାନଙ୍କୁ ସେହି ଦିନଠାରୁ ନିରବଚ୍ଛିନ୍ନ ଭାବରେ ସହଯୋଗ ଯୋଗାଇ ଆସୁଅଛି। ଏହା ସହିତ ମଧ୍ୟ ସମୟକୁ ସମୟ ଏଫ୍‌ଏଫ୍‌ଡିସି ଉଦ୍ୟୋଗୀ, ଛାତ୍ର, ଆରୋମା ଥେରାପିଷ୍ଟ, ଡାକ୍ତର, ବୈଜ୍ଞାନିକମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି।

ଏ କ୍ଷେତ୍ରରେ ପ୍ରଶିକ୍ଷଣ ଦେଉଥିବା ସ୍ୱତନ୍ତ୍ର ଅନୁଷ୍ଠାନଗୁଡିକ ସଂଖ୍ୟା ଖୁବ୍ ସୀମିତ। ଦେଶରେ ଅନ୍ୟ କେତେକ ସାଧାରଣ ଶିକ୍ଷାନୁଷ୍ଠାନରେ ମଧ୍ୟ ଆରୋମାଥେରାପି ସଂକ୍ରାନ୍ତରେ ପ୍ରଶିକ୍ଷଣ ଦିଆଯାଉଛି। ଏହାର ଚାହିଦା ବୃଦ୍ଧି ସାଙ୍ଗେ ସାଙ୍ଗେ ଏ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରାପ୍ତ ପେସାଦାରଙ୍କ ଆବଶ୍ୟକତା ବଢି ବଢି ଚାଲିଛି। ଆବଶ୍ୟକୀୟ ଶିକ୍ଷାନୁଷ୍ଠାନର ସଂଖ୍ୟାବୃଦ୍ଧି ନିତ୍ୟାନ୍ତ ଜରୁରୀ। ବର୍ତ୍ତମାନ ଆମ ଦେଶରେ ଏ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରୁଥିବା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ।ବର୍ତ୍ତମାନ ଆରୋମା ଥେରାପି ବିଶ୍ୱର ପସନ୍ଦଯୋଗ୍ୟ ନୂତନ ଯୁଗର ଥେରାପି ଭାବରେ ଆଦର ଲାଭ କଲାଣି। ୟୁରୋପ, ଆମେରିକାରେ ଏହି ଚିକିତ୍ସା ପଦ୍ଧତି ଲୋକପ୍ରିୟତା ହାସଲ କରିବା ପରେ ଅଷ୍ଟ୍ରେଲିଆ ଓ ଜାପାନ ଦେଶରେ ପହଞ୍ଚିଲା। ଏବେ ପ୍ରାୟ ପ୍ରତ୍ୟେକ ଦେଶରେ ନିଜର ପ୍ରାଧାନ୍ୟ ବିସ୍ତାର କରି ସାରିଲାଣି। ଆମ ଦେଶରେ ମଧ୍ୟ ଏହାର ଚାହିଦା ବେଶ୍ ବୃଦ୍ଧି ପାଇଛି। ଏବେ ଏହା ଏକ ବୃତ୍ତି ଭାବରେ ଗ୍ରହଣୀୟ ହୋଇ ସାରିଲାଣି। ବର୍ତ୍ତମାନ ଏ କ୍ଷେତ୍ରରେ ଅନେକ ନିଯୁକ୍ତି ସୁବିଧା ମଧ୍ୟ ସୃଷ୍ଟି ହେଲାଣି।

## ନିୟମିତ ଭାବେ ଖାଲି ପେଟରେ ପିଅନ୍ତୁ ପଇଡ଼ ପାଣି



ଶରୀର ପାଇଁ ବେଶ ଉପକାରୀ ପଇଡ଼ ପାଣି । ଏଥିରେ ଭରପୂର ମାତ୍ରାରେ ରହିଥାଏ ପୋଷକତତ୍ତ୍ୱ। ଏହା ଶରୀରରେ ହଜମ ଶକ୍ତି ବଢାଇବା ସହ ବିଭିନ୍ନ ପ୍ରକାର ରୋଗ କବଳରୁ ରକ୍ଷା କରିଥାଏ । ତେଣୁ ନିୟମିତ ଭାବେ ଖାଲି ପେଟରେ ପଇଡ଼ ପାଣି ପିଇଲେ ଏହା ସ୍ୱାସ୍ଥ୍ୟ ପକ୍ଷେ ଖୁବ ଲାଭଦାୟକ ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ପ୍ରତିଦିନ ପଇଡ଼ ପାଣି ପିଇବା ଖୁବ୍ ଲାଭଦାୟକ। ଏହି ପାଣିରେ ଥିବା କିଛି ଉପାଦାନ ହଜମ ପ୍ରକ୍ରିୟାକୁ ବଢାଇବାରେ ସାହାଯ୍ୟ କରେ । ସେହିପରି ବିଭିନ୍ନ ରୋଗରୁ ବି ସୁରକ୍ଷା ଦିଏ । ପ୍ରତିଦିନ ସକାଳେ ଖାଲି ପେଟରେ ପଇଡ଼ ପାଣି ପିଇବା ଦ୍ୱାରା ଶରୀର ହାଇଡ୍ରେଟେଡ୍ ରହିଥାଏ। ସଂକ୍ରମଣଜନିତ ରୋଗରୁ ସୁରକ୍ଷା ପ୍ରଦାନ କରିଥାଏ ପଇଡ଼ ପାଣି । କାରଣ ଏହାକୁ ନିୟମିତ ପାନ କରିବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିପାଏ ।ପଇଡ଼ ପାଣିରେ ସୋଡିୟମ, ପଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭଳି ଇଲେକ୍ଟ୍ରୋଲାଇଟ୍ସ ଭରପୂର ରହିଛି । ଏହି ଖଣିଜ ପଦାର୍ଥଗୁଡିକ ଶରୀରରେ ତରଳ ପଦାର୍ଥ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିଥାନ୍ତି । ସେହିପରି ପଇଡ଼ ପାଣି ପିଇବା ଦ୍ୱାରା ଏହା ଝାଳ ଯୋଗୁଁ ହରାଇଥିବା ତରଳ ପଦାର୍ଥକୁ ପୂରଣ କରିବାରେ ସାହାଯ୍ୟ କରିପାରେ । ଏହା ଶରୀରର ତାପମାତ୍ରାକୁ ମଧ୍ୟ ନିୟନ୍ତ୍ରଣ କରିଥାଏ । ଏଥିରେ ଥିବା କ୍ୟାଲସିୟମ, ଆଇରନ ଏବଂ ଭିଟାମିନ-ସି ଭଳି ପୋଷକ ତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିପାରେ ।

# ଭାରତୀୟ ସିନେମାରେ ୱାର୍ଣ୍ଣରଙ୍କ ପ୍ରବେଶ : ଦିନକୁ ନେବେ କୋଟିଏ



**ନୂଆଦିଲ୍ଲୀ**

ଅଷ୍ଟ୍ରେଲିୟ ଭେଟେରାନ କ୍ରିକେଟର ଡେଭିଡ୍ ୱାର୍ଣ୍ଣର ଭାରତୀୟ ପ୍ରଶଂସକଙ୍କୁ ବଡ଼ ସରପ୍ରାଇଜ ଦେଇଛନ୍ତି । ସେ ପ୍ରଥମରୁ ଦକ୍ଷିଣ ଭାରତୀୟ ସିନେମାକୁ ପସନ୍ଦ କରି ଆସିଛନ୍ତି । ପ୍ରାୟତଃ ସେ ଏବଂ ତାଙ୍କ ପିଲାମାନେ ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା'ର ଗୀତରେ ନୃତ୍ୟ କରୁଥିବା ନଜର ଆସିଥାଏ । ଏହାକୁ ନେଇ ପ୍ରଶଂସକ ତାଙ୍କୁ ଦକ୍ଷିଣ ଭାରତୀୟ ସିନେମା କରିବାକୁ ଡିମାଣ୍ଡ କରୁଥିଲେ । ଏବେ ତାହା ସତ ହେବାକୁ ଯାଉଛି । କାରଣ ସେ ଦକ୍ଷିଣ ଭାରତର ବଡ଼ ସିନେମାରେ ନଜର ଆସିବେ ।

୧୨୩ ତେଲୁଗୁ ଡଟ୍ କମ୍‌ରେ ପ୍ରକାଶିତ ଏକ ଖବର ଅନୁଯାୟୀ ୱାର୍ଣ୍ଣର ନିଥିନଙ୍କ ଏକ କମେଡି ଫିଲ୍ମ ରବିନହୁଡ୍‌ରେ ନଜର ଆସିବେ । ଫିଲ୍ମଟି ତାଙ୍କର ଡେବ୍ୟୁ ସିନେମା ହୋଇଥିବା ବେଳେ ମାର୍ଚ୍ଚ ୨୮ରେ ରିଲିଜ ହେବ । ଏହାର ଗୋଟିଏ କିମ୍ବା ଦୁଇ ଦିନ ପରେ ସଲମାନ ଖାନ୍‌ଙ୍କ 'ସିକନ୍ଦର' ମଧ୍ୟ ସିନେମାଘରେ ରିଲିଜ ହେବ ।

ରବିନହୁଡ୍‌ର ପ୍ରଯୋଜକ ରବି ଶଙ୍କର କିଙ୍ଗଷ୍ଟନର ପ୍ରମୋଶନ ସମୟରେ ଏହି ଖବରକୁ କନ୍‌ଫର୍ମ କରିଛନ୍ତି । ଭିକି କୁଦୁମୁଲାଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିବା ଏହି ସିନେମାରେ ୱାର୍ଣ୍ଣରଙ୍କ କାମେଓ ରହିବ । ଫିଲ୍ମ ଲାଗି ୱାର୍ଣ୍ଣର ଦିନକୁ ୧ କୋଟି ଟଙ୍କା ଚାର୍ଜ କରିଛନ୍ତି । ତେବେ ଏହା ଜଣାପଡ଼ିବା ପରେ ୱାର୍ଣ୍ଣରଙ୍କ ଭାରତୀୟ ପ୍ରଶଂସକ ଖୁସିବ୍ୟକ୍ତ କରିଛନ୍ତି ।

ଇଦ୍‌ରେ ସଲମାନଙ୍କ ସିନେମା 'ସିକନ୍ଦର' ରିଲିଜ୍ ହେବାକୁ ଯାଉଛି । ମାର୍ଚ୍ଚ ୩୦ରେ ଏହା ରିଲିଜ୍ ହେବ । ତେବେ ରବିନହୁଡ୍‌ରେ ୱାର୍ନରଙ୍କ ପ୍ରବେଶ ସିକନ୍ଦର ପାଇଁ ଅଡୁଆ ବଢ଼ାଇପାରେ ।

# ବାବର ଓ ରିଜୱାନଙ୍କ ବିରୋଧରେ ବଡ଼ ପଦକ୍ଷେପ ନେଲା ପିସିବି

**ଇସଲାମାବାଦ**

ରିଜୱାନଙ୍କ ଠାରୁ ଟି-୨୦ର ଅଧିନାୟକ ପଦ ଛଡ଼ାଇ ନିଆଯାଇଛି । ତାଙ୍କ ବଦଳରେ ଏଣିକି ଟି-୨୦ରେ ପାକିସ୍ତାନର ମଙ୍ଗ ସଲମାନ ଅଲୀ ଆଘା ସମ୍ଭାଳିବେ । ସେହିପରି ଅଲରାଉଣ୍ଡର ଶଦାବ ଖାନଙ୍କୁ ପୁଣି ଜାତୀୟ ଟିମ୍‌ରୁ ଡକରା ମିଳିଛି । ତାଙ୍କୁ ଟି-୨୦ ସ୍କ୍ୱାଡ୍‌ରେ ସାମିଲ କରାଯିବା ସହ ଉପ ଅଧିନାୟକ ପଦ ଦିଆଯାଇଛି । ଅନ୍ୟପକ୍ଷରେ ଚାମ୍ପିୟନ୍ସ ଟ୍ରଫିରେ ନୈରାଶ୍ୟଜନକ ପ୍ରଦର୍ଶନ ସତ୍ତ୍ୱେ ରିଜୱାନ ଦିନିକିଆ ଅଧିନାୟକ ପଦ କାଏମ୍ ରଖିଛନ୍ତି । ବାବର ମଧ୍ୟ ଦିନିକିଆ ସ୍କ୍ୱାଡରେ ରହିଛନ୍ତି । ଦିନିକିଆ ସ୍କ୍ୱାଡ୍‌ରେ ଚୟନକର୍ତ୍ତା ବିଶେଷ କିଛି ପରିବର୍ତ୍ତନ କରିନାହାନ୍ତି । ଚାମ୍ପିୟନ୍ସ ଟ୍ରଫିରେ ଫ୍ଲପ୍ ହୋଇଥିବା ଅଧିକାଂଶ ଖେଳାଳି ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଘୋଷଣା ହୋଇଥିବା ସ୍କ୍ୱାଡରେ ଅଛନ୍ତି । ତେବେ ସ୍କ୍ୱାଡ୍‌ରୁ ସୌଦ ସକୀଲ ଓ କମରାନ ଗୁଲାମ୍ ବାଦ୍ ପଡ଼ିଛନ୍ତି । ଚୟନକର୍ତ୍ତା ଦିନିକିଆ ସ୍କ୍ୱାଡ୍‌ରୁ ଦ୍ରୁତ ବୋଲର ଶାହୀନ ଶାହ ଆଫ୍ରିଦି ଓ ହ୍ୟାରିଶ ରୌଫଙ୍କୁ ମଧ୍ୟ ବାଦ୍ ଦେଇଛନ୍ତି । ପାକିସ୍ତାନ ମାର୍ଚ୍ଚ ୧୬ରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବ ।

ପାକିସ୍ତାନର ଦିନିକିଆ ସ୍କ୍ୱାଡ୍ : ମହମ୍ମଦ ରିଜୱାନ (ଅଧିନାୟକ), ସଲମାନ ଅଲୀ ଆଘା(ଉପ ଅଧିନାୟକ), ଅବଦୁଲ୍ଲା ଶଫିକ୍ୟୁ, ଅବରାର ଅହମଦ, ଅକିଫ ଜାଭେଦ, ବାବର ଆଜମ, ଫହୀମ ଅଶରଫ, ଇମାମ ଉଲ ହକ, ଖୁଶଦିଲ ଶାହ, ମହମ୍ମଦ ଅଲୀ, ମହମ୍ମଦ ୱାସିମ ଜୁନିୟର, ମହମ୍ମଦ ଇରଫାନ, ନଶୀମ ଶାହ, ସୁଫିୟାନ ମୋକୀମ ଓ ତାୟବ ତାହିର ।



ପାକିସ୍ତାନର ଟି-୨୦ ସ୍କ୍ୱାଡ୍ : ସଲମାନ ଅଲୀ ଆଘା(ଅଧିନାୟକ), ଶଦାବ ଖାନ(ଉପ ଅଧିନାୟକ), ଅବଦୁଲ ସମାଦ, ହ୍ୟାରିଶ ରୌଫ, ହାସନ ନୱାଜ, ଜାହାନଦାଦ ଖାନ, ଖୁଶଦିଲ ଶାହ, ମହମ୍ମଦ ଆବାସ ଆଫ୍ରିଦି, ମହମ୍ମଦ ଅଲୀ, ମହମ୍ମଦ ହ୍ୟାରିଶ, ମହମ୍ମଦ ଇରଫାନ ଖାନ, ଓମୈର ବିନ ୟୁସୁଫ, ଶାହୀନ ଶାହ ଆଫ୍ରିଦି, ସୁଫିୟାନ ମୋକୀମ ଓ ଉସମାନ ଖାନ ।

# ଟ୍ରାଭିସ ହେଡ୍‌ଙ୍କ ଉଇକେଟ୍ ପରେ ପଡ଼ିଆରେ ଭାଙ୍ଗଡ଼ା ନୃତ୍ୟକଲେ କୋହଲି



**ଦୁବାଇ**

ଚାମ୍ପିୟନ୍ସ ଟ୍ରଫିର ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲରେ ବରୁଣ ଚକ୍ରବର୍ତ୍ତୀ ତାଙ୍କର ପ୍ରଥମ ବଲ୍‌ରେ ଟ୍ରାଭିସ ହେଡ୍‌ଙ୍କ ଉଇକେଟ୍ ନେଇଛନ୍ତି । ଏହି ଉଇକେଟ୍ ଭାରତୀୟ କ୍ରିକେଟ ଦଳର ପ୍ରତ୍ୟେକ ପ୍ରଶଂସକଙ୍କୁ ଖୁସି କରିଥିଲା କାରଣ ତାଙ୍କୁ ସବୁଠାରୁ ବଡ଼ ବିପଦ ବୋଲି ବିବେଚନା କରାଯାଉଥିଲା । ବିରାଟ କୋହଲି ମଧ୍ୟ ନିଜ ଖୁସିକୁ ଲୁଚାଇ ପାରିଲେ ନାହିଁ, ସେ ପଡ଼ିଆରେ ହିଁ ଭାଙ୍ଗଡ଼ା ନୃତ୍ୟ କରିବା ଆରମ୍ଭ କରିଦେଇଥିଲେ । ତାଙ୍କର ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି ।

ମ୍ୟାଚ୍‌ରେ ପ୍ରଥମ ବଲ୍‌ରେ ମହମ୍ମଦ ଶାମି ଟ୍ରାଭିସ ହେଡ୍‌ଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ, ଯାହା ପରେ ହେଡ୍ ସତର୍କତାର ସହିତ ବ୍ୟାଟିଂ ଆରମ୍ଭ କରିଥିଲେ । କ୍ରିଜରେ ସ୍ଥିର ହେବା ପରେ, ସେ ତାଙ୍କ ଇନିଂସକୁ ତ୍ୱରାନ୍ୱିତ କରିଥିଲେ । ଅଧିନାୟକ ରୋହିତ ଶର୍ମା ବରୁଣ ଚକ୍ରବର୍ତ୍ତୀଙ୍କୁ ୯ମ ଓଭର ଦେଇଥିଲେ । ଓଭରର ଦ୍ୱିତୀୟ ବଲ୍‌ରେ ହେଡ୍ ଆଗକୁ ବଢ଼ି ଏକ ବଡ଼ ସଟ୍ ଖେଳିବାକୁ ଚେଷ୍ଟା କରିଥିଲେ କିନ୍ତୁ ବଲ୍‌ଟି ଉଚ୍ଚକୁ ଚାଲିଯାଇଥିଲା ଏବଂ ଉପ-ଅଧିନାୟକ ଶୁବମନ ଗିଲ୍ ଏକ ସହଜ କ୍ୟାଚ୍ ନେଇଥିଲେ । ଏହି ଉଇକେଟ୍ ପରେ ବିରାଟ କୋହଲି ପଡ଼ିଆରେ ହିଁ ନାଚିବା ଆରମ୍ଭ କରିଥିଲେ ।

# ୬୮ତମ ଅଲ ଇଣ୍ଡିଆ ରେଲୱେ ଟି-୨୦ ପୁରୁଷ କ୍ରିକେଟ୍ ଚାମ୍ପିଅନସିପ୍ (ଏଲିଟ୍ ପୁଲ୍-ଏ) ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ଼ ଦ୍ୱାରା ଆୟୋଜିତ ୬୮ତମ 'ଅଲ ଇଣ୍ଡିଆ ରେଲୱେ ଟି -୨୦ ପୁରୁଷ କ୍ରିକେଟ୍ ଚାମ୍ପିୟନସିପ (ଏଲିଟ୍ ପୁଲ୍-ଏ) ୨୦୨୪-୨୫', ରେଲୱେ ଷ୍ଟାଡ଼ିୟମରେ ଉଦ୍‌ଘାଟିତ ହୋଇ ଯାଇଛି । ଖୋର୍ଦ୍ଧା ରୋଡ଼ର ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା, ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟନ କରିଛନ୍ତି । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି), ପି.କେ. ବେହେରା, କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ହିମାଦ୍ରି ଭୂଷଣ ବିଶ୍ୱାଳ ଏବଂ ଅନ୍ୟ ଶାଖା ଅଧିକାରୀମାନେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।




ମୋଟ ୬ଟି ରେଲୱେ ଜୋନ୍ ଯଥା ଉତ୍ତର ମଧ୍ୟ ରେଲୱେ, ପୂର୍ବ ରେଲୱେ, ମେଟ୍ରୋ ରେଲୱେ, ପଶ୍ଚିମ ମଧ୍ୟ ରେଲୱେ, ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ଏବଂ ପୂର୍ବତଟ ରେଲୱେ, ଏହି ଏଲିଟ୍ ପୁଲ୍-ଏ ଲିଗ୍ ମ୍ୟାଚ୍ ରେ ଅଂଶଗ୍ରହଣ କରୁଛନ୍ତି । ୧୦ ତାରିଖ ପର୍ଯ୍ୟନ୍ତ ୬ଟି ଜୋନ୍ ମଧ୍ୟରେ ମୋଟ ୧୫ଟି ଲିଗ୍ ମ୍ୟାଚ୍ ଖୋର୍ଦ୍ଧା ରୋଡ଼ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ହେବ ।

ଏହି ଅବସରରେ ଯୋଗ ଦେଇ ଏଚ୍.ଏସ୍. ବାଜୱା, ସେମାନଙ୍କର ସୁସ୍ଥ ଅଂଶଗ୍ରହଣ ପାଇଁ ସମସ୍ତ ଦଳକୁ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି । କହିଛନ୍ତି ଯେ ପୁଲ୍-ଏ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା, ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ଼ ପାଇଁ ଏକ ଗୌରବର ବିଷୟ । ଖେଳାଳିଙ୍କ ସୁବିଧା ପାଇଁ ଡିଭିଜନ ବିସ୍ତୃତ ବ୍ୟବସ୍ଥା କରିଛି । ସ୍ଥାନୀୟ କ୍ରିକେଟ୍ ପ୍ରେମୀମାନେ ଏହି ଟୁର୍ଣ୍ଣାମେଣ୍ଟର ଆନନ୍ଦ ନେଇ ପାରିବ ବୋଲି ସେ କହିଛନ୍ତି ।

ଭାରତୀୟ ରେଳବାଇ, ବିଭିନ୍ନ ଜୋନ୍‌ର ୨୭ ଟି ଦଳ ପାଇଁ ୪ଟି ବିଭିନ୍ନ ସ୍ଥାନରେ ଯଥା, ଖୋର୍ଦ୍ଧା ରୋଡ୍‌ରେ ପୁଲ୍-ଏ, କପୁରୁତାଲାରେ ପୁଲ୍-ବି, ପଟିଆଲାରେ ପୁଲ୍-ସି ଏବଂ ଗୌହାଟୀରେ ପୁଲ୍-ଡି ପାଇଁ ବିଭିନ୍ନ ଲିଗ୍ ମ୍ୟାଚ୍ ଆୟୋଜନ କରୁଛି । ମଙ୍ଗଳବାର ପ୍ରଥମ ଲିଗ୍ ମ୍ୟାଚ୍ ପୂର୍ବତଟ ରେଲୱେ ଏବଂ ଉତ୍ତର ମଧ୍ୟ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପୂର୍ବତଟ ରେଲୱେ ଏହି ମ୍ୟାଚ୍‌କୁ ୬ ରନରେ ଜିତିଥିଲା । ଇଷ୍ଟକୋଷ୍ଟ ରେଳବାଇର ଅଙ୍କିତ ଯାଦବ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି), ପି.କେ. ବେହେରା, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ପ୍ରଦାନ କରିଥିଲେ । ମଙ୍ଗଳବାର ଦ୍ୱିତୀୟ ଲିଗ୍ ମ୍ୟାଚ୍, ପୂର୍ବ ରେଲୱେ ଏବଂ ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ଏହି ମ୍ୟାଚକୁ ୭ ୱିକେଟରେ ଜିତିଥିଲା । ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇର ଅମିତ୍ ମିଶ୍ର, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ ।

ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ କ୍ରୀଡ଼ା ସଚିବ ଏମ୍. ଜାକିରୁଦ୍ଦିନ ତଥା ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନର ସଦସ୍ୟମାନଙ୍କ ଦ୍ୱାରା ଅନୁଷ୍ଠିତ କରାଯାଉଛି ।

# ଜେ.ଏନ. ଟାଟାଙ୍କ ଜୟନ୍ତୀ ଅବସରରେ 'ଟିପିଏନଓଡିଏଲ' ପକ୍ଷରୁ ନୈତିକତା ସପ୍ତାହ

**ବାଲେଶ୍ୱର, ନ୍ୟୁଜ୍**

ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡ଼ିଏଲ) ପକ୍ଷରୁ ଟାଟା ଗ୍ରୁପ୍‌ର ପ୍ରତିଷ୍ଠାତା ଜେ.ଏନ ଟାଟାଙ୍କ ଜନ୍ମ ଜୟନ୍ତୀ ଅବସରରେ ନୈତିକତା ସପ୍ତାହ ୨୪ ଫେବୃୟାରୀରୁ ମାର୍ଚ୍ଚ ୩ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଛି । ନୈତିକତା ସପ୍ତାହ ଅବସରରେ କର୍ମଚାରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ପୋଷ୍ଟର ପ୍ରସ୍ତୁତି, ସ୍ଲୋଗାନ୍, କୁଇଜ୍ ଆଦି ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀମାନଙ୍କ ମଧ୍ୟରେ ନୈତିକତା ଓ ପାରଦର୍ଶିତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ଥିବା ବେଳେ ଟିପିଏନ-ଓଡିଏଲର କର୍ମଚାରୀମାନେ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ ।



ସପ୍ତାହର ଉଦ୍‌ଯାପନୀ ଦିବସରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ଟିପିଏନଓଡ଼ିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦ୍ୱିଜଦାସ ବସାକ କର୍ମଚାରୀମାନଙ୍କୁ ସମ୍ବୋଧିତ କରିବା ସହ ସର୍ବଦା ନୀତି ଓ ଆଦର୍ଶରେ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ଏହା ସହ ଜେ.ଏନ. ଟାଟାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଟିପିଏନଓଡ଼ିଏଲ ସିଏଫଓ ଶିଳାଦିତ୍ୟ ସେନଗୁପ୍ତା, ଚିଫ୍ ଅପରେସନ ନିଲେଶ ପୋଟଫଡେ, ଚିଫ୍ କମର୍ସିଆଲ ଜୟଦୀପ ରୟ, ଫାଇନାନ୍ସ ଜିଏମ ସଂଜୀବ ସାହୁ, ହେଡ୍ ଏଚଆର ରମେନ୍ଦ୍ର ନାରାୟଣ ବଣିକଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି । ଦୀର୍ଘ ବର୍ଷ ହେଲା ଏହି ପୋଗ୍ରାମ ମ୍ୟାନେଜମେଣ୍ଟ କର୍ମଚାରୀ କର୍ମଚାରୀ ମାନେ ସ୍ୱଳ୍ପ ଦରମାରେ ଅସ୍ଥାୟୀ ଭାବରେ କାର୍ଯ୍ୟ କରି ଆସୁଛନ୍ତି । ଏମାନେ ଉଚ୍ଚ ଶିକ୍ଷିତ, କୁଶଳୀ, ଦକ୍ଷ, ପରିଶ୍ରମୀ ଓ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ପ୍ରକାରର କାର୍ଯ୍ୟକୁ ନିଷ୍ଠାର ସହିତ ସୁପରିଚାଳନା କରିବାରେ ଅଧିକାରୀ ଅଟନ୍ତି । ଯାହାର ଉଦାହରଣ ସେମାନଙ୍କର କାର୍ଯ୍ୟ ପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଜାତୀୟ ସ୍ତରରେ ବହୁବାର ପୁରସ୍କୃତ ହୋଇଛନ୍ତି । ଏହି କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି ଦାବିରେ କଳାବ୍ୟାଚ୍ ପରିଧାନ କରିଛନ୍ତି । ସ୍ଥାୟୀ ନିଯୁକ୍ତି ଦାବିରେ ଏହି କର୍ମଚାରୀମାନେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ମିଶନ ନିର୍ଦ୍ଦେଶକଙ୍କୁ ପୋଷ୍ଟକାର୍ଡ ମାଧ୍ୟମରେ ଜଣାଇଛନ୍ତି । ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ଜେନା, ସଂପାଦକ ଅନିଲ କୁମାର ଧଳଙ୍କ ସମେତ ଅଶୁତୋଷ ଜେନା, ସୁବାଶିଷ ବିହାରୀ, ଜଗନ୍ନାଥ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ସ୍ଥିତ ଶ୍ୟାମସୁନ୍ଦରଜୀଉ ଖେଳପଡ଼ିଆଠାରେ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନ ଅବସରରେ ଏମ୍‌ସିସି କଣ୍ଟିଗଡ଼ିଆ ଏବଂ ଏନ୍‌ଏଲ୍‌ୱାଇସି ସୁନ୍ଦରିଆ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । କଣ୍ଟିଗଡ଼ିଆ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ୱିକେଟ ହରାଇ ୧୭୮ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ସୁନ୍ଦରିଆ ଦଳ ୩ ୱିକେଟ ହରାଇ ୧୧ ଓଭରରେ ୧୭୯ ରନ୍ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା । ପୂର୍ବାହ୍ନରେ ଦୁଇଗୋଟି ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ମିର୍ଜାପୁର ଏବଂ ସୁନ୍ଦରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରିଆ ବିଜୟୀ ହେବା ସହିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଗଙ୍ଗାଧରପୁର ଏବଂ କଣ୍ଟିଗଡ଼ିଆ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ କଣ୍ଟିଗଡ଼ିଆ ବିଜୟୀ ହୋଇ ଫାଇନାଲ ମ୍ୟାଚ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ସ୍ୱରୁପାନନ୍ଦ ପଣ୍ଡା ମୁଖ୍ୟଅତିଥି ଏବଂ ବିଶିଷ୍ଟ ସମାଜସେବିକା ମୀନତି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ବିଜେତା ସୁନ୍ଦରିଆ ଦଳ ଓ ଉପବିଜେତା କଣ୍ଟିଗଡ଼ିଆ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଅତିଥିମାନେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସମାଜସେବୀ ଅଭିମନ୍ୟୁ ଧଳ ପୁରସ୍କାର ବିତରଣୀ ଉତ୍ସବକୁ ସଂଯୋଜନା କରିଥିଲେ । ଅଭ୍ୟର୍ଥନା କମିଟି ଆବାହକ ନବକୁମାର ଜେନା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ବିବେକାନନ୍ଦ ଦାସ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଶ୍ରୀକାନ୍ତ ଜେନା, ଦୀପ୍ତିରଞ୍ଜନ ଜେନା ଏବଂ ବିକାଶ ସାମଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଗୋକୁଳାନନ୍ଦ ମହାପାତ୍ର, ମୃତ୍ୟୁଞ୍ଜୟ ବରାଳ, ହଳଧର ଓଝା ଖେଳକୁ ପରିଚାଳନା କରିଥିଲେ । ଅମିତ ସାମଲ ଶ୍ରେଷ୍ଠ ଫିଲ୍ଡର ତଥା ମ୍ୟାନ୍ ଅଫ ଦି ସିରିଜ, ସିପୁନ କୁମାର ପାଣ୍ଡିଆ ଶ୍ରେଷ୍ଠ ବୋଲର, ଅପୂର୍ବ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସାଗର କୁମାରଙ୍କୁ ଶ୍ରେଷ୍ଠ ବ୍ୟାଷ୍ଟସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ରବି ଲାବଣ୍ୟ ଶିଶୁ ସେନାର ସ୍ୱେଚ୍ଛାସେବୀ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଅଭ୍ୟର୍ଥନା କମିଟିର କିଶୋର କୁମାର ଜେନା, ସୁଧାଂଶୁ ଜେନା, ରାକେଶ ପଣ୍ଡା, ବିଶ୍ୱଜିତ ବିଶ୍ୱାଳ, ରମାକାନ୍ତ ବାରିକ, ତପନ ଦାସ, ରାଜେନ୍ଦ୍ର ଦାଶ ପ୍ରମୁଖ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ । ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



# ଚିକିତ୍ସା ଅବହେଳାରୁ ଝିଅର ମୃତ୍ୟୁ ଅଭିଯୋଗ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲ ଚିକିତ୍ସା ଲାଗି ଜଣେ ଝିଅର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ହେବାପରେ ଜାନୁୟାରୀ ୨୮ ତାରିଖରେ ଏଡିଏମଓ ଏହାର ତଦନ୍ତ କରିଥିଲେ । ଏପରିକି ଏସମ୍ପର୍କରେ ଫେବୃଆରୀ ୩ ତାରିଖରେ ମୃତ ଝିଅର ମାଆ ତଥା ସୋରଡ଼ା ବ୍ଲକ ବରାଡ଼ି ଗାଁର ଆଶାଲତା ପଣ୍ଡା ନ୍ୟାୟ ପ୍ରଦାନ ସହ ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଥିଲେ । ଏହି ଘଟଣାକୁ ମାସେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏହାର ତଦନ୍ତ ରିପୋର୍ଟ ମୁଁ ପାଇନଥିବା ଆଶାଲତା କହିଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇନି ।



ଏନେଇ ଅଶାଲତ ଛତ୍ରପୁର ଆସି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ତଦନ୍ତ ରିପୋର୍ଟ ପ୍ରଦାନ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

E-mail ID: cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**

B-1046

File No-B-I-Rev-03/25 Lr. No 8015 / Bhubaneswar 25th Feb.,2025

**Invitation for Bids**
**Bid Identification No. C.E.- (B) – 31 / 2024-25**

| | | | |
|---|---|---|---|
| 1. | The E.I.C., Chief Engineer, Buildings-I (I/c) on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade / Class registered with Central Government / MES / Railways for infrastructure works detailed in the table below on turnkey basis (i.e. Architectural planning with detailed design, vetting & execution). | | |
| 2. | Nature of work | : | Construction of New Special Circuit House, Bhubaneswar on turnkey basis. |
| 3. | No. of work | : | 01 No. |
| 4. | Bid Cost. | : | ₹10,000/- |
| 5. | Class of Contractor | : | Super Class |
| 6. | Availability of Bid Documents in the website | : | From dt.10.03.2025 to 05.30 PM of dt.02.04.2025 |
| 7. | Pre –bid meeting | : | Dt.17.03.2025 at 11.30 AM in Conference Hall of C.E. (Buildings), Odisha, Nirman Soudha, Bhubaneswar |
| 8. | Last date of online submission of bid | : | Dt.02.04.2025 up to 17:30 Hours |
| 9. | Last dt. Of Submission of hardcopy (Cover-III). | : | Dt.09.04.2025 up to 17:30 Hours |
| 10. | Date of Opening of Bid | : | Dt.10.04.2025 at 11.30 AM |
| 11. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-34117/11/0064/2425 Sd/- EIC, CHIEF ENGINEER-BUILDINGS-I. I/c, ODISHA, BHUBANESWAR

Mail ID: - eepwd.bgr@rediffmail.com
eepwd.bgr@gmail.com
Ph. No. 06652-232374

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**BOLANGIR (R&B) DIVISION: BOLANGIR**
**BID IDENTIFICATION No: BGR R&B/ 22/ 2024-25**
**No. 1003 // Dtd. 28.02.2025**

B-1061

1. The **Superintending Engineer**, Bolangir (R&B) Division, Bolangir on behalf of the Governor of Odisha invites percentage rate bid in **Single** cover system in ONLINE MODE for construction of building work detailed in the table below from eligible contractors.
2. Nature of work : Electrical Work, Building work
3. No of tender : 3 Nos. Electrical and 1 No. Building Work
4. Tender cost : Rs. 4000/- ,Rs. 6000/- (Tender paper cost )
5. Class of Contractor : "C" & "D" (Registered with CDMS) "HT" Class (Registered with ELBO)
6. Date & Time of sale & Receipt of Bids : From Dt. 07.03.25,11.00 A.M Dt. 17.03.25 up to 5.00 P.M
7. Date of opening bid : Dt. 18.03.25 at 11.30 A.M
8. The bidders have to participate in ONLINE bidding only. Further details can be seen from the website: http://tendersodisha.gov.in.

Sd/- Superintending Engineer
Bolangir (R&B) Division

OIPR-34028/11/0016/2425

**FOREST DEPARTMENT**
**OFFICE OF THE DIVISIONAL FOREST OFFICER,**
**BARIPADA FOREST DIVISION**

MM-516

e-mail – dfo.baripada@odisha.gov.in.
Government of Odisha "e" Procurement Notice
**Bid Identification No.-DFO-BPD-03/2024-25**

1. Number of works-**3** (Three numbers of work)
2. Approximate estimated cost:-**17.75 lakh** to **18.50 lakh**
3. Period of Completion: - **60 days**.
4. Date & Time of availability of bid documents in the portal :- **Dt.06.03.2025 to 17.03.2025**
5. Last Date / Time of receipt of bid in the portal :- **Dt.17.03.2025 up to 5.00 PM**
6. Date of Opening of bid :- **Dt.18.03.2025 at 11.00 AM**
7. Name & address of the Office inviting bid:-
**O/o the Divisional Forest Officer, Baripada Forest Division, Baripada, Mayurbhanj.**

Further details can be seen from the e-procurement portal **http://www.tendersodisha.gov.in**

Sd/- **Divisional Forest Officer**
**Baripada Forest Division**

OIPR-08065/11/0006/2425

# ଚାକିରି ସ୍ଥାୟୀକରଣ ଦାବିରେ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଆନ୍ଦୋଳନ ଡାକରା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି କରିବା ଓ ସମସ୍ତ ଏନଏଚଏମ କର୍ମଚାରୀଙ୍କୁ ସ୍ଥାୟୀ କରିବା ଦାବିରେ ଆସନ୍ତା ମାର୍ଚ୍ଚ ୧୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କୁ ଚାକିରି ସ୍ଥାୟୀ କରିବା, ଦରମା ବୃଦ୍ଧି, ସ୍ୱାସ୍ଥ୍ୟ ବୀମା, ଘର ଭଡ଼ା, ମହଙ୍ଗା ଭତ୍ତା, ରାଜ୍ୟ ପ୍ରୋତ୍ସାହନ ରାଶିକୁ ବୃଦ୍ଧି କରିବା ଆଦି ଦାବି ସମ୍ବଳିତ ପତ୍ର ବାରମ୍ବାର ପ୍ରଦାନ କରାଯାଇଥିଲେ ମଧ୍ୟ ପୂରଣ କରିବା ଦୂରର କଥା ଆଜି ପର୍ଯ୍ୟନ୍ତ ଆଲୋଚନା ମଧ୍ୟ କଲେ ନାହିଁ । ସଂଘର ରାଜ୍ୟ ସଭାପତି ଅନିରୁଦ୍ଧ ପଣ୍ଡା ପ୍ରକାଶ କରିଥିଲେ ଯେ ଦୀର୍ଘ ୨୦ ବର୍ଷ ହେବ ସ୍ୱାସ୍ଥ୍ୟ ମିଶନ ଅଧିନରେ ବ୍ଲକ, ଜିଲ୍ଲା ଠାରୁ ରାଜ୍ୟ ପର୍ଯ୍ୟନ୍ତ ସମସ୍ତ ଡାକ୍ତର ଖାନରେ ଏନଏଚଏମ ମ୍ୟାନେଜମେଣ୍ଟ କର୍ମଚାରୀମାନେ କାର୍ଯ୍ୟରତ । ଉଚ୍ଚ ଶିକ୍ଷିତ, ଦକ୍ଷ, କୁଶଳୀ ଓ ପରିଶ୍ରମୀ କର୍ମଚାରୀ ଯେଉଁମାନେ ଯୁବ ଅବସ୍ଥାରେ ଚାକିରି ଆରମ୍ଭ କରିଥିଲେ ଆଜି ସେମାନଙ୍କର ହାରାହାରି ବୟସ ୪୫ ବର୍ଷ ହେଲାଣି । ଯେଉଁମାନଙ୍କରେ ଅଗମ୍ୟ ଉଦ୍ୟମ କାରଣରୁ ସ୍ୱାସ୍ଥ୍ୟ ବିଭାଗ ଅନେକ ସଫଳତା ହାସଲ କରି ଅନେକବାର ଜାତୀୟସ୍ତରରେ ପୁରସ୍କୃତ ହୋଇଛି । ମାତୃ ଓ ଶିଶୁ ମତ୍ୟୁହାରକୁ ଆଖିଦୃଶିଆ ଭାବେ ହ୍ରାସ କରିବା, ଯକ୍ଷ୍ମା ନିରାକରଣ, କୁଷ୍ଠ ନିରାକରଣ, ମାନସିକ ରୋଗ କାର୍ଯ୍ୟକ୍ରମ, ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ, ଅଣସଂକ୍ରାମକ ରୋଗ ନିୟନ୍ତ୍ରଣ, ରକ୍ତହୀନତା ଶିଶୁ ଚିହ୍ନଟ କରଣ, ଥାଲାସେମିଆ ରୋଗୀ ନିରୂପଣ ଆଦି ଅନେକ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରୁଛନ୍ତି । ଓଡ଼ିଶାର ଅନେକ ଡାକ୍ତରଖାନା ସ୍ୱଚ୍ଛତା ଓ କାୟାକଳ୍ପ ପୁରସ୍କାର ପାଇବା ଓ ଏନକ୍ୟୁଏଏସ୍‌ରେ ମଧ୍ୟ ସଫଳତାର ସହିତ କାର୍ଯ୍ୟ କରୁଛନ୍ତି । ବାତ୍ୟା ଓ ବନ୍ୟା ସହିତ ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ୨୦୦୫ରୁ କରିଆସୁଛନ୍ତି । କରୋନା ମହାମାରୀ ମୁକାବିଲାରେ ସାରା ଦେଶରେ ଉଦାହାରଣ ସୃଷ୍ଟି କରିଥିଲେ ଯାହା କେବଳ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟରତ ପରିଚାଳନା କର୍ମଚାରୀମାନଙ୍କ ପାଇଁ ସମ୍ଭବ ହୋଇ ଥିଲା । ଗତ ଅଗଷ୍ଟ ମାସ ୨୦୨୨ ରେ ଓଡ଼ିଆ ସରକାର ଠିକା ପ୍ରଥା ଉଠାଇ ଦେବାର ନାରା ଦେଇ ପ୍ରାୟ ସମସ୍ତ ବିଭାଗରୁ ୫୮୦୦୦ କର୍ମଚାରୀଙ୍କୁ ସ୍ଥାୟୀ କରିଥିଲେ କିନ୍ତୁ କେବେଳ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟରତ ପ୍ରାୟ ୮୮୮୭ କର୍ମଚାରିଙ୍କୁ ବାଦ୍ ଦେଇଥିଲେ ସେଥିମଧ୍ୟରୁ ୪୨୦୦ ପରିଚାଳନା କର୍ମଚାରୀ ଅନ୍ତର୍ଭୁକ୍ତ । ସତରେ କ'ଣ ଆମେ ସରକାରଙ୍କ ପାଇଁ କାର୍ଯ୍ୟ କରୁନାହୁଁ । ସ୍ୱାସ୍ଥ୍ୟ ବିଭାଗ ଗୋଟେ ଅତ୍ୟନ୍ତ ଜରୁରୀ କାଳୀନ ବିଭାଗ ଅଟେ ଆଉ ଲୋକଙ୍କ ସେବାରେ ସବୁବେଳେ ଉତ୍ସର୍ଗୀକୃତ । ଆମର ସରକାରଙ୍କ ପାଖରେ ଏତିକି ନିବେଦନ ରହିବ ତୁରନ୍ତ ସରକାର ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ୪୨୦୦ ପରିଚାଳନା କର୍ମଚାରୀଙ୍କୁ ସ୍ଥାୟୀ କରନ୍ତୁ ଆଉ ତାଙ୍କ ଉପରେ ନିର୍ଭରଶୀଳ ଲୋକଙ୍କ ମୁହଁରେ ହସ ଫୁଟାନ୍ତୁ । ପୁନଶ୍ଚ ଜଣେଇଦେବାକୁ ଚାହୁଁଛୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ନିଜ କର୍ମସ୍ଥଳୀରେ କଳାବ୍ୟାଚ୍ ପିନ୍ଧି ପ୍ରତୀକ ପ୍ରତିବାଦ କରିବା ସହିତ ୧୦ ତାରିଖ ଠାରୁ ଭୁବନେଶ୍ୱର ଲୋୟର ପିଏମଜିରେ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ରାଜ୍ୟ ସଭାପତି ଅନିରୁଦ୍ଧ ପଣ୍ଡାଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ଗୋପବନ୍ଧୁ କର, ରାଜ୍ୟ କୋଷାଧ୍ୟକ୍ଷ ଆଶୁତୋଷ ମିଶ୍ର, ଉପ ସଭାପତି ନବୀନ ବେହେରା, ସହ ସମ୍ପାଦକ ପ୍ରଦୀପ୍ତ ମଲ୍ଲ ଓ ରାଜ୍ୟ ସଂଯୋଜକ ସଞ୍ଜୟ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲେ ।







# ଇମ୍ଫା ଥେରୁବାଲିରେ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ




**ଥେରୁବାଲୀ, ନ୍ୟୁଜ ବ୍ୟୁରୋ**

କାରଖାନା ପରିସରରେ ଓ ପରିସର ବାହାରେ ସୁରକ୍ଷା ପ୍ରତି ପ୍ରାଥମିକତା ଦେଇଆସୁଥିବା ଇମ୍ଫା ଥେରୁବାଲି ତରଫରୁ ଆନୁଷ୍ଠାନିକ ଭାବେ ଆଜି କାରଖାନା ପରିସରରେ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ ର ଶୁଭାରମ୍ଭ ହୋଇଛି, ଯାହା ସ୍ଥାନୀୟ କାର୍ଯ୍ୟସ୍ଥଳରରେ ସୁରକ୍ଷା ଦିଗରେ ଏହାର ଏକନିଷ୍ଠ ପ୍ରତିବଦ୍ଧତାକୁ ପରିପ୍ରକାଶ କରିଥିଲା। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶ୍ରୀମାନ୍ ବିନୀତ ଷଡଙ୍ଗୀ, ସହକାରୀ ନିର୍ଦ୍ଦେଶକ, କାରଖାନା ଓ ବାଷ୍ପିତ ବିଭଗ, ରାୟଗଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରକ୍ଷା ପତାକା ଉତ୍ତୋଳନ କରିବା ସହ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନର ଶୁଭାରମ୍ଭ ହେଲା ବୋଲି ଉଦଘୋଷଣା କରିଥିଲେ । ଉତ୍ସବରେ ଉପସ୍ଥିତ ସମସ୍ତ ଠିକା ଶ୍ରମିକ, ସ୍ଥାୟୀ ଶ୍ରମିକ, କର୍ମଚାରୀ, ବିଭାଗୀୟ ମୁଖ୍ୟ ସମୂହ, ସୁରକ୍ଷା ଶପଥ ଓଡିଆ, ଇଂରାଜୀ ଓ ହିନ୍ଦୀରେ ପାଠ କରିଥିଲେ । 'ମୁଁ ସୁରକ୍ଷିତ ରହିବାକୁ ପ୍ରତିବଦ୍ଧ' ଉଲ୍ଲେଖ ଥିବା ଏକ ପ୍ରାଚୀର ପତ୍ରରେ ଦସ୍ତଖତ କରି ଏକ ସ୍ୱାକ୍ଷର ଅଭିଯାନ ର ଶୁଭରମ୍ଭ କରିଥିଲେ , ଯାହା କି ପ୍ରତିଟି ଶ୍ରମୀ ଓ କର୍ମଚାରୀଙ୍କ ସୁରକ୍ଷା ଏବଂ ଶାରୀରିକ ସୁସ୍ଥତା ପ୍ରତିଥିବା ବ୍ୟକ୍ତିଗତ ଦାୟିତ୍ୱକୁ ଉତ୍ସାହିତ କରିଥିଲା । ଏହି ଉତ୍ସବରେ ଇମ୍ଫା-ଥେରୁବାଲିର ଉପସଭାପତି-ତଥା-ମୁଖ୍ୟ ନିର୍ବାହୀ ଅଧିକାରୀ, ଶ୍ରୀମାନ୍ ଅଶିଷ କୁମାର ରାୟ , ସମ୍ମାନୀୟ ଅତିଥିଭାବେ ଯୋଗ ଦେଇ " ଦୈନନ୍ଦିନ ଜୀବନରେ ସୁରକ୍ଷା ସଂସ୍କୃତିକୁ " ଆପଣେଇବାରେ ସମସ୍ତଙ୍କର ସମୂହ ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀମାନ ପ୍ରଦ୍ୟୁମ୍ନ ଅଚାର୍ଯ୍ୟ, ଇମ୍ଫାର ବରିଷ୍ଠ ପରିଚାଳକ (ସ୍ୱାସ୍ଥ୍ୟ, ସୁରକ୍ଷା ଓ ପର୍ଯ୍ୟାବରଣ) ସଂଯୋଜନା କରିଥିଲାବେଳେ , ଇମ୍ଫା,ଲୋକ ସମ୍ପର୍କ ବିଭାଗର ସହକାରୀ ପରିଚାଳକ ଶ୍ରୀମାନ୍ ଦୀପକ କୁମାର ଓଝା ଓ କନିଷ୍ଠ ଅଧିକାରୀ ଶ୍ରୀମାନ୍ ମାନସ ମହାପାତ୍ର ସହଯୋଗ କରିଥିଲେ । ପରିଶେଷରେ ଇମ୍ଫା , ମୁଖ୍ୟ କାର୍ଯ୍ୟାଳୟରୁ ଆସିଥିବା , ସ୍ୱାସ୍ଥ୍ୟ, ସୁରକ୍ଷା ଓ ପର୍ଯ୍ୟାବରଣ ବିଭାଗର ମୁଖ୍ୟ ଶ୍ରୀମାନ୍ ଶ୍ରୀ ପି. ମହେଶ ଧନ୍ୟବାଦ ଜ୍ଞାପନ କରିଥିଲେ । ଆଜିର ଏହି ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଇମ୍ଫା-ଥେରୁବାଲୀର ସୁରକ୍ଷା ଉତ୍କୃଷ୍ଟତା, ବ୍ୟବସ୍ଥାପନା ସମ୍ମତି, ଏବଂ ପ୍ରତିକ୍ରିୟା ସଂକୁଳନ ପ୍ରତି ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦେଶ କରିଥିଲା, ଯାହା ସମସ୍ତଙ୍କ ପାଇଁ ସୁରକ୍ଷିତ ଓ ସୁସ୍ଥ କାର୍ଯ୍ୟସ୍ଥଳ ସୁନିଶ୍ଚିତ କରିବାରେ ସହଯୋଗୀ ହୋଇପାରିଛି ।

# ଧାନ ଦୁର୍ନୀତି ନେଇ ନବୀନଙ୍କୁ ଭେଟିଲେ ନବନିର୍ମାଣ ସଂଗଠନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଚାଲିଥିବା ବ୍ୟାପକ ଧାନ କିଣା ବିରୁଦ୍ଧରେ ନବନିର୍ମାଣ ସଂଗଠନ ତରଫରୁ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସ୍ମାରକ ପତ୍ର ଦିଆଯିବା ସହ ଅବଗତ କରାଯାଇଛି। ସୂଚନା ଯୋଗ୍ୟ ଯେ, ନବନିର୍ମାଣ ସଂଗଠନ ତରଫରୁ ଜଗତସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ଗଜପତି ଭଳି ଜିଲ୍ଲାରେ ଜିଲ୍ଲା ସ୍ତରରେ ଧାନ କାଟକୁ ନେଇ ବିକ୍ଷୋଭ କରାଯାଇଛି। ବିକ୍ଷୋଭ ସମୟରେ ଜିଲ୍ଲା ପ୍ରଶାସନକୁ କିଭଳି ମିଲରମାନେ ଗରିବ ଚାଷୀଙ୍କୁ ଭୁଡେଇ ୫ରୁ ୧୨ କେଜି ପର୍ଯ୍ୟନ୍ତ କାଟି ନେଉଛନ୍ତି ଏହା ଉପରେ ଅବଗତ କରାଯାଇଛି। ଧାନ ଦୁର୍ନିତୀ ବିରୋଧରେ ଅହିଂସକ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ହେଉଥିଲେ ହେଁ ସରକାର ଓ ଜିଲ୍ଲାପ୍ରଶାସନ ଏହାକୁ ଅଣଦେଖା କରିଆସିଛନ୍ତି। ଏହା ବିରୁଦ୍ଧରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଆଜକୁ ୧୮ ଦିନ ହେଲା ଉପବାସରୂପୀ ବ୍ରତ ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସଂଗଠନ ତରଫରୁ ବିଭିନ୍ନ ଗଣସଂଗଠନ ରାଜନୈତିକ ଦଳ ବିଶେଷ କରି ବିରୋଧି ଦଳ ମାନଙ୍କ ସହ କଥାବାର୍ତ୍ତା ଚାଲିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବନିର୍ମାଣ ସଂଗଠନ ପକ୍ଷରୁ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ଯୁବଛାତ୍ର ସଂଗଠନ ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ସାକ୍ଷାତ ଆଲୋଚନା କରିଛନ୍ତି। ସାକ୍ଷାତ ଆଲୋଚନା ବେଳେ ବିରୋଧି ଦଳ ନେତା ପଟ୍ଟନାୟକ ମୁଁ ଆପଣମାନଙ୍କ ଆନ୍ଦୋଳନ ବିଷୟରେ ଆବଗତ ଅଛି ଓ ବିଧାନସଭାରେ ଆମେ ଏ ପ୍ରସଙ୍ଗ ଉଠାଇବୁ ବୋଲି ଚାଷୀ ନେତାଙ୍କୁ ପ୍ରତିଶୃତି ଦେଇଥିଲେ। ସେଭଳି ଅକ୍ଷୟ କୁମାରଙ୍କ ଅନଶନ ସ୍ଥଳକୁ ଏକ ପ୍ରତିନିଧି ମଣ୍ଡଳୀ ଯିବେ ବୋଲି ସେ ଆଲୋଚନାରେ କହିଥିଲେ। ଆଲୋଚନା ସମୟରେ ସଂଗଠନର ଭୁବନେଶ୍ୱର ଛାତ୍ର ସଭାପତି ଅମିତ ଜେନା, ଜଟଣୀ ବ୍ଲକ୍ ସଂଯୋଜକ ପ୍ରଫୁଲ ପରିଡ଼ା ଉପସ୍ଥିତ ଥିଲେ।

# ଯାଜପୁର ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ନିମନ୍ତେ ପ୍ରସ୍ତୁତି

**ଯାଜପୁର, ନ୍ୟୁଜ ବ୍ୟୁରୋ**



ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଜିଲ୍ଲାପାଳ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ। ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ ୱାଟର ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ୍ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ ଲାଇନ୍ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଭଳି କୌଣସି ଅଭିଯୋଗ ନ ଆସେ ସେଥି ପ୍ରତି ଧ୍ୟାନ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ବ୍ଲକ ମାନଙ୍କରୁ ଆସିଥିବା ନୂତନ ପ୍ରସ୍ତାବ ଅନୁଯାଇ ନଳକୂଅ ୧୫ ମାର୍ଚ୍ଚ ସୁଦ୍ଧା ବସାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବାକୁ ପାନୀୟ ଜଳଯୋଗଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟ ମାନଙ୍କରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା ସାମାଜିକ ଗଣ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକମାନେ ପ୍ରଚଣ୍ଡ ଖରାରେ ଅତି ଆବଶ୍ୟକ ନହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଜଳଛତ୍ର ମାନଙ୍କରେ ରଖାଯାଇଥିବା ପାଣିକୁ ବିଶୁଦ୍ଧ ଭାବେ ରଖିବା, ଜନ ଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ସିନଟେକ୍ସ ଟ୍ୟାଙ୍କ ମାଧ୍ୟମରେ ପାନୀୟ ଜଳ ରଖିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ସେବା ଉପଲବ୍ଧ କରାଇ ନିୟମିତ ଭାବେ ଯାଞ୍ଚ କରି ପଦକ୍ଷେପ ନେବା, ବିଭିନ୍ନ ଜନ ଗହଳି ସ୍ଥାନ ମାନଙ୍କରେ ବିଗତ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କର୍ଯ୍ୟକରିବା, ବ୍ଲକ୍, ତହସିଲ ଓ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟ ମାନେ ଅନୁରୂପ ଭାବେ ଭାବେ ନିୟନ୍ତ୍ରଣ କକ୍ଷ ଖୋଲିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ଓ.ଆର.ଏସ ପ୍ୟାକେଟ ସହ ଅଂଶୁଘାତ ଚିକିତ୍ସା କକ୍ଷ ବ୍ୟବସ୍ଥା କରିବା, ବରଫ, ଏସି ରୁମ୍, କୁଲର୍ ବ୍ୟବସ୍ଥା କରିବା, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପଶୁମାନଙ୍କ ପାଇଁ ଗାଁ ର ପ୍ରବେଶ ପଥରେ ନଳକୂପ ଥିବା ସ୍ଥାନ ମାନଙ୍କରେ ଜଳ କୁଣ୍ଡର ବ୍ୟବସ୍ଥା କରିବା, ଶ୍ରମିକ ମାନେ ଦିନ ୧୧ ଟାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା, କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟ ଜଳ, ଓ.ଆର.ଏସ, ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଶିଳ୍ପ ସଂସ୍ଥା ମାନେ ଏହି ସମୟରେ ବିଭିନ୍ନ ସ୍ଥାନରେ ଜଳ ଯୋଗାଣ ଓ ପାନୀୟ ଜଳ ସେବା ଖୋଲିବା ନିମନ୍ତେ ଅନୁରୋଧ କରାଯାଇଥିଲା। ଅଂଶୁଘାତ ଜନିତ ମୃତ୍ୟୁହେଲେ ତହସିଲଦାର ଓ ମେଡିକାଲ ଅଫିସର ଙ୍କ ଦ୍ୱାରା ୨୪ ଘଣ୍ଟା ମଧ୍ୟରେ ଯୁଗ୍ମ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ।ଉକ୍ତ ବୈଠକରେ, ଜିଲ୍ଲା ଜରୁରୀ ଅଧିକାରୀ ଅଶୋକ କୁମାର ବେହେରା,ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ କ୍ଷେତ୍ରୀୟ ଅଧିକାରୀ ଓ ସମସ୍ତ ବି.ଡି.ଓ ଏବଂ ତହସିଲଦାର ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜେଏସ୍‌ଡବ୍ଲୁବିପିଏସ୍‌ଏଲ୍ ଉତ୍କର୍ଷତା ପ୍ରତିବଦ୍ଧତା ସହିତ ୫୪ତମ ଜାତୀୟ ସୁରକ୍ଷା ଦିବସ ପାଳନ

**ସମ୍ବଲପୁର ନ୍ୟୁଜ ବ୍ୟୁରୋ**




୨୦୨୫ ରେ ୫୪ତମ ଜାତୀୟ ସୁରକ୍ଷା ଦିବସ ପାଳନ କରିଥିଲା, ଯାହା ଆମର 'ଶୂନ୍ୟ କ୍ଷତି' ହାସଲ କରିବାର ଦୃଷ୍ଟିକୋଣ ସହିତ ଶ୍ରୀ ସିଂହ ମାତ୍ର ତିନି ବର୍ଷ ମଧ୍ୟରେ ଲଷ୍ଟ ଟାଇମ୍ ଆଘାତ ଫ୍ରିକ୍ୱେନ୍ସି ହାରରେ ଏକ ବିରାଟ ହ୍ରାସର ଉଲ୍ଲେଖନୀୟ ସଫଳତାକୁ ଗର୍ବର ସହିତ ଉଲ୍ଲେଖ କରିଛନ୍ତି, ଏହି ସଫଳତାକୁ ସମସ୍ତ ବିଭାଗର ସମର୍ପଣ ଏବଂ କଠିନ ପରିଶ୍ରମକୁ ଶ୍ରେୟ ଦେଇଛନ୍ତି। ଶ୍ରୀ ଉମେଶ ରାୟ ମୁଖ୍ୟ ପରିଚାଳନା ଅଧିକାରୀ ଏବଂ ଶ୍ରୀ ଉମାକାନ୍ତ ସାମନ୍ତରାୟ, କାରଖାନା ଏବଂ ବଏଲର୍ସର ସହାୟକ ନିର୍ଦ୍ଦେଶକ, ମଧ ସୁରକ୍ଷା ଉପରେ ଆଲୋଚନାରେ ଯୋଗଦାନ ଦେଇଥିଲେ। ଏହି ଉତ୍ସବରେ ୨୯ଜଣ ବିକ୍ରେତାଙ୍କ ସୁରକ୍ଷା ଉତ୍ପାଦ ପ୍ରଦର୍ଶନ କରୁଥିବା ଏକ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା ଏବଂ ଏକ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ସୁରକ୍ଷା ପ୍ରତିଯୋଗିତା ଅନ୍ତର୍ଭୁକ୍ତ କରାଯାଇଥିଲା। ମୁଖ୍ୟ ଅତିଥି ଏବଂ ବରିଷ୍ଠ ନେତାମାନଙ୍କ ଦ୍ୱାରା ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁରକ୍ଷା ଏବଂ ଅଗ୍ନିଶମ ସେବାର ମହାପ୍ରବନ୍ଧକ ଅଶୋକ ବିଶ୍ୱାଲ, ଜେଏସ୍‌ଡବ୍ଲୁବିପିଏସ୍‌ଏଲ୍‌ରେ ଜାତୀୟ ସୁରକ୍ଷା ଦିବସର ଏକ ସଫଳ ସ୍ଥତିଚାରଣ ପାଇଁ ଉପସ୍ଥିତ ଲୋକଙ୍କୁ ସ୍ୱାଗତ କରିଥିଲେ ଏବଂ ଧନ୍ୟବାଦ ଜଣାଇଥିଲେ।

# ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡିର ବିକ୍ଷୋଭ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମାର୍ଚ୍ଚ ୫ ବଦଳରେ ଏପ୍ରିଲ ୨୪ ପଞ୍ଚାୟତିରାଜ ଦିବସ ପାଳନ କରିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ନେଇ ଏବେ ରାଜନୀତି ଜୋର ଧରିଛି। ପଞ୍ଚାୟତିରାଜ ଦିବସ ପାଳନରେ ଜାତୀୟ ଓ ରାଜ୍ୟ ସ୍ତରରେ ଥିବା ଏହି ଅଂସହତି ଦୂର କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ବିଜେପି କହିଥିବାବେଳେ, ଏହି ନିଷ୍ପତ୍ତିକୁ ଦୁର୍ଭାଗ୍ୟଜନକ କହିଛି ବିଜେଡି । ଖାଲି ସେତିକି ନୁହେଁ ମଙ୍ଗଳବାର ବିଜେଡି ପକ୍ଷରୁ ଭୁବନେଶ୍ୱର ବିମାନ ବନ୍ଦର ଛକରେ ଏନେଇ ବିକ୍ଷୋଭ କରାଯାଇଛି। ଏହା ସହ ଦଳ ସରକାରଙ୍କୁ ନିଷ୍ପତ୍ତି ବଦଳାଇବାକୁ ଚେତାବନୀ ଦେଇଛି। ଦଳ ପକ୍ଷରୁ କୁହାଯାଇଛି ସରକାର ନିଷ୍ପତ୍ତି ନବଦଳାଇଲେ ଆନ୍ଦୋଳନ କରାଯିବ। ଅନ୍ୟପଟେ ମାର୍ଚ୍ଚ ୫ରେ ହେବାକୁ ଥିବା ବିଜୁ ଜୟନ୍ତୀ ସମାରୋହକୁ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି ମୋହନ ମାଝୀ। ନବୀନଙ୍କୁ ବିଶିଷ୍ଟ ଅତିଥି ଭାବେ ଯୋଗଦେବାକୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ। ବୁଧବାର ସନ୍ଧ୍ୟାରେ ଜୟଦେବ ଭବନରେ ରାଜ୍ୟସ୍ତରୀୟ ସଭାର ଆୟୋଜନ କରାଯାଇଛି।

## ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ନ କରିବା ନିଷ୍ପତ୍ତିକୁ ନିନ୍ଦା

# ୬ରେ ରାଜ୍ୟବ୍ୟାପୀ ପ୍ରତିବାଦ ସଭା କରିବ ବିଜେଡି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ପଞ୍ଚାୟତିରାଜ ଦିବସ ଗତ ପ୍ରାୟ ୩ ଦଶନ୍ଧି ଧରି ମାର୍ଚ୍ଚ ୫ରେ ପାଳିତ ହୋଇଆସୁଥିବା ବେଳେ ରାଜ୍ୟ ସରକାର ଏହାକୁ ମାର୍ଚ୍ଚ ୫ରେ ନକରି ଏପ୍ରିଲ ୨୪ ତାରିଖରେ ପାଳନ କରିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ଓ ରାଜ୍ୟ ସରକାରଙ୍କ ସଂକୀର୍ଣ୍ଣ ମନୋଭାବର ପରିଚୟ ବୋଲି ମଙ୍ଗଳବାର ବିଜୁ ଜନତା ଦଳ ତରଫରୁ କୁହାଯାଇଛି। ମାର୍ଚ୍ଚ ୫ ତାରିଖରେ ବିଜୁ ବାବୁଙ୍କ ଜୟନ୍ତୀ ରାଜ୍ୟବ୍ୟାପୀ ବିଜେଡି ତରଫରୁ ପାଳିତ ହେବ ଓ ମାର୍ଚ୍ଚ ୬ ତାରିଖ ଦିନ ବିଜେଡି ତରଫରୁ ରାଜ୍ୟବ୍ୟାପୀ ପ୍ରତିବାଦ ସଭା ଆୟୋଜିତ ହେବ ବୋଲି ବିଜେଡି ତରଫରୁ କୁହାଯାଇଛି। ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସମନ୍ୱୟ କମିଟିର ଅଧକ୍ଷ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟର ଭୂମିକା ନିର୍ବାହ କରିଛି। ୧୯୯୧ ମସିହାରେ ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବା ଲକ୍ଷ୍ୟରେ ଜିଲ୍ଲାପରିଷଦ, ପଞ୍ଚାୟତିରାଜ ଓ ପଞ୍ଚାୟତ ସମିତି ଗଠନ ପାଇଁ ଓଡ଼ିଶା ବିଧାନସଭାରେ ବିଲ୍ ପାରିତ ହୋଇଥିଲା। ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ଓଡ଼ିଶା ଅଗ୍ରଗାମୀ ଭୂମିକା ନିର୍ବାହ କରିଥିବା ବେଳେ ଏହାର ପରବର୍ଷ ଅର୍ଥାତ ୧୯୯୨ ମସିହାରେ ଦେଶର ସମ୍ବିଧାନର ୭୩ତମ ଓ ୭୪ତମ ସଂଶୋଧନ ଆଣି ଏହି ବ୍ୟବସ୍ଥାକୁ ପ୍ରାବଧାନ କରାଯାଇଥିଲା। ଏଥିରୁ ସ୍ପଷ୍ଟ ହୁଏ ଯେ, ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରି କ୍ଷମତାର ବିକେନ୍ଦ୍ରୀକରଣ କରି ତୃଣମୂଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଭଳି ଐତିହାସିକ କାର୍ଯ୍ୟ ବିଜୁ ପଟ୍ଟନାୟକଙ୍କ ଭଳି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିଙ୍କ ଯୋଗୁଁ ସମ୍ଭବ ହୋଇପାରିଥିଲା।

ବିଜୁ ଜନତା ଦଳର ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା କହିଥିଲେ, କ୍ଷମତା ରାଜନୀତିରେ ମହିଳାଙ୍କୁ ସଶକ୍ତ ନକରି ସମାଜର ପୂର୍ଣ୍ଣାଙ୍ଗ ବିକାଶ ପରିକଳ୍ପନା ସମ୍ଭବ ନୁହେଁ ବୋଲି ବିଚାର କରି ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ତୃତୀୟାଂଶ ମହିଳାଙ୍କ ପାଇଁ ସରଂକ୍ଷିତ କରାଯାଇଥିଲା। ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବା ଓ ମହିଳାଙ୍କ ପାଇଁ ଆସନ ସରଂକ୍ଷିତ କରିବା କ୍ଷେତ୍ରରେ ବିଜୁ ପଟ୍ଟନାୟକଙ୍କ ପଦକ୍ଷେପ ପାଇଁ ଓଡ଼ିଶା ସାରା ଦେଶ ପାଇଁ ମାର୍ଗଦର୍ଶକ ସାଜିଥିଲା। ବାସ୍ତବିକ ଏହା ଥିଲା ଓଡ଼ିଆ ଅସ୍ମିତା। ଏହା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ହୋଇପାରିଥିବାରୁ ବିଜୁ ବାବୁଙ୍କ ଜନ୍ମ ଦିବସରେ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ତତ୍କାଳୀନ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ନବେ ଦଶକରୁ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନରେ ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ରାଜ୍ୟ ସରକାରଙ୍କ ଦ୍ୱାରା ପାଳିତ ହୋଇଆସୁଛି। ଅପରପକ୍ଷରେ ଏହା ୧୯୯୪ ମସିହା ଏପ୍ରିଲ ୨୪ ତାରିଖ ଦିନ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହୋଇଥିଲା। ଏହାର ୧୬ ବର୍ଷ ପରେ ଅର୍ଥାତ ୨୦୧୦ ମସିହା ଏପ୍ରିଲ ୨୪ ତାରିଖ ଦିନ କେନ୍ଦ୍ର ସରକାର ଏହି ଦିନଟିକୁ ଦେଶରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବା ନିଷ୍ପତ୍ତି ନେଇଥିଲେ। କେନ୍ଦ୍ର ସରକାର ପଞ୍ଚାୟତିରାଜ ଦିବସ ପାଳିବାର ଯଥେଷ୍ଟ ପୂର୍ବରୁ ଓଡ଼ିଶା ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳିଆସୁଛି। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନର ବିଜେପି ସରକାର ଏହି ନିଷ୍ପତ୍ତିକୁ ବଦଳେଇ ଦେଇ ଓଡ଼ିଶାର ଗୌରବକୁ କ୍ଷୁଣ୍ଣ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ। ଏହି ନିଷ୍ପତ୍ତି ପଛରେ ରାଜ୍ୟ ସରକାରଙ୍କ ଅସୂୟା ଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି ବୋଲି ଶ୍ରୀ ଦାସବର୍ମା କହିଥିଲେ। ଦଳର ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ରାଜ୍ୟ ସରକାର କ୍ଷମତାକୁ ଆସିବା ଦିନଠାରୁ ବିଜୁ ପଟ୍ଟନାୟକଙ୍କ କୃତୀକୁ ସୁଚିନ୍ତିତ ଉପାୟରେ ମଳିନ କରିବାକୁ ଅପଚେଷ୍ଟା କରୁଛନ୍ତି। ଉଦାହରଣ ସ୍ୱରୂପ, ବିଜୁ ବାବୁଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସମ୍ମାନଜନକ ଅନ୍ତର୍ଜାତୀୟ କଳିଙ୍ଗ ପୁରସ୍କାରକୁ କେନ୍ଦ୍ର ସରକାର ଅନୁଦାନ ଦେବାକୁ ମନା କରିଦେବା ପରେ ଏହା ବନ୍ଦ ହେବାକୁ ଯାଉଛି। ଏହାକୁ ନେଇ ବିଜେଡିର ବିଧାୟକମାନେ ବିଧାନସଭାରେ ଉତ୍ଥାପନ କରିଥିଲେ ହେଁ ରାଜ୍ୟ ସରକାର ନିରବ ଅଛନ୍ତି। ସେହିପରି, ବିଜୁ ବାବୁଙ୍କ ଜୟନ୍ତୀ ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ସପ୍ତାହ ବ୍ୟାପୀ ଉଦ୍ୟୋକ୍ତା ସମ୍ମିଳନୀ ହୋଇଆସୁଥିଲା ଯେଉଁଥିରେ ଉଦ୍ୟୋଗପତିମାନେ ଯୋଗ ଦିଅନ୍ତି ଓ ସେମିନାର ଏବଂ କର୍ମଶାଳା ଇତ୍ୟାଦି ଆୟୋଜନ କରାଯାଇ ଆସୁଥିଲା। କିନ୍ତୁ ତାକୁ ମଧ ଏ ବର୍ଷ ଆୟୋଜନ କରାଯାଉ ନାହିଁ। ରାଜ୍ୟ ବିଜେପି ସରକାରଙ୍କ ଏହି କାର୍ଯ୍ୟ ତାଙ୍କ ହୀନମନ୍ୟତାକୁ ଦର୍ଶାଉଛି। ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକୁ ଦୃଢ଼ ନିନ୍ଦା କରୁଛି। ରାଜ୍ୟ ବିଜେପି ସରକାରଙ୍କ ଏହି ଅବିଚାର ପ୍ରତି ଓଡ଼ିଶାର ଜନସାଧାରଣ ବିଚାର କରିବେ ବୋଲି ଶ୍ରୀ ନାୟକ କହିଥିଲେ। ଦଳର ବରିଷ୍ଠ ମିଡ଼ିଆ ସଂଯୋଜକ ପ୍ରତାପ ଜେନା ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶାରୀରିକ ପରୀକ୍ଷା...

ପରୀକ୍ଷା ହୋଇଥିଲା । ପ୍ରବୀଣ କୁମାର ପଣ୍ଡା ଫରେଷ୍ଟ ଗାର୍ଡ ଏବଂ ଫରେଷ୍ଟର ପଦବୀ ପାଇଁ ଆବେଦନ କରିଥିଲେ। ଭବାନୀପୁରରୁ ବାରଗାଡ ୨୫ କିଲୋମିଟର ଦୌଡ଼ରେ ଭାଗ ନେଇଥିବା ବେଳେ ସୁନ୍ଦରଗଡ଼ ସଦର ଥାନା କିରେଇ ନିକଟରେ ସେ ଅଚେତ ହୋଇପଡ଼ିଥିଲେ। ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଶିଷ୍ଟ ଅତିଥି ...

ଶ୍ରୀ ମାଝୀ ନବୀନଙ୍କୁ ସନ୍ଧ୍ୟା ୭ ତା ସମୟରେ ଭୁବନେଶ୍ୱର ଜୟଦେବ ଭବନ ଆସିବାକୁ ଅନୁରୋଧ କରିଥିବା ଜଣାପଡିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୨୦ ମସିହା ପରଠାରୁ ମାର୍ଚ୍ଚ ୫ ତାରିଖରେ ବିଜୁ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ରାଜ୍ୟ ସରକାର ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେବା ପରେ ବୁଧବାର କେବଳ ବିଜୁ ଜୟନ୍ତୀ ଉତ୍ସବ ପାଳନ କରାଯିବ।

## କାହାକୁ ମିଆଁ-ତିଆଁ ...

ଭାବନାକୁ ଆଘାତ ଦେବା), ୫୦୪ (ଶାନ୍ତି ଭଙ୍ଗ କରିବା ଉଦ୍ଦେଶ୍ୟରେ ଅପମାନ) ଏବଂ ୩୫୩ (ସରକାରୀ କର୍ମଚାରୀଙ୍କୁ କର୍ତ୍ତବ୍ୟ ପାଳନରୁ ନିବୃତ୍ତ କରିବା ପାଇଁ ଆକ୍ରମଣ ) ଅନୁଯାୟୀ ଅପରାଧ ପାଇଁ ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା।

ଝାଡ଼ଖଣ୍ଡ ହାଇକୋର୍ଟଙ୍କ ଏକ ଆଦେଶକୁ ଖାରଜ କରି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ଆବେଦକ ସୂଚନାଦାତାଙ୍କୁ ମିଆଁ-ତିଆଁ ଏବଂ ପାକିସ୍ତାନୀ ବୋଲି କହି ତାଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଥିବା ଅଭିଯୋଗ ହୋଇଛି। ନିଃସନ୍ଦେହରେ, ଦିଆଯାଇଥିବା ବୟାନଗୁଡ଼ିକ ଖରାପ ହୋଇପାରେ। ତଥାପି ଏହା ସୂଚନାଦାତାଙ୍କ ଧାର୍ମିକ ଭାବନାକୁ ଆଘାତ ଦେବା ଭଳି ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ନ୍ୟାୟାଳୟଙ୍କ ଅନୁଯାୟୀ, ଅଭିଯୁକ୍ତଙ୍କ ପକ୍ଷରୁ ଏପରି କୌଣସି କାର୍ଯ୍ୟ କରାଯାଇ ନାହିଁ, ଯାହା ଶାନ୍ତି ଭଙ୍ଗ କରିଥାନ୍ତା। ଅନ୍ୟପକ୍ଷେ ଧାରା ୩୫୩ ଆଇପିସି(ସରକାରୀ କର୍ମଚାରୀଙ୍କୁ କର୍ତ୍ତବ୍ୟ ପାଳନରୁ ନିବୃତ୍ତ କରିବା ପାଇଁ ଆକ୍ରମଣ କିମ୍ବା ଅପରାଧିକ ବଳ) କରିବା ପାଇଁ ଆବେଦନକାରୀଙ୍କ ଦ୍ୱାରା କୌଣସି ଆକ୍ରମଣ କିମ୍ବା ବଳ ପ୍ରୟୋଗ କରାଯାଇ ନଥିଲା ବୋଲି କୁହାଯାଇଛି।

## ଅଷ୍ଟ୍ରେଲିଆକୁ ହରାଇ...

ଉଭୟ ତୃତୀୟ ୱିକେଟ୍‌ରେ ୯୧ ରନ ଯୋଡ଼ି ଦଳର ବିଜୟ ପାଇଁ ମୂଳଦୁଆ ପକାଇଥିଲେ। ୧୩୪ ରନ ସ୍କୋରରେ ଶ୍ରେୟସ ଆୟର ବ୍ୟକ୍ତିଗତ ୪୫ ରନର ଉପଯୋଗୀ ଇନିଂସ ଖେଳି ପାଭିଲିୟନ ଫେରିଥିଲେ।

ଅନ୍ୟପଟେ ବିରାଟ କୋହଲି ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ବିରାଟ କୋହଲି ଓ ଅକ୍ଷର ପଟେଲ୍ ଚତୁର୍ଥ ୱିକେଟ୍‌ରେ ୪୪ ରନ ଯୋଡ଼ିଥିଲେ। ଅକ୍ଷର ୨୭ ରନ କରି ପାଭିଲିୟନ ଫେରିଥିଲେ। ଭାରତ ବିଜୟ ଆଡ଼କୁ ଅଗ୍ରସର ହେଉଥିବା ବେଳେ କୋହଲି ମଧ ଶତକ ଅଭିମୁଖେ ବଢ଼ୁଥିଲେ। ହେଲେ ବଡ଼ ସଟ୍ ଖେଳିବାକୁ ଯାଇ କୋହଲି ୮୪ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ମ୍ୟାଚ୍ ରୋମାଞ୍ଚକର ମୋଡ଼ ନେଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ୩ ଛକା ଜରିଆରେ ବିସ୍ଫୋରକ ୨୮ ରନ କରି ଭାରତର ବିଜୟ ସୁନିଶ୍ଚିତ କରିଥିଲେ। କେଏଲ ରାହୁଲ ବିଜୟ ସୂଚକ ଛକା ମାରି ଭାରତକୁ ଜିତାଇଥିଲେ। ସେ ୪୨ ରନ କରି ଅପରାଜିତ ଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆକୁ ତୃତୀୟ ଓଭରରେ ଝଟ୍‌କା ଲାଗିଥିଲା। କୁପର କୋନୋଲି ଖାତା ଖୋଲି ପାରି ନ ଥିଲେ। ଟ୍ରେଭିସ ହେଡ୍ ପ୍ରଥମେ ସତର୍କତାର ସହ ବ୍ୟାଟିଂ କରିଥିଲେ। କ୍ରିଜ୍‌ରେ ଜମିବା ପରେ ବଡ ସଟ୍ ଖେଳିଥିଲେ। ହେଡ୍ ଓ ଅଧିନାୟକ ଷ୍ଟିଭ ସ୍ମିଥ୍ ଦ୍ୱିତୀୟ ୱିକେଟ୍ ପାଇଁ ୫୦ ରନ ଯୋଡ଼ିଥିଲେ। ୫୪ ରନ ସ୍କୋରରେ ହେଡ୍‌ଙ୍କୁ ଆଉଟ୍ କରି ବରୁଣ ଚକ୍ରବର୍ତ୍ତୀ ଭାରତକୁ ବହୁତ ବଡ଼ ସଫଳତା ଦେଇଥିଲେ। ହେଡ୍ ୩୩ ବଲ୍‌ରୁ ୫ ଚୌକା ଓ ୨ ଛକା ସହ ୩୯ ରନ କରିଥିଲେ। ହେଡ୍ ଆଉଟ୍ ହେବାପରେ ସ୍ମିଥ ଓ ମାର୍ନସ ଲାବୁସେନ ଦଳର ଇନିଂସ ସମ୍ଭାଳିଥିଲେ। ଉଭୟ ରନ ଗତି ବଜାୟ ରଖି ତୃତୀୟ ୱିକେଟ୍ ପାଇଁ ୫୬ ରନ ଯୋଡ଼ିଥିଲେ। ଲାବୁସେନ ୨୯ ରନ କରି ରବୀନ୍ଦ୍ର ଜାଡେଜାଙ୍କ ବଲରେ ଏଲବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଜୋସ୍ ଇଙ୍ଗ୍ଲିଶ(୧୧) କ୍ରିଜରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ଏହା ପରେ ସ୍ମିଥ ଓ ଆଲେକ୍ସ କେରି ପଞ୍ଚମ ୱିକେଟ୍‌ରେ ୫୪ ରନ ଯୋଡ଼ି ଦଳର ସ୍କୋରକୁ ୧୯୮ ରନରେ ପହଞ୍ଚାଇଥିଲେ।

ସ୍ମିଥଙ୍କୁ କ୍ଲିନ ବୋଲ୍ଡ କରି ମହମ୍ମଦ ଶାମି ଭାରତକୁ ବଡ଼ ସଫଳତା ଦେଇଥିଲେ। କଙ୍ଗାରୁ ଅଧିନାୟକ ୭୩ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ନିମ୍ନକ୍ରମରେ ୱିକେଟ୍ କିପର ବ୍ୟାଟର ଆଲେକ୍ସ କେରି ଦମଦାର ବ୍ୟାଟିଂ କରିଥିଲେ। ସେ ୫୭ ବଲ୍‌ରୁ ୮ ଚୌକା ଓ ୧ ଛକା ସହ ୬୧ ରନ କରିଥିଲେ। ବେନ ଦ୍ୱାରାସିସ୍ ୧୯ ରନର ଛୋଟ ଇନିଂସ ଖେଳିଥିଲେ। ଶେଷରେ ଅଷ୍ଟ୍ରେଲିଆ ୨୬୪ ରନରେ ଅଲଆଉଟ୍ ହୋଇଯାଇଥିଲା।

ବୋଲିଂରେ ଭାରତ ପକ୍ଷରୁ ମହମ୍ମଦ ଶାମି ୧୦ ଓଭରରେ ୪୮ ରନ ଦେଇ ୩ଟି ସଫଳତା ପାଇଥିଲେ। ରବୀନ୍ଦ୍ର ଜାଡ଼େଜା ୪୦ ରନରେ ୨ଟି ଓ ବରୁଣ ଚକ୍ରବର୍ତ୍ତୀ ୪୯ ରନରେ ୨ଟି ୱିକେଟ୍ ନେଇଥିଲେ। ଅକ୍ଷର ପଟେଲ୍ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା।

# ଛତିଶଗଡ ସୁକୁମାରେ ଲାଲ୍ ଆତଙ୍କ, ବୃଦ୍ଧଙ୍କୁ ନିର୍ମମ ଭାବରେ ଗଳାକାଟି ହତ୍ୟା

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ଛତିଶଗଡ ସୀମାନ୍ତ ସୁକୁମା ଜିଲ୍ଲାରେ ମାଓ ହିଂସା । ଘରେ ଶୋଇଥିବାବେଳେ ବୃଦ୍ଧଙ୍କୁ ନିର୍ମମ ଭାବରେ ଗଳାକାଟି ହତ୍ୟା କରିଛନ୍ତି। ମୃତକ ପୂର୍ବତନ ବିଧାୟକ ମନିଷ କୁଞ୍ଜାଲଙ୍କ ସାନ ଶ୍ୱଶୁର କମଲୁ ହିଡମା । ସେ ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ ପେଣ୍ଟାପାଡ ଗାଁ ସ୍ଥିତ ନିଜ ଘରେ ଶୋଇଥିଲେ ।

**OFFICE OF THE COLLECTOR & DISTRICT MAGISTRATE, JAGATSINGHPUR**
**(District Social Welfare Section)**

Ph 06724-220865
E. Mail – dswojspur@nic.in

**TENDER CALL NOTICE**
NO. 612 /DT. 4/03/2025

Sealed tenders are invited from the intending eligible and Registered Firms/authorized licenced Transport Contractors/Agents for undertaking ICDS Project wise transportation of Rice & Wheat under the carriage by Road Act 2007 and the Carriage by Road Rule 2011 from concern Transportation Authority for Transportation of Rice & Wheat under SNP & SAG feeding Programme in all 8 nos ICDS of Jagatsinghpur District **(Balikuda, Biridi, Erasama, Jagtsinghpur, Kujanga, Naugaon, Raghunathpur and Tritol ICDS Project)** for the year 2025-2026.

Details of the Term & Condition is available in the Office of the Collector, Jagatsinghpur (Social Welfare Section) and District Website i.e www.jagatsighpur.nic.in

The details of Tender process as follows.

1. Period of sale of Tender document from :- 05/03/2025 (10.00AM)
2. Last date for receipt of Tender document : - 25/03/2025(5.00.PM)
3. Date of Opening of Tender :- 26/03/2025 (4.00.PM)
4. Tender Paper cost :- Rs. 3000.00 (Rupees Three thousand)only

Collector & District Magistrate,
Jagatsinghpur

OIPR-24275/11/0001/2425

ଭୁବନେଶ୍ୱର
୦୫ ମାର୍ଚ୍ଚ,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

**ଶ୍ରୀମନ୍ଦିର ସୁରକ୍ଷା ନେଇ ଉଠିଲା ପ୍ରଶ୍ନ : ପୁଣି ଭାଇରାଲ ହେଲା ଶ୍ରୀମନ୍ଦିର ଭିତର ବେଢ଼ା ଭିଡିଓ**

# ଆଜି ମହାପ୍ରଭୁଙ୍କ ହେବ ବନକଲାଗି ନୀତି : ସାଧାରଣ ଦର୍ଶନ ବନ୍ଦ

**ପୁରୀ, ୪/୩ ନ୍ୟୁଜ ବ୍ୟୁରୋ**

ବୁଧବାର ମହାପ୍ରଭୁଙ୍କର ହେବ ବନକଲାଗି ନୀତି। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବୁଧବାର ଫାଲଗୁନ ଶୁକ୍ଳ ଷଷ୍ଠୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏହାଦ୍ୱାରା ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗର ଶ୍ରୀ ବୃଦ୍ଧି ହୁଏ। ଏହି ବିଶେଷ ନୀତି ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ବନକଲାଗି ପାଇଁ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୂର, କଇଥ ଅଠା, କସ୍ତୁରୀ ଓ କଳା ଇତ୍ୟାଦି ବ୍ୟବହାର କରାଯିବ। ପାଳିଆ ପୂଜାପଣ୍ଡା, ପାଳିଆ ଖୁଣ୍ଟିଆ, ଗରାବଡୁ, ପାଳିଆ ପୁଷ୍ପାଳକ, ଚାଙ୍ଗଡ଼ା ମେକାପ, ମୁଦୁଲି ଆଦି



ସେବକମାନେ ଏହି ନୀତି ସମ୍ପାଦନ କରିବେ। ଏହି ନୀତି ସମ୍ପାଦନା ପରେ ଠାକୁରଙ୍କ ମହାସ୍ନାନ ନୀତି ସମ୍ପନ୍ନ ହେବ। ପରେ ଶ୍ରଦ୍ଧାଳୁମାନେ ରତ୍ନସିଂହାସନ ଉପରେ ବିରାଜମାନ ଶ୍ରୀଜୀଉଙ୍କୁ ଦର୍ଶନ କରିବାର ସୁଯୋଗ ଲାଭ କରିପାରିବେ। ସେହିପରି ଶ୍ରୀମନ୍ଦିର ସୁରକ୍ଷା ନେଇ ପୁଣି ଉଠିଲା ପ୍ରଶ୍ନ। କାରଣ ଦୁଇ ମାସରେ ଦ୍ୱିତୀୟ ଥର ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଭିଡିଓ। ଲଭ ଡଟ୍ ପ୍ରଧାନ ନାମକ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଭିଡିଓ। ଭିଡିଓଟିରେ ଜଣେ ଯୁବତୀ ନଜର ଆସୁଥିବା ଦେଖିବାକୁ ମିଳିଥିବାବେଳେ, ଶ୍ରୀମନ୍ଦିର ଭିତର ବେଢ଼ାରେ ନୃସିଂହଙ୍କ ମନ୍ଦିର ଭିଜୁଆଲ ରହିଛି। ନୃସିଂହ ମନ୍ଦିର ସମ୍ମୁଖରୁ ଶ୍ରୀମନ୍ଦିରର ଫଟୋ ଉତ୍ତୋଳନ କରାଯାଇଥିବା ଦେଖିବାକୁ ମିଳିଛି। ଏବେ ଏହାକୁ ନେଇ ପୁଣି ବିବାଦ ଘନେଇଛି। ଜଗନ୍ନାଥ ପ୍ରେମୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସୂଚନାଥାଉକି, ପୂର୍ବରୁ ଜାନୁଆରୀ ମାସରେ ମଧ୍ୟ ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ଭାଇରାଲ ହୋଇଥିଲା। ବୃନ୍ଦାବନର ଜଣେ ବ୍ୟକ୍ତି ବାଙ୍କେ ବିହାରୀ ଅନନ୍ତ ନିଜ ଇନଷ୍ଟାଗ୍ରାମ ଓ ଫେସବୁକରେ ଶ୍ରୀମନ୍ଦିର ଗର୍ଭଗୃହର ଭିଡିଓ ଭାଇରାଲ୍ କରିଥିଲେ । ଯାହାକୁ ନେଇ ବିବାଦ ଦେଖାଦେଇଥିଲା।

# ଏବେ ନେତ୍ରହୀନ ବି ହୋଇ ପାରିବେ ଜଜ୍ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ ୪ ।୩**

ସୁପ୍ରିମକୋର୍ଟ ଏକ ଐତିହାସିକ ରାୟରେ କହିଛନ୍ତି ଯେ ନେତ୍ରହୀନଙ୍କୁ ବିଚାର ବିଭାଗୀୟ ସେବା ନିମନ୍ତେ 'ଅଯୋଗ୍ୟ' ମନେ କରାଯାଇ ପାରିବ ନାହିଁ। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ଜେ.ବି.ପାରଦୀୱାଲା ଓ ଜଷ୍ଟିସ୍ ଆର.ମହାଦେବନଙ୍କ ପୀଠ ସେହି ନିବେଦନର ଶୁଣାଣିରେ ଏହି ନିଷ୍ପତ୍ତି ଦେଇଛନ୍ତି, ଯେଉଁଥିରେ ବିଚାରବିଭାଗୀୟ ସେବାରେ ନେତ୍ର ହୀନ ଓ କ୍ଷୀଣ ଦୃଷ୍ଟିଶକ୍ତି ସମ୍ପନ୍ନ ପ୍ରାର୍ଥୀଙ୍କୁ ରିଜର୍ଭେସନ ଦିଆଯାଉ ନଥିବାର ପ୍ରଶ୍ନ ଉଠାଯାଇଥିଲା। କୋର୍ଟ ବିଶେଷ କରି ମଧ୍ୟପ୍ରଦେଶ ବିଚାରବିଭାଗୀୟ ସେବା ନିୟମର ୬-ଏର ନିୟମକୁ ଅସାମ୍ବିଧାନିକ ବୋଲି କହିଛନ୍ତି, କାରଣ ଏଥିରେ ନେତ୍ରହୀନ ପ୍ରାର୍ଥୀଙ୍କୁ ଆବେଦନ କରିବାର ଅନୁମତି ଦିଆଯାଉନଥିଲା। ଏହା ସହିତ ନିୟମ ୭ର ସେହି ପ୍ରାବଧାନକୁ ମଧ୍ୟ ନିରସ୍ତ କରାଯାଇଛି ଯେଉଁଥିରେ ପ୍ରାର୍ଥୀଙ୍କ ନିମନ୍ତେ ବାଧ୍ୟତାମୂଳକ ରୂପେ ୩ ବର୍ଷର ଓକିଲାତିର ଅଭିଜ୍ଞତା ଅଥବା ପ୍ରଥମ ଥରରେ ୭୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାର ସର୍ତ୍ତ ଥିଲା। କୋର୍ଟ ଏହାକୁ



ସମାନତାର ଅଧିକାର ଉଚିତ ଅବସର ସିଦ୍ଧାନ୍ତର ବିପରୀତ ବୋଲି କହିଛନ୍ତି। ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ରାଜ୍ୟ ସରକାରଙ୍କୁ ସକରାତ୍ମକ ପଦକ୍ଷେପ ନେବା ଦରକାର ଯାହାଦ୍ୱାରା ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ଲାଗି ଏକ ଅନ୍ତର୍ଭୁକ୍ତିମୂଳକ ଚୟନ ପ୍ରକ୍ରିୟା ପ୍ରସ୍ତୁତ କରାଯାଇ ପାରିବ। କୋର୍ଟ ଏ କଥା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି ଯେ କଠୋର କଟ୍-ଅଫ ମାର୍କ ଅଥବା ଜଟିଳ ଚୟନ ପ୍ରକ୍ରିୟା ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ନିମନ୍ତେ ଅପ୍ରତ୍ୟକ୍ଷ ଭେଦଭାବର କାରଣ ହୋଇପାରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ମଧ୍ୟରୁ ଗୋଟିଏ ହେଉଛି ନେତ୍ରହୀନ ପ୍ରାର୍ଥୀଙ୍କ ଲାଗି ପ୍ରତ୍ୟେକ ପର୍ଯ୍ୟାୟ ଚୟନ ପରୀକ୍ଷାରେ ଅଲଗା କଟ୍-ଅଫ୍ ନିର୍ଦ୍ଧାରଣ କରାଯିବ। ଏଥିରୁ ଏହା ସୁନିଶ୍ଚିତ ହେବ ଯେ ସେମାନଙ୍କ ଯୋଗ୍ୟତାକୁ ଉଚିତ ରୂପେ ଅଙ୍କା ଯାଇ ପାରିବ। ଯାହାଦ୍ୱାରା ସେମାନେ ସମାନ ଆଧାରରେ ପ୍ରତିଯୋଗୀତାରେ ସାମିଲ ହୋଇ ପାରିବେ। ସୁପ୍ରିମକୋର୍ଟ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪, ୧୫ ଓ ୧୬ର ଉଦାହରଣ ଦେଇ କହିଛନ୍ତି ଯେ ସମାନତା ଓ ଅନ୍ତର୍ଭୁକ୍ତି ଭାରତୀୟ ନ୍ୟାୟିକ ପ୍ରଣାଳୀର ଭିତ୍ତିଭୂମି। ଏହି ରାୟ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାର୍ବଜନିକ ସେବାରେ ସମାନ ଅବସର ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି। କୋର୍ଟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ବିଚାରବିଭାଗୀୟ ଅଧିକାରୀ ନିଯୁକ୍ତି ପ୍ରକ୍ରିୟାକୁ ୩ ମାସରେ ପୁରା କରାଯାଉ ଓ ନେତ୍ରହୀନ ପ୍ରାର୍ଥୀଙ୍କୁ ସମାନ ଅବସର ଦିଆଯାଉ। ରାୟରେ ସମ୍ବିଧାନ ସଂଶୋଧନର ମଧ୍ୟ ଉଲ୍ଲେଖ କରାଯାଇଛି ଯେଉଁଥିରେ ଦୁର୍ବଳ ବର୍ଗ ଯେପରିକି ଦିବ୍ୟାଙ୍ଗଙ୍କ ଅଧିକାର ସୁନିଶ୍ଚିତ କରିବାର କଥା କୁହାଯାଇଛି।

## ପୁରୀ ଆସୁଥିବା ନନ୍ଦନକାନନ ଏକ୍ସପ୍ରେସ୍ ହୋଇଗଲା ୨ ଭାଗ

# ୨୦୦ ମିଟର ଆଗକୁ ପଳାଇଲା ଇଞ୍ଜିନ୍ ସହ ୬ କୋଚ୍



**ନୂଆଦିଲ୍ଲୀ, ୪/୩**

ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ନନ୍ଦନକାନନ ଏକ୍ସପ୍ରେସ୍ । ଦିଲ୍ଲୀ ଆନନ୍ଦବିହାର ଟର୍ମିନାଲରୁ ପୁରୀ ଅଭିମୁଖେ ଆସୁଥିବା ନନ୍ଦନକାନନ ଏକ୍ସପ୍ରେସ୍ ୨ ଭାଗ ହୋଇ ଯାଇଛି । ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଜଙ୍କସନରେ ଏହି ଅଘଟଣ ଘଟିଛି । ତେବେ ଟ୍ରେନ୍‌ଟିର ବେଗ କମ୍ ଥିବାରୁ ଟଳି ଯାଇଛି ବଡ଼ ଦୁର୍ଘଟଣା । ସୋମବାର ରାତିରେ ଏହି ଅଘଟଣ ଘଟିଛି । ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୬ଟା ୨୫ ପରିବର୍ତ୍ତେ ୩ ଘଣ୍ଟା ବିଳମ୍ବରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଜଙ୍କସନରେ ପହଞ୍ଚିଥିଲା ନନ୍ଦନକାନନ ଏକ୍ସପ୍ରେସ୍ । ରାତି ସାଢ଼େ ୯ରେ ଟ୍ରେନ୍ ୧ ନମ୍ବର ପ୍ଲାଟଫର୍ମ ଛାଡ଼ିଥିଲା । ଟ୍ରେନ୍ ଷ୍ଟେସନରୁ ପ୍ରାୟ ୬ କିଲୋମିଟର ଯିବା ପରେ ଜଙ୍କସନର ହଟ୍ ନିକଟରେ ସ୍ଲିପର କୋଚ୍-୪ର କପଲିଂ ଭାଙ୍ଗି ଯାଇଥିଲା । ଫଳରେ ନନ୍ଦନକାନନ ଏକ୍ସପ୍ରେସର ଇଞ୍ଜିନ୍ ସହିତ ୬ଟି କୋଚ୍ ୨୦୦ ମିଟର ଆଗକୁ ବଢ଼ିଥିବା ବେଳେ ଏସି କୋଚ୍, ଗାର୍ଡ ବଗି ସହ ପଛରେ ରହି ଯାଇଥିଲା ୧୫ଟି କୋଚ୍ । ଟ୍ରେନ୍ ୨ ଭାଗ ହୋଇଯିବା ପରେ ଆତଙ୍କିତ ହୋଇ ପଡ଼ିଥିଲେ ଯାତ୍ରୀ । ଏହା ପରେ ଟ୍ରେନ୍ ମ୍ୟାନେଜରଙ୍କ ସୂଚନା ପରେ ଟ୍ରେନ୍‌କୁ ଅଟକାଇଥିଲେ ଲୋକ ପାଇଲଟ୍ । ଏହା ପରେ ନନ୍ଦନକାନନ ଏକ୍ସପ୍ରେସ୍ ପୁଣି ଥରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଜଙ୍କସନକୁ ଫେରିଥିଲା । ସେଠାରେ ଭାଙ୍ଗି ଯାଇଥିବା କପଲିଂକୁ କୋଚରୁ କାଟି ଅଲଗା କରାଯାଇଥିଲା। ଏହା ପରେ ଆଉ ୩ ଘଣ୍ଟା ବିଳମ୍ବରେ ରାତି ସାଢ଼େ ୧୧ଟାରେ ପୁରୀ ଅଭିମୁଖେ ବାହାରିଥିଲା ନନ୍ଦନକାନନ ଏକ୍ସପ୍ରେସ୍।

# କୁମାରୀ ମାତୃତ୍ୱ ପୂର୍ବରୁ ଗର୍ଭନଷ୍ଟ : ସ୍ୱାସ୍ଥ୍ୟ ବିଭାଗ ଆଣିବ ଏସ୍‌ଓପି

**କଟକ, ୦୪/୦୩ ନ୍ୟୁଜ ବ୍ୟୁରୋ**

ନାବାଳିକା ଗର୍ଭବତୀ ହେବା ପରେ ଗର୍ଭ ନଷ୍ଟ କରିବା ପାଇଁ ରହିଥିବା ସରକାରୀ କଟକଣା ହଟାଇବା ଲାଗି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଏହି ଅବସରରେ ହାଇକୋର୍ଟ ଏକ ବିସ୍ତୃତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର (ଏସ୍‌ଓପି) ଜାରି କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏସ୍‌ଓପି ପ୍ରସ୍ତୁତି ଲାଗି ସ୍ତ୍ରୀ ରୋଗ ବିଶେଷଜ୍ଞ, ପ୍ରସୂତି ବିଶେଷଜ୍ଞ ଏବଂ ସ୍ୱାସ୍ଥ୍ୟ ଆଇନ୍ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ଅଦାଲତ ପରାମର୍ଶ ଦେଇଛନ୍ତି। ଏସ୍‌ଓପି ପ୍ରସ୍ତୁତ ହେବା ପରେ ବିଜ୍ଞପ୍ତି ଭାବେ ପ୍ରକାଶ କରାଯିବ। ଏସ୍‌ଓପି କପିକୁ ପ୍ରତ୍ୟେକ ସରକାରୀ ଏବଂ ଘରୋଇ ମେଡିକାଲ ମଧ୍ୟରେ ବଣ୍ଟାଯିବା ସହ ସଚେତନତା ସୃଷ୍ଟି କରାଯିବ। ସହଜ ଏବଂ ସମୟ ସାପେକ୍ଷରେ ଯେପରି ଗର୍ଭନଷ୍ଟ କରାଯାଇ ପାରିବ ଉକ୍ତ ଏସ୍‌ଓପି ତାହା ନିଶ୍ଚିତ କରିବ। ଅଯଥାରେ ଗର୍ଭନଷ୍ଟ ପାଇଁ ସମୟ




ଅପଚୟକୁ ରୋକିବା, ପ୍ରଶାସନିକ ସ୍ତରରେ ଏବଂ ଆଇନଗତ ସମସ୍ୟାକୁ ଦୂର କରିବା ଦିଗରେ ମଧ୍ୟ ଏହି ଏସ୍‌ଓପିରେ ସ୍ପଷ୍ଟ ଉଲ୍ଲେଖ ରହିବ। ରୋଗୀଙ୍କର ମାନସିକ ଅବସ୍ଥା ଯେପରି ଠିକ୍ ରୁହେ, ସେଥିପାଇଁ ଜଣେ ମାନସିକ ବିଶେଷଜ୍ଞଙ୍କ ପରାମର୍ଶ ନିହାତି ନିଆଯିବ। ଏସ୍‌ଓପିର କାର୍ଯ୍ୟକାରିତାକୁ ନେଇ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ଏବଂ ପରିବାର ବିଭାଗ ଏହାର ସମୀକ୍ଷା କରିବ। ଆବଶ୍ୟକସ୍ଥଳେ ସଂଶୋଧନ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇପାରିବ। ଏହି ବିଜ୍ଞପ୍ତି ସଂକ୍ରାନ୍ତରେ ପ୍ରତ୍ୟେକ ଥାନାର ପୁଲିସ୍ ଅଧିକାରୀଙ୍କୁ ସଚେତନ କରିବା ଦିଗରେ ପଦକ୍ଷେପ ନେବାକୁ ହାଇକୋର୍ଟ କହିଛନ୍ତି। ଏହି କପି ପାଇବାର ୬ମାସ ମଧ୍ୟରେ ଏସ୍‌ଓପି ଜାରି କରିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ପୀଡ଼ିତାଙ୍କ ଗର୍ଭ ନଷ୍ଟ ପାଇଁ ପରିବାର ପକ୍ଷରୁ ହୋଇଥିବା ଆବେଦନକୁ ଅନୁମତି ଦେବା ପରିପ୍ରେକ୍ଷୀରେ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ବାପା ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ତାଙ୍କ ଝିଅ ୧୩ ବର୍ଷର। ସେ ଅନୁସୂଚିତ ଜନଜାତି ବର୍ଗର। ସେ ରକ୍ତଶିକୁଳୀ ରୋଗରେ ପୀଡ଼ିତ। ବଳାତ୍କାର କାରଣରୁ ଝିଅ ଗର୍ଭବତୀ। ବଳାତ୍କାର ପରେ ଅଭିଯୁକ୍ତ ଧମକ ଚମକ ଦେବାରୁ ପୀଡ଼ିତା ଏହି ଘଟଣା ସଂକ୍ରାନ୍ତରେ ପରିବାରକୁ ଜଣାଇ ନ ଥିଲା। ମାସିକ ଋତୁସ୍ରାବରେ ଅନିୟମିତତା କାରଣରୁ ପରିବାର ଲୋକେ ଡାକ୍ତରଖାନାରେ ଦେଖାଇଥିଲେ। ପରୀକ୍ଷାରୁ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ସେତେବେଳକୁ ଗର୍ଭଧାରଣର ୨୪ସପ୍ତାହ ଅତିକ୍ରମ କରିସାରିଥିଲା। ସେ ୫ମାସରୁ ଊର୍ଦ୍ଧ୍ୱ ସମୟ ଗର୍ଭବତୀ ହୋଇଥିବା ସହ ରକ୍ତଶିକୁଳୀରେ ପୀଡ଼ିତ ଥିବାରୁ ପିଲା ଜନ୍ମ ଦେବା ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ମେଡିକାଲ କର୍ତ୍ତୃପକ୍ଷ ଆଶଙ୍କା ବ୍ୟକ୍ତ କରିଥିଲେ। ଗର୍ଭ ନଷ୍ଟ କରିବାକୁ ହେଲେ ଆଇନଗତ ପ୍ରତିବନ୍ଧକ ଥିବାରୁ ତାଙ୍କ ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଏଟିଏମ ଲୁଟେରା ମାଷ୍ଟର ମାଇଣ୍ଡ ରାଜୁ ଓ ରୁସ୍ତମଙ୍କୁ ଧରିଲା କମିଶନର

**ଭୁବନେଶ୍ୱର, ୪/୩**
**ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ନିଦ ହଜାଇଥିବା ଏଟିଏମ ଲୁଟେରା ଗ୍ୟାଙ୍ଗକୁ କାବୁ କଲା କମିଶନରେଟ ପୋଲିସ। ଦୀର୍ଘ ଦେଢମାସର କସରତ ପରେ ଧରାପଡ଼ିଲେ ସମସ୍ତ ୮ ଅପରାଧୀ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଗ୍ୟାଙ୍ଗକୁ ଚଳାଉଥିବା ୨ ମାଷ୍ଟରମାଇଣ୍ଡଙ୍କୁ ବି ରାଜ୍ୟ ବାହାରୁ ଆରେଷ୍ଟ କରିଛି ପୋଲିସ। ଲିଙ୍ଗରାଜ ଥାନା ଓ ଧଉଳି ଇନ୍ଦିରାକଲୋନୀ ଏଟିଏମ ଲୁଟ ଘଟଣାରେ ଏମାନେ ଥିଲେ ମାଷ୍ଟରମାଇଣ୍ଡ। କିଭଳି ଜେଲ୍ ଭିତରୁ ଲୁଟ୍‌ର ବ୍ଲୁପ୍ରିଣ୍ଟ ବନାଇଥିଲେ, ପୋଲିସ ଆଗରେ ଉଗାଳିଲେ ଅପରାଧୀ। ଜାନୁଆରୀ ୨୪ରେ ପୋଲିସର ନିଦ ହଜାଇଥିଲା ଭୁବନେଶ୍ୱର ଲିଙ୍ଗରାଜ ଥାନା ଶ୍ରୀରାମନଗରରେ ହୋଇଥିବା ଏଟିଏମ୍ ଲୁଟ୍ ଘଟଣା। ଏଠି ଏଟିଏମ୍‌ରୁ ଟଙ୍କା କ'ଣ ପୁରା ଏଟିଏମ୍‌କୁ ହିଁ ହରଣଚାଲ କରିନେଇଥିଲେ ଲୁଟେରା। ମେସିନ୍ ଭିତରେ ଥିବା ୨୨ ଲକ୍ଷ ଲୁଟିବା ସହ ଏଟିଏମ ମେସିନକୁ ନିକଟସ୍ଥ ଗଙ୍ଗୁଆ ନାଳରେ ଫିଙ୍ଗି ଚମ୍ପଟ୍ ମାରିଥିଲେ ଦୁର୍ବୃତ୍ତ। ପୋଲିସ ହାତରେ ଲାଗିଥିଲା କେବଳ ଚୋରିରେ ବ୍ୟବହୃତ ଚୋରି ଅଟୋ। ସେଇଦିନଠାରୁ ପ୍ରାୟ ଦେଢ଼ ମାସର କସରତ ପରେ ଧରାପଡ଼ିଛନ୍ତି ଅପରାଧୀ।

DADLS-103



ବିଜୁ ପଟ୍ଟନାୟକ
୫ ମାର୍ଚ୍ଚ ୧୯୧୬ - ୧୭ ଅପ୍ରେଲ ୧୯୯୭

ମହାନ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ
ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୫ ମାର୍ଚ୍ଚ ୨୦୨୫

OIPR-15001/13/0440/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର